

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୩୧ ଅଗଷ୍ଟ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 31 AUGUST 2023

Vol.No. 35 ■ No. 230■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ୨୦୨୪ ପାଇଁ ଉଭୟ ବିଜେପି ଓ ବିରୋଧୀଙ୍କ ମାଷ୍ଟରପ୍ଲାନ୍

### ସେପ୍ଟେମ୍ବର ୧ରେ ଦିଲ୍ଲୀରେ 'ଏନଡିଏ' ଓ ମୁମ୍ବାଇରେ 'ଇଣ୍ଡିଆ'ର ବୈଠକ



ନୂଆଦିଲ୍ଲୀ: ୨୦୨୪ ଲୋକସଭା ନିର୍ବାଚନରେ ବିଜେପିକୁ କ୍ଷମତାଚ୍ୟୁତ କରିବା ପାଇଁ ବିରୋଧୀ ମେଂଟ ଜୋରଦାର ପ୍ରୟାସ କରୁଛି । ପ୍ରଥମ ବୈଠକ ବିହାର ଓ ଦ୍ୱିତୀୟ ବୈଠକ ବେଙ୍ଗାଲୁରୁରେ ଆୟୋଜିତ ହୋଇଥିବାବେଳେ ତୃତୀୟ ବୈଠକ ମୁମ୍ବାଇରେ ହେବାକୁ ଯାଉଛି । ଏହାରି ଭିତରେ ଇଣ୍ଡିଆ ମେଂଟର ଦଳମାନେ ମୁମ୍ବାଇରେ ପହଁଚ ସାରିଲେଣି । ସୂଚନା ଅନୁସାରେ ମୁମ୍ବାଇର ପଂଚତାରକା ହୋଟେଲ ଗ୍ରାଣ୍ଡ ହାୟାତରେ ହେବ ଇଣ୍ଡିଆ ମେଂଟର ମେଳି । ସେପଟେ ୩୧ ତାରିଖରେ ଶିବସେନା ଉଦ୍ଧବ ଗୋଷ୍ଠୀ ପକ୍ଷରୁ ଡିନର ପାର୍ଟିର ଆୟୋଜନ କରାଯାଇଛି । ଯେଉଁଥିରେ ଏନସିପି ପ୍ରତିଷ୍ଠାତା ଶରଦ ପାୱାର ସାମିଲ ହେବେ ବୋଲି ଜଣାପଡିଛି । ଇଣ୍ଡିଆ ମେଂଟର ଏହି ବୈଠକ ବେଶ ଗୁରୁତ୍ୱ ବହନ କରୁଛି । ସୂଚନା ଅନୁସାରେ ବୈଠକରେ ମେଂଟର ସଂଯୋଜକଙ୍କ ନାଁ ଘୋଷଣାଠୁ ନେଇ ଲୋଗୋ ଉନ୍ମୋଚନ ହୋଇପାରେ । ଏଥିସହ ଆସନ ଭାଗବଂଟା ଉପରେ ମଧ ଚର୍ଚ୍ଚା କରିବେ ଇଣ୍ଡିଆ ମେଂଟରେ ସାମିଲ ଦଳ । ଗୋଟେ ପରେ ଘନ ଘନ ବୈଠକ କରି ବିରୋଧୀ ମେଂଟ ବିଜେପିକୁ ଶାସନ ଚ୍ୟୁତ କରିବା ପାଇଁ ପ୍ରୟାସ କରୁଥିବାବେଳେ ଅନ୍ୟପଟେ ଏନଡିଏ ମଧ ନିଜର ପ୍ରସ୍ତୁତି ଜୋରଦାର କରୁଛି । ଯଦି ଇଣ୍ଡିଆ ମେଂଟ ଗଛର ଡାଳେ ଡାଳେ ଯାଉଛି ଏନଡିଏ ମେଂଟ ପତ୍ର ପତ୍ରରେ ଯାଇ ନିଜର ରଣନୀତୀ ପ୍ରସ୍ତୁତି କରିଛି । ସୂଚନା ଅନୁସାରେ ସେପ୍ଟେମ୍ବର ଏକ ତାରିଖରେ ଏନଡିଏର ବୈଠକ ଡକାଯାଇଛି । ଏଥିରେ ଶିବସେନା ସିନ୍ଦେ ଗୋଷ୍ଠୀ ସାମିଲ ହେବେ । ସବୁଠୁ ବଡ କଥା ହେଉଛି ଇଣ୍ଡିଆ ମେଂଟର ବୈଠକକୁ ଅନୁକରଣ କରି ବୋଧହୁଏ ଏନଡିଏ ବୈଠକ କରୁଛି । ଜୁଲାଇ ୩୧ରେ ବସିଥିବା ଇଣ୍ଡିଆ ବୈଠକ ଦିନ ଏନଡିଏ ମଧ ବୈଠକ କରି ଶକ୍ତି ପ୍ରଦର୍ଶନ କରିଥିଲା । ଯେଉଁଥିରେ ୩୮ଦଳ ସାମିଲ ହୋଇଥିଲେ । ପୁଣି ଥରେ ସେପଟ୍ଟେମ୍ବର ୧ରେ ଉଭୟ ମେଂଟ ନିଜ ନିଜର ଶକ୍ତି ପ୍ରଦର୍ଶନ କରିବାକୁ ବାହାରିଛନ୍ତି ।

## ପୁରୀରେ ଯୁବକଙ୍କୁ ପିଟି ପିଟି ହତ୍ୟା

ପୁରୀ, ୩୦/୦୮ (ନି.ପ୍ର): ପୁରୀ ସହରର କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ଜଟିଆ ବାବାଜୀ ଛକରେ ଆଜି ଜଣେ ଯୁବକଙ୍କୁ ପିଟି ପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ମୃତ ଯୁବକଙ୍କ ନାଁ ଲଡୁ ନାୟକ। ତାଙ୍କ ଘର ନରେନ୍ଦ୍ରକୋଣ ଗୋପବନ୍ଧୁ କଲୋନୀରେ। ଲଡୁଙ୍କର ଆଜି କିଛି ଲୋକଙ୍କ ସହିତ ଝଗଡ଼ା ହୋଇଥିଲା। ସେହି ଲୋକମାନେ ମଧ ଗୋପବନ୍ଧୁ କଲୋନୀର। ଝଗଡ଼ା ବେଳେ ହଠାତ୍ ତିନି/ଚାରି ଜଣ ଲୋକ ସଂଘବଦ୍ଧ ଭାବେ ତାଙ୍କୁ ଆକ୍ରମଣ କରିଥିଲେ। ସେମାନେ ତାଙ୍କୁ ଲୁହା ପାଇପରେ ପିଟିଥିଲେ। ଲଡୁ ନାୟକଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଲଡୁ ତଳେ ପଡ଼ିଯିବା ପରେ ଆକ୍ରମଣକାରୀମାନେ ଫେରାର ହୋଇଯାଇଥିଲେ। ଏହା ପରେ ତାଙ୍କୁ ଉଦ୍ଧାର କରାଯାଇ ପୁରୀ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କୁମ୍ଭାରପଡ଼ା ଥାନା ପୁଲିସ ଘଟଣାର ତଦନ୍ତ କରୁଛି।

## ଲଘୁ ଖଣିଜ ନିର୍ଦ୍ଦେଶକଙ୍କ ବଦଳି: ୭ ଓଏଏସ ଅଫିସରଙ୍କୁ ନଗର ଉନ୍ନୟନ ବିଭାଗକୁ ବଦଳି

ଭୁବନେଶ୍ୱର, ୩୦/୦୮ (ନି.ପ୍ର): ରାଜ୍ୟ ସରକାର ବରିଷ୍ଠ ଓଏଏସ ଅଫିସରସ୍ତରରେ ଅଦଳବଦଳ କରିଛନ୍ତି । ୭ ଜଣ ବରିଷ୍ଠ ଓଏଏସ ଅଫିସରଙ୍କୁ ପରବର୍ତ୍ତୀ ନିଯୁକ୍ତି ପାଇଁ ନଗର ଉନ୍ନୟନ ବିଭାଗକୁ ବଦଳି ହୋଇଛି । ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ରାଜ୍ୟ ଲଘୁ ଖଣିଜ ନିର୍ଦ୍ଦେଶକ ତଥା ବରିଷ୍ଠ ଓଏଏସ୍ ଅଫିସର ପ୍ରଦୀପ କୁମାର ମିଶ୍ର-୨ଙ୍କୁ ଭୁବନେଶ୍ୱରସ୍ଥିତ ଅତିରିକ୍ତ ରିଭିଜିନାଲ କୋର୍ଟରେ ଅତିରିକ୍ତ କମିଶନର ଭାବେ ବଦଳି କରାଯାଇଛି । ସେହିପରି କେନ୍ଦୁଝର ଜିଲ୍ଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ଜୟଶ୍ରୀ ବେଉରା, କେନ୍ଦୁଝର ଅତିରିକ୍ତ ଉପଜିଲ୍ଲାପାଳ ସୋନା ଟୁଡୁ, ପାନପୋଷ ଅତିରିକ୍ତ ଉପଜିଲ୍ଲାପାଳ ସରୋଜିନୀ ପ୍ରସନ୍ନ କୁଲୁ, ସମ୍ବଲପୁର ଜିଲ୍ଲା ପରିଷଦ ଅତିରକ୍ତ ନିର୍ବାହୀ ଅଧିକାରୀ ରମେଶ ହାଂସଦା, ବରଗଡ଼ ଜିଲ୍ଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ସୁନୀଲ କୁମାର କେରକେଟା ଓ କନ୍ଧମାଳ ଜିଲ୍ଲା ପରଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ହରପ୍ରସାଦ ଭୋଇଙ୍କୁ ପରବର୍ତ୍ତୀ ନିଯୁକ୍ତି ନିମନ୍ତେ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗକୁ ବଦଳି କରାଯାଇଛି । ସେହିପରି ବରଗଡ଼ ଜିଲ୍ଲା ଭଟଲୀ ବିଡିଓ ଧୀରେନ୍ଦ୍ର କୁମାର ସେଠୀଙ୍କୁ ସୁନ୍ଦରଗଡ଼ ଆଇଟିଡିଏ ପ୍ରକଳ୍ପ ସହାୟକ ଭାବେ ବଦଳି ହୋଇଛି ।

## ବଡ଼ଭାଇ ରକ୍ତରେ ହୋଲି ଖେଳିଲା ସାନଭାଇ

ବୌଦ୍ଧ, ୩୦/୦୮ (ନି.ପ୍ର): ରକ୍ତର ସମ୍ପର୍କ ଭୁଲିଗଲା ଭାଇ। ସାମାନ୍ୟ କଳିରୁ ରକ୍ତର ହୋଲି ଖେଳିଲା ସାନଭାଇ। ଅତି ନିର୍ମମ ଭାବେ ବଡ଼ଭାଇକୁ କୋଦାଳରେ ପିଟିପିଟି ହତ୍ୟା କଲା ସାନଭାଇ। ଆଜି ଏପରି ବୀଭତ୍ସ ହତ୍ୟାକାଣ୍ଡ ବୌଦ୍ଧ ଜିଲ୍ଲାରେ ଘଟିଛି। ଏନେଇ ଅଭିଯୋଗ ହେବା ପରେ ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତ ସାନ ଭାଇକୁ ଗିରଫ କରି ଘଟଣାର ତଦନ୍ତ ଚଳାଇଛି। ଘରୋଇ କଳିକୁ ନେଇ ଆଜି ଅପରାହ୍ନ ସମୟରେ ବାଉଁଶୁଣି ଥାନା ଜମଘାଟି ଗାଁର ଚକ୍ର ପ୍ରଧାନଙ୍କ ସହିତ ତାଙ୍କ ସାନ ଭାଇ ମକର ପ୍ରଧାନ ସାମାନ୍ୟ ଗଣ୍ଡଗୋଳ ହୋଇଥିଲା। ପରବର୍ତ୍ତୀ ସମୟରେ ଏହି ଗଣ୍ଡଗୋଳ ଉଗ୍ରରୂପ ଧାରଣ କରିଥିଲା। ଏଥିସରେ ଉତ୍କ୍ଷିପ୍ତ ହୋଇ ମକର ପ୍ରଧାନ କୋଦାଳରେ ବଡ଼ ଭାଇ ଚକ୍ରଙ୍କୁ ପିଟିପିଟି ହତ୍ୟା କରିଥିଲା। ସାହିଭାଇ ଏନେଇ ପୁଲିସକୁ ଖବର ଦେଇଥିଲେ। ପୁଲିସ୍ ମକର ପ୍ରଧାନଙ୍କୁ ଗିରଫ କରିଛି। ଅନ୍ୟପକ୍ଷରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ହତ୍ୟାକାଣ୍ଡରେ ବ୍ୟବହୃତ କୋଦାଳକୁ ମଧ ପୁଲିସ ଜବତ କରିଛି। ପାରିବାରିକ ଗଣ୍ଡଗୋଳରୁ ଗଣ୍ଡଗୋଳର ସୂତ୍ରପାତ ହୋଇଥିବା ଜଣାପଡ଼ିଛି।

## ରଷିଆରେ ୟୁକ୍ରେନର ଡ୍ରୋନ୍ ଆକ୍ରମଣ: ବିମାନବନ୍ଦର ସହ ଅନେକ ବିମାନ ଧ୍ୱଂସ



ନୂଆଦିଲ୍ଲୀ,୩୦/୦୮ : ଦୀର୍ଘ ଦେଢ ବର୍ଷ ପରେ ଋଷ-ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ପୁଣି ଉଗ୍ର ରୂପ ଧାରଣ କରିଛି । ବୁଧବାର ରୁଷରେ ସବୁଠୁ ବଡ ଡ୍ରୋନ ଆକ୍ରମଣ ହୋଇଛି । ଏହି ଆକ୍ରମଣ ପାଇଁ ରୁଷ ୟୁକ୍ରେନକୁ ଦାୟୀ କରିଛି । ରୁଷର ପଶ୍ଚିମ ପିସ୍କୋଭ କ୍ଷେତ୍ରରେ ଥିବା ବିମାନବନ୍ଦରକୁ ଡ୍ରୋନ୍ ଆକ୍ରମଣ କରି ଋଷର ଅନେକ ବିମାନ ନଷ୍ଟ କରାଯାଇଛି । ଏପରିକି ସମ୍ପୂର୍ଣ୍ଣ ବିମାନ ବନ୍ଦରଟି ମଧ ଧ୍ୱଂସ ପାଇଯାଇଛି । ଋଷିଆର ଅନ୍ୟ ୬ ଟି ଅଂଚଳରେ ମଧ ଆକ୍ରମଣ ହୋଇଛି । ଆକ୍ରମଣ ପରେ ମସ୍କୋର ଆକାଶ ଧୂଆଁର ବାଦଲରେ ଘୋଡାଇ ହୋଇଯାଇଛି । ରୁଷର ପ୍ରତିରକ୍ଷା ମନ୍ତ୍ରାଳୟର ସୂଚନା ଅନୁଯାୟୀ ଚାରୋଟି ପରିବହନ ବିମାନ ନଷ୍ଟ ହୋଇଛି । ଆକ୍ରମଣ ପାଇଁ ୧୦ରୁ ୨୦ ଡ୍ରୋନ ବ୍ୟବହାର ହୋଇଥିବା ସୂଚନା ମିଳିଛି ୟୁକ୍ରେନର ଡ୍ରୋନ ଆକ୍ରମଣ ପରେ ପ୍ରତିଶୋଧ ଲକ୍ଷ୍ୟରେ ଆକ୍ରମଣକୁ ଜୋରଦାର କରିଛି ଋଷ । ୟୁକ୍ରେନର ରାଜଧାନୀ କୀଭକୁ ଟାର୍ଗେଟ କରି ଘନଘନ ମିଶାଇଲ ମାଡ କରିଛି । ଋଷ ଆକ୍ରମଣରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନେକ କ୍ଷୟକ୍ଷତି ହୋଇଛି । ଋଷ ଭିତରେ ପଶି ଏଭଳି ଆକ୍ରମଣ ପୂର୍ବରୁ କେବେ ହୋଇନଥିବା କୁହାଯାଉଛି । ଆକ୍ରମଣ ହୋଇଥିବା ସ୍ଥାନଠୁ ୟୁକ୍ରେନ ସୀମା ୬୦୦ କିଲୋମିଟର ଦୂରରେ ରହିଛି । କିନ୍ତୁ ଶକ୍ତିଶାଳୀ ଡ୍ରୋନ ମାଧ୍ୟମରେ ଋଷ ଭିତରେ ପଶି ଆକ୍ରମଣ କରିଛି ୟୁକ୍ରେନ । ୟୁକ୍ରେନର ଆକ୍ରମଣର ଯବାବ ଦେଇ ଋଷ ରାଜଧାନୀ କୀଭ ଉପରେ ମିଶାଇଲ ଆକ୍ରମଣ କରିଛି । ତେବେ ଋଷର ୨୮ ଟି ମିଶାଇଲ ଏବଂ ୧୫ ଡ୍ରୋନ ଖସାଇ ଦେଇଥିବା ଦାବି କରିଛି ୟୁକ୍ରେନ । ଆମେରିକା, ଇଂଲଣ୍ଡ ଭଳି ନାଟୋ ଦେଶରୁ ମିଳୁଥିବା ଅତ୍ୟାଧୁନିକ ଟେକ୍ନୋଲୋଜି ସଂଯୁକ୍ତ ଡ୍ରୋନ ମାଧ୍ୟମରେ ୟୁକ୍ରେନ ଆକ୍ରମଣ କରିଛି । ସେପେଟ ଆକ୍ରମଣ ଓ ପ୍ରତିଆକ୍ରମଣ ଭିତରେ ୟୁକ୍ରେନକୁ ଅଧିକ ସାମରିକ ସହାୟତା ଘୋଷଣା କରିଛି ଆମେରିକା । ଯେଉଁଥିରେ ଡ୍ରୋନ, ଏୟାର ଡିଫେନ୍ସ ମିଶାଇଲ ସହ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ରହିଛି । ଯୁଦ୍ଧ ଆରମ୍ଭରୁ ଆକ୍ରମଣାତ୍ମକ ହୋଇପଡିଥିବା ଋଷ ପଛରେ ପଡିଯାଇଛି । ଦୀର୍ଘ ଦେଢ ବର୍ଷର ଯୁଦ୍ଧରେ ଋଷର ବହୁ ଯୁଦ୍ଧାସ୍ତ୍ର ନଷ୍ଟ ହୋଇଥିବା ବେଳେ ସାମରିକ ସାମଗ୍ରୀ ସରି ସରି ଆସୁଛି । ଏପରି ସ୍ଥିତିରେ ୟୁକେନକୁ ଆମେରିକା ସମେତ ନାଟୋ ଦେଶ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଯୋଗାଇ ଦେଉଛନ୍ତି । ତେଣୁ ସ୍ଥିତି ଆଗକୁ ଆହୁରି ଭୟଙ୍କର ହେବ ବୋଲି କୁହାଯାଉଛି ।

## ଦିବ୍ୟାଙ୍ଗ ଓ ଅସୁସ୍ଥ ଛାତ୍ରଛାତ୍ରୀଙ୍କୁ ଘରେ ଦିଆଯିବ ଶୁଖିଲା ରାସନ୍ ସାମଗ୍ରୀ

ଭୁବନେଶ୍ୱର, ୩୦/୦୮ (ନି.ପ୍ର): ସ୍କୁଲ ଆସିପାରୁନଥିବା ୬ରୁ ୧୪ବର୍ଷ ବୟସର ଦିବ୍ୟାଙ୍ଗ ଓ ଅସୁସ୍ଥ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଘରେ ଶୁଖିଲା ରାସନ୍ ସାମଗ୍ରୀ ଦେବାକୁ ସ୍କୁଲ ଓ ଗଣଶିକ୍ଷା ବିଭାଗ ନିଷ୍ପତ୍ତି ନେଇଛି । ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ (ଏମଡିଏମ)ରେ ଛାତ୍ରଛାତ୍ରୀମାନଙ୍କୁ ଶ୍ରେଣୀ ଅନୁସାରେ ମଧ୍ୟାହ୍ନଭୋଜନ ଚାଉଳ ଦିଆଯିବା ସହ ରୋଷେଇ ବାବଦ ଅର୍ଥରାଶି ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯିବା ନେଇ ବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି । ଏହାବ୍ୟତୀତ ଛାତ୍ରଛାତ୍ରୀଙ୍କ ପାଠ୍ୟପୁସ୍ତକ ମଧ ସେମାନଙ୍କ ଘରେ ପହଂଚାଇବାକୁ ବ୍ୟବସ୍ଥା କରାଯାଉଛି । ଏସବୁ ବ୍ୟବସ୍ଥା ମାଧ୍ୟମରେ ରାଜ୍ୟର ୩୬୯୪ଜଣ ଛାତ୍ରଛାତ୍ରୀ ଉପକୃତ ହେବେ ବୋଲି ବିଭାଗ ପକ୍ଷରୁ ଚିହ୍ନଟ କରାଯାଇଛି । ସ୍କୁଲ ଆସିପାରୁନଥିବା ଛାତ୍ରଛାତ୍ରୀଙ୍କ ଶୁଖିଲା ରାସନ୍ ସାମଗ୍ରୀ ସେମାନଙ୍କ ଘରେ ପହଂଚାଇବା ପାଇଁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

## ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସକ୍ରିୟ: ୩ ଓ ୪ ତାରିଖରେ ପ୍ରବଳ ବର୍ଷା



ଭୁବନେଶ୍ୱର: ମୌସୁମୀ ଦୁର୍ବଳ ଯୋଗୁ ରାଜ୍ୟରେ ବର୍ଷା ଉଭାନ୍ ହୋଇଯାଇଛି। ଯେଉଁଥିପାଇଁ ଗତ ୪ରୁ ୫ ଦିନ ହେଲା ରାଜ୍ୟରେ ତାତି ବଢ଼ିଛି। ଜୀବନ ଯାତ୍ରା ଅସ୍ତବ୍ୟସ୍ତ ହେଉଥିବା ବେଳେ ଆଜି ପାଣିପାଗ ବିଭାଗ ଦେଇଛି ଭଲ ଖବର। ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଯାହାର ପ୍ରଭାବରେ ଆସନ୍ତା ୨ ତାରିଖରୁ ରାଜ୍ୟର କିଛି ଅଞ୍ଚଳରେ ଭାରି ବର୍ଷା ସମ୍ଭାବନା ରହିଛି। ତେବେ ୩ ଓ ୪ ତାରିଖରେ ରାଜ୍ୟରେ କେତେକ ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ ସେପଟ୍ଟେମ୍ବର ୧ ତାରିଖରେ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ଦେବଗଡ଼,ଅନୁଗୋଳ, ଢେଙ୍କାନାଳ, କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ବୌଦ୍ଧ, କନ୍ଧମାଳ, ଗଞ୍ଜାମ, ଗଜପତି, କଳାହାଣ୍ଡି, ବଲାଙ୍ଗିର ଓ ନୂଆପଡ଼ା ଜିଲ୍ଲାରେ କେତେକ ସ୍ଥାନରେ ସାମାନ୍ୟ ବର୍ଷା ସହ ବଜ୍ରପାତ ଓ ଘଡ଼ଘଡ଼ି ହେବାର ସମ୍ଭାବନା ରହିଛି। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୨ ତାରିଖରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ଢେଙ୍କାନାଳ, ଅନୁଗୋଳ, ସମ୍ବଲପୁର, ସୋନପୁର, ବୌଦ୍ଧ, ବଲାଙ୍ଗିର, ନୂଆପଡ଼ା, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ କେତେକ ସ୍ଥାନରେ ବର୍ଷା ସହ ବଜ୍ରପାତ ଓ ଘଡ଼ଘଡ଼ି ହେବାର ସମ୍ଭାବନା ରହିଛି। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

## ବଢ଼ିଲା ସୌରୀନଙ୍କ ଅଡୁଆ

କଟକ, ୩୦/୦୮ (ନି.ପ୍ର): ବଲିଉଡ ତଥା ଓଲିଉଡ କଣ୍ଠଶିଳ୍ପୀ ସୌରୀନ ଭଟ୍ଟଙ୍କ ପାଇଁ ଅଡୁଆ ବଢିଛି । ସୌରୀନଙ୍କ ଆଗୁଆ ଜାମିନ ଆବେଦନକୁ ହାଇକୋର୍ଟ ଖାରଜ କରିଛନ୍ତି । ଗିରଫଦାରୀ ଏଡ଼ାଇବାକୁ ସେ ଆଗୁଆ ଜାମିନ ଆବେଦନ କରିଥିଲେ । ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିବା ଅଭିଯୋଗରେ ଗିରଫ ହୋଇପାରନ୍ତି । ସୂଚନା ଅନୁଯାୟୀ, ଜଗତପୁର ସାଇ ବିହାରରେ ରହୁଥିବା ଜଣେ ବ୍ୟାଙ୍କ କର୍ମଚାରୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ସୌରିନ ବାରମ୍ବାର ଦୁଷ୍କର୍ମ କରିବା ଓ ଟଙ୍କା ହଡ଼ପ୍ କରିବା ଭଳି ସଂଗିନ ଅଭିଯୋଗ ମହିଳା ଥାନାରେ ହୋଇଥିଲା। ପୁଲିସ ଏକ ମାମଲା ରୁଜୁ କରି ଜୁନ ୨୧ରେ କୋଲକାତା ସହରର ବାଲିଗଞ୍ଜ ଥାନା ଅଞ୍ଚଳରେ ଥିବା ସୌରିନଙ୍କ ଘରେ ଚଢ଼ଉ କରିଥିଲା। ଆଉ ଜୁନ ୨୬ରେ ସମ୍ଭାବ୍ୟ ଗିରଫଦାରୀ ଏଡ଼ାଇବା ପାଇଁ ସୌରିନ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ ଦାୟର କରିଥିଲେ। ହାଇକୋର୍ଟରୁ ଅନ୍ତରୀଣ ସୁରକ୍ଷା ପାଇବା ପରେ ? ସେ ?ରିନ ତଦନ୍ତକାରୀ ଅଧିକାରୀଙ୍କ ନିକଟରେ ହାଜର ହୋଇଥିଲେ। ତେବେ ଅଗଷ୍ଟ ୨୬ରେ ପୁଣି ହାଇକୋର୍ଟ ଆଗୁଆ ଜାମିନ ଆବେଦନର ଶୁଣାଣି ଶେଷ ହୋଇଥିଲା । ଜଷ୍ଟିସ ଚିତ୍ତରଂଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠରେ ସୌରିନଙ୍କ ଆବେଦନର ଶୁଣାଣି ସମୟରେ ସରକାରଙ୍କ ତରଫରୁ କେସ୍ ଡାଏରି ଦାଖଲ କରାଯିବା ସହିତ ତଦନ୍ତର ସାନି ସ୍ଥିତି ନେଇ ଅବଗତ କରାଯାଇଥିଲା। ଏଥି ସହିତ ସିଆରପିସିର ଧାରା ୧୬୪ରେ ରେକର୍ଡ କରାଯାଇଥିବା ପୀଡିତାଙ୍କ ବୟାନର କପି ହାଇକୋର୍ଟରେ ଦାଖଲ କରାଯାଇଥିଲା। ତଦନ୍ତ ସମୟରେ ସେ ?ରିନ ପୁଲିସ ନିକଟରେ ହାଜର ହୋଇଥିବା ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା।

## ଭୁବନେଶ୍ୱରରେ ଅପରାଧ ନିୟନ୍ତ୍ରଣ କରିବାକୁ ସିସିଟିଭି ଲିଙ୍କ୍ ମାଗିଲା ପୁଲିସ



ଭୁବନେଶ୍ୱର, ୩୦/୦୮ (ନି.ପ୍ର): ରାଜଧାନୀକୁ ଅଧିକ ସୁରକ୍ଷିତ କରିବାକୁ ସିସିଟିଭି ସର୍ଭେଲାନ୍ସର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଅପରାଧ ନିୟନ୍ତ୍ରଣ ଓ ଅପରାଧକୁ ରୋକିବାରେ ସିସିଟିଭି ସହାୟକ ହୋଇଥାଏ। ଏଥିଲାଗି ରାଜଧାନୀ ଭୁବନେଶ୍ୱରରେ ଥିବା ବ୍ୟବସାୟିକ ପ୍ରତିଷ୍ଠାନ, ସୁନା ଦୋକାନ, ବ୍ୟାଙ୍କ, ମଲ ଓ ହାଉସିଂ ଆପାର୍ଟମେଣ୍ଟରେ ଲାଗିଥିବା ସିସିଟିଭି ଗୁଡିକର ଲିଙ୍କକୁ ପୁଲିସ କଣ୍ଟ୍ରୋଲ ରୁମ ସହ ସଂଯୋଗ କରିବାକୁ ଲୋକଙ୍କ ସହଯୋଗ ଲୋଡିଛନ୍ତି ପୁଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ। ଏହାସହ ସିସିଟିଭି ସହ ସଂଯୋଗ ହୋଇଥିବା ଆଇପି ଆଡ୍ରେସକୁ ପୁଲିସ କଣ୍ଟ୍ରୋଲ ରୁମ ସହ ସଂଯୋଗ କରିବାକୁ ସହଯୋଗ ଲୋଡିଛନ୍ତି କମିଶନର। ବିଶେଷକରି ଏହି ସବୁ ପ୍ରତିଷ୍ଠାନ ଲଗାଇଥିବା ସିସିଟିଭି ମଧ୍ୟରୁ ଗୋଟିଏ କ୍ୟାମେରା ରାସ୍ତା ଆଡ଼କୁ ମୁହଁ କରି ଲଗାଇବାକୁ କହିଛନ୍ତି ପୁଲିସ କମିଶନର। ଏହି ସମସ୍ତ କ୍ୟାମେରାରେ କଏଦ ଭିଡିଓ ପୁଲିସ ପକ୍ଷରୁ ଗୁପ୍ତ ରଖାଯିବ। ୨୦୨୨ରେ ସହଭାଗିତା କାର୍ଯ୍ୟକ୍ରମ ମାଧ୍ୟମରେ କଟକ ସହରରେ ଅନେକ ପ୍ରତିଷ୍ଠାନ ପୁଲିସ କଣ୍ଟ୍ରୋଲ ରୁମ ସହ ଯୋଡ଼ି ହୋଇଛନ୍ତି। ଏହି ସହଭାଗିତା କାର୍ଯ୍ୟକ୍ରମ ମାଧ୍ୟମରେ ଭୁବନେଶ୍ୱରରେ ମଧ ବିଭିନ୍ନ ପ୍ରତିଷ୍ଠାନ ସେମାନଙ୍କ ସିସିଟିଭି ଲିଙ୍କ୍ ଆଇପି ଆଡ୍ରେସ ପୁଲିସ କଣ୍ଟ୍ରୋଲ ରୁମ ସହ ସଂଯୋଗ କରିବାକୁ ସହଯୋଗ ଲୋଡିଛନ୍ତି ପୁଲିସ କମିଶନର। ଏଥିପାଇଁ ସବୁ ପ୍ରତିଷ୍ଠାନ ସ୍ଥାନୀୟ ପୁଲିସ ଥାନା ଅଧିକାରୀଙ୍କ ସହ ଯୋଗାଯୋଗ କରିପାରିବେ। ଏଥିଲାଗି ଏକ ଫୋନ ନମ୍ବର ମଧ ଜାରି କରାଯାଇଛି।

# ପ୍ରାଥମିକ ବିଦ୍ୟାଳୟ ସହ ରାସ୍ତା ନିର୍ମାଣ ନେଇ ପ୍ରଶାସନର ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ଜୟପୁର, ୩୦/୦୮ (ନି.ପ୍ର): ଜୟପୁର ବ୍ଲକ ଫାମ୍ପୁଣି ପଂଚାୟତ ଅନ୍ତର୍ଗତ ଦିରିବିଗୁଡା ଗ୍ରାମବାସୀ ଆଜି ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ଏନେଇ ଗ୍ରାମବାସୀ ଜୟପୁର ବିଡିଓ ରାଜୀବ ଦାସଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଗ୍ରାମର ଗ୍ରାମବାସୀ, ବିଦ୍ୟାଳୟର ଛୋଟ ଛୋଟ ଛାତ୍ର ଛାତ୍ରୀ ଉପସ୍ଥିତ ରହି ଏହି ଦାବିପତ୍ର ପ୍ରଦାନ କରିଥିଲେ । ଉକ୍ତ ଦାବୀ ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଦିରିବିଗୁଡା ଗ୍ରାମରେ ଶହେଟି ପରିବାର ବସବାସ କରନ୍ତି । ଏହି ଗ୍ରାମରେ ଶିକ୍ଷାର ବିକାଶ ପାଇଁ ପ୍ରାଥମିକ ବିଦ୍ୟାୟାଳୟଟିଏ ମଧ ନାହିଁ । ଗ୍ରାମ ଠାରୁ ଦୁଇ କି.ମି. ଦୂରରେ ଗୌଡଗୁଡା ପ୍ରାଥମିକ ବିଦ୍ୟାଳୟ ରହିଛି । ବର୍ଷା ଦିନ ହେଲେ ଆଇଇଏମ ଆରଡି ରାସ୍ତା ଠାରୁ ଦିରିବିଗୁଡା ରାସ୍ତା ଆଣ୍ଠୁଏ କାଦୁଅରେ ପରିପୁର୍ଣ୍ଣ । ଗ୍ରାମରେ କାହାର ରୋଗ ହେଲେ ଆମ୍ବୁଲାନ୍ସ ଆସିଲେ ଗ୍ରାମ ଠାରୁ ଦୁଇ କି.ମି. ଦୂରରେ ରୁହେ । ରୋଗୀ, ଗର୍ଭବତୀ ମହିଳା, ପ୍ରସୂତି ମହିଳାଙ୍କୁ ଖଟିଆରେ ବୋହି ଆମ୍ବୁଲାନ୍ସ ନିକଟକୁ ନେଇ ବସାଇ ଚିକିତ୍ସାଳୟକୁ ନିଆଯାଏ । ବର୍ଷା ଦିନ ହେଲେ ପିଲା ମାନେ କେହି ବିଦ୍ୟାଳୟକୁ ଯାଆନ୍ତି ନାହିଁ । ଅଦିବାସୀ ଅଧୁଷିତ ଦିରିବିଗୁଡାରେ ଶିକ୍ଷାର ବିକାଶ ପାଇଁ ଏକ ପ୍ରାଥମିକ ବିଦ୍ୟାଳୟର ଆବଶ୍ୟକତା ସହ ପକ୍କା ରାସ୍ତା ନିର୍ମାଣ କରିବାକୁ ଦାବି ହୋଇଛି । ଏହା ସହ ଗ୍ରାମରେ ସମସ୍ତେ ବିପିଏଲ ଶ୍ରେଣୀର ଅନ୍ତର୍ଭୁକ୍ତ ହୋଇଥିବା ବେଳେ ପକ୍କା ଘର ନାହିଁ । ତେଣୁ ପ୍ରଶାସନ ତରଫରୁ ପକ୍କା ଘର ଦେବାକୁ ପୁରିଆ ଗୌଡ, ଶିବ ଶଙ୍କର ଗୌଡ, ଭୀମ ଗୌଡ, କବିରାଜ ଗୌଡ, ବଳରାମ ମୁଦୁଲି, ଭଗବାନ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ ।

# ସ୍କୁଲ କଲେଜ ଛାତ୍ରଛାତ୍ରୀଙ୍କୁ ୫ଟି ସଚିବ ରାଜନୈତିକ ଉଦ୍ଦେଶ୍ୟରେ ବ୍ୟବହାର କରିବା ବନ୍ଦ କରନ୍ତୁ: କଂଗ୍ରେସ

ଭୁବନେଶ୍ୱର, ୩୦/୦୮ (ନି.ପ୍ର): ବର୍ତ୍ତମାନ ଓଡ଼ିଶାରେ ଗୋଟିଏ ନୂଆ ପ୍ରକାର ପ୍ରଥା ଦେଖିବାକୁ ମିଳୁଛି ଯାହା କେବେବି ଓଡ଼ିଶାରେ କିମ୍ବା ଅନ୍ୟ କୌଣସି ରାଜ୍ୟରେ ପରିଲକ୍ଷିତ ହୋଇନଥିବ। ୫ଟି ସଚିବ ଅଖଣ୍ଡ କ୍ଷମତାର ଅଧିକାରୀ ହୋଇ ବିଭିନ୍ନ ସ୍ଥାନକୁ ରାଜ୍ୟ ତହବିଲରୁ କୋଟି କୋଟି ଟଙ୍କା ଖର୍ଚ୍ଚକରି ହେଲିକପ୍ଟରରେ ଗସ୍ତକରି ପ୍ରଥମ ଥର ପାଇଁ ଭୋଟ ଦେବାକୁ ଯାଉଥିବା କଲେଜ ପିଲାମାନଙ୍କୁ ବିଶେଷ କରି ଯୁବପୀଢ଼ିଙ୍କୁ ଶାସକ ଦଳକୁ ଆକୃଷ୍ଟ କରିବାକୁ ଆପ୍ରାଣ ଚେଷ୍ଟା ଚଲାଇଛନ୍ତି। ଯେତେବେଳେ କି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ କୌଣସି ରାଜନୈତିକ କାର୍ଯ୍ୟକ୍ରମରେ ସ୍କୁଲ କଲେଜର ଛାତ୍ରଛାତ୍ରୀମାନେ ଯୋଗ ନ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କିଭଳି ଓ କାହିଁକି ୫ଟି ସଚୀବ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଉଲଂଘନ କରୁଛନ୍ତି ବୋଲି ଆଜି ଭୁବନେଶ୍ୱର କଂଗ୍ରେସ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ନେତା ତଥା ଅବସରପ୍ରାପ୍ତ ପ୍ରସାଶନିକ ଅଧିକାରୀ ଶ୍ରୀ ପଂଚାନନ ଦାଶ ପ୍ରଶ୍ନ ପଚାରିଛନ୍ତି। ଆଗରୁ ମଧ ମୁଖ୍ୟମନ୍ତ୍ରୀଙ୍କ ସଚୀବ ଥିଲେ। ସେମାନେ ନିୟମାନୁସାରେ କାମ କରୁଥିଲେ। ମୁଖ୍ୟମନ୍ତ୍ରୀ କେବେ କୌଣସି ଗାଁ ଗଣ୍ଡା ବୁଲି ଲୋକଙ୍କ ସମସ୍ୟା ବୁଝିନାହାନ୍ତି। ନିର୍ବାଚିତ ପ୍ରତିନିଧି ମାନେ ଲୋକଙ୍କ ସମସ୍ୟା ବୁଝୁଥିଲେ। ଏବେ ମୁଖ୍ୟମନ୍ତ୍ରୀ ଧୃତରାଷ୍ଟ୍ର ସାଜି ସଂଜୟ (ପାଣ୍ଡିଆନ)ଙ୍କ ମାଧମରେ ଓଡ଼ିଶା ଦେଖିବାକୁ ଚେଷ୍ଟା କରୁଛନ୍ତି। ଯଦି ଓଡ଼ିଶା ଲୋକ ସତର୍କ ନ ହୋଇ ବାହାର ଲୋକଙ୍କୁ ଏମିତି ପ୍ରଶୟ ଦେବେ ତେବେ କୌରବ ଅବସ୍ଥା ଓଡ଼ିଶାବାସୀଙ୍କୁ ଭୋଗିବାକୁ ପଡ଼ିବ। ତେଣୁ ନବୀନ ହଟାଓ ଓ ଓଡ଼ିଶା ବଂଚାଅ ସବୁ ଓଡ଼ିଆ ମୁହଁରୁ ବାହାରିବା ଦରକାର ବୋଲି ଶ୍ରୀ ଦାସ କହିଛନ୍ତି। ବିଜେଡ଼ି ସରକାର ୨୪ ବର୍ଷର ଶାସନରେ ଓଡ଼ିଶାକୁ କେତେ ବିକଶିତ କରିଛି, ଯୁବ ପୀଢ଼ିଙ୍କର ଓଡ଼ିଶାରେ ସ୍ଥିତି କ'ଣ ଏବଂ ଓଡ଼ିଶାର ଅର୍ଥନୈତିକ ଅବସ୍ଥା କଣ ଏସବୁ ଯଦି ଦେଖିବାକୁ ଯିବା ତେବେ ଜଣାପଡ଼ିବ ଯେ ଓଡ଼ିଶା ଦିନକୁ ଦିନ ଦୃତ ନିମ୍ନଗାମୀ ହେଉଛି। କୌଣସି ରାଜ୍ୟରେ ଗୋଟିଏ ଦଳ ଦୀର୍ଘଦିନ ଧରି ଶାସନ କଲେ ସେ ରାଜ୍ୟର ବିକାଶ ହୁଏ ନାହିଁ। ଯେଉଁ ରାଜ୍ୟରେ ନିୟମିତ ବ୍ୟବଧାନରେ ସରକାର ପରିବର୍ତ୍ତନ ହୋଇଛି ସେ ରାଜ୍ୟ ମାନେ ବିକଶିତ ହୋଇଛନ୍ତି ଯେପରି ମହାରାଷ୍ଟ୍ର, କେରଳ ଓ କର୍ଣ୍ଣାଟକ ଇତ୍ୟାଦି ରାଜ୍ୟ ସମୁହ ବୋଲି ସେ ଉଦ୍‌ବୋଧନରେ କହିଛନ୍ତି।

ସେ କହିଛନ୍ତି ଯେ ବିଜେଡ଼ି ପରି ବିଜେପି ଦଳ ମଧ ଜନସାଧାରଣଙ୍କୁ ବିଭିନ୍ନ ରଙ୍ଗିନ ସ୍ୱପ୍ନ ଦେଖାଇ କଂଗ୍ରେସକୁ ବଦନାମ କରିବାର ଭରପୂର ଚେଷ୍ଟା କରି କ୍ଷମତାକୁ ଆସିଛନ୍ତି। କ୍ଷମତାକୁ ଆସିଲାପରେ ଯାହା ସ୍ୱପ୍ନ ଦେଖାଇଥିଲେ ତାହାକୁ ତ ସାକାର କଲେ ନାହିଁ ବରଂ ଜାତି, ଧର୍ମ ଉପରେ ବେଶି ଧ୍ୟାନ ଦେଇ ସମାଜକୁ ବିଭ୍ରାନ୍ତ କଲେ। ଆଜି ଯେତେସବୁ ଯୋଜନା ଦେଖୁଛନ୍ତି ସବୁ କଂଗ୍ରେସର ଦାନ। ୟୁପିଏ ସରକାରର କାର୍ଯ୍ୟକାଳ ସମୟରେ କାର୍ଯ୍ୟକାରୀ ହୋଇଥିବା ପ୍ରମୁଖ ଯୋଜନା ଯଥା ମନରେଗା, ଖାଦ୍ୟସୁରକ୍ଷା ଯୋଜନା, ଜମି ଅଧିଗ୍ରହଣ ଓ ଆଧାର କାର୍ଡ ଇତ୍ୟାଦିର ସମକକ୍ଷ ବିଜେପିର ୯ବର୍ଷ ଶାସନରେ ହୋଇପାରି ନାହିଁ କିମ୍ବା ନୂଆ ଯୋଜନା ମଧ କରାଯାଇ ନାହିଁ। ଅଥଚ କଂଗ୍ରେସ ପ୍ରଣୟନ କରିଥିବା ଅନେକ ଯୋଜନାର ନାମ ପରିବର୍ତ୍ତନ କରି ତାର ଶ୍ରେୟ ବିଜେପି ନିଜେ ନେବାକୁ ଚେଷ୍ଟା କରୁଛି। ଯେପରି ଇନ୍ଦିରା ଆବାସ ଯୋଜନାକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନାମ କରଣ କରିବା ଏକ ଉଦାହରଣ ବୋଲି ସେ କହିଥିଲେ। କଂଗ୍ରେସ ତିଆରି କରିଥିବା ସଂଗଠନର ନାମ ବଦଳାଇ କଂଗ୍ରେସର ଦାନକୁ ଗୌଣ କରିବାର ଅପଚେଷ୍ଟା ବିଜେପି ସରକାର କରିଆସିଛି। ବଂଶବାଦ ରାଜନୀତି କଥା ଉଲ୍ଲେଖ କରି ସେ କହିଛନ୍ତି ଯେ ବିଜେପି ଦଳରେ ସବୁଠାରୁ ବେଶି ବଂଶବାଦୀ ରାଜନିତିଜ୍ଞ ଅଛନ୍ତି। ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁଜରାଟର ମୁଖ୍ୟମନ୍ତ୍ରୀ ଥିବାବେଳେ ଦରଦାମ ବୃଦ୍ଧି ପାଇଁ ତତ୍କାଳୀନ ୟୁପିଏ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କୁ ଦୋଷାରୋପ କରୁଥିଲେ କିନ୍ତୁ ଆଜି ଦରଦାମ ଆକାଶଛୁଆଁ ହେଲାବେଳେ ପ୍ରଧାନମନ୍ତ୍ରୀ ଏ ବାବଦରେ ପଦୁଟିଏ ନକହିବା କ୍ଷୋଭର ବିଷୟ।

# ବାଉଁଶ ଖୁଂଟରେ ବନ୍ଧା ସମୁଦ୍ରକୂଳ ସୌନ୍ଦର୍ଯ୍ୟ

ପୁରୀ, ୩୦/୦୮ (ନି.ପ୍ର): ପୁରୀ ହେବ ବିଶ୍ୱସ୍ତରୀୟ ଐତିହ୍ୟ ସହର । ଉଡ଼ାଜାହାଜ ଉଡ଼ିବ । ଶାମୁକା ପ୍ରକଳ୍ପରେ ହୋଟେଲ ଗଢି ଉଠିବ । ରଙ୍ଗୀନ ସ୍ୱପ୍ନ ମଧ୍ୟରେ ଏବେ ହଜି ଗଲାଣି ସମୁଦ୍ରକୂଳର ସୌନ୍ଦର୍ଯ୍ୟ । ପର୍ଯ୍ୟଟକମାନେ ଶାନ୍ତିରେ ବସିବା ପାଇଁ ଜାଗା ଟିକେ ପାଉନାହାନ୍ତି । ଉଠା ଦୋକାନି ଓ ବାଉଁଶ ଖୁଂଟରେ ସମୁଦ୍ରକୂଳ ଭରପୂର ହୋଇ ଉଠିଛି । ଦିଗବାରେଣି ଠାରୁ ନୂଆ ଚୈତନ୍ୟ ଛକ ପର୍ଯ୍ୟନ୍ତ ଦୋକାନିଙ୍କ କୋଳାହଳମୟ ପରିବେଶରେ ପର୍ଯ୍ୟଟକ ବାଧ ହେଉଛନ୍ତି ଅଳ୍ପ ସସୟ ବସିବା ପାଇଁ । ସମୁଦ୍ର ଲହଡ଼ିକୁ ଲାଗି ଶହ ଶହ ପ୍ଲାଷ୍ଟିକ ଚେୟାର ଧାଡ଼ି ହୋଇ ପଡ଼ିବା ଓ ଟଙ୍କା ଦେଇ କେତେକ ପର୍ଯ୍ୟଟକ ବସିବା ଯୋଗୁଁ ଚେୟାର ପଛପଟେ ଅନ୍ୟ ପର୍ଯ୍ୟଟକମାନେ ବସିବାକୁ କୁଣ୍ଠାବୋଧ କରୁଛନ୍ତି । ଶହ ଶହ ଉଠାଦୋକାନି ଖଟ ପକାଇବା ସହ ସେହି ଠାରେ ରନ୍ଧାବଢା କରି ଖାଇ ଶୋଇ ପଡୁଥିବା ଦେଖିବାକୁ ମିଳୁଛି । ବିଦେଶର ଏକ ସମୁଦ୍ର କୂଳରେ କୁଟା ଖଣ୍ଡେ ପଡ଼ିଥିବା ଦେଖିବାକୁ ମିଳୁନଥବା ବେଳେ କାଳେ ବାଲି ଖରାପ ହୋଇଯିବ ସେଥିପାଇଁ ପର୍ଯ୍ୟଟକମାନେ ରୁମାଲ ବା ଆସନ ପକାଇ ବସୁଥିବା ଦେଖିବାକୁ ମିଳୁଛି । ଅନ୍ୟପକ୍ଷରେ ପୁରୀ ସମୁଦ୍ର କୂଳରେ ଗାଇ, ଗୋରୁ,ଓଟ, ଘୋଡ଼ା, ଗଧ ଓ କୁକୁର ମାନେ ମଳତ୍ୟାଗ କରି ସମୁଦ୍ର ବାଲିକୁ ଅପରିଷ୍କାର କରୁଛନ୍ତି । ସ୍ୱର୍ଗଦ୍ୱାର ଠାରୁ କୋକପାମ ଛକ ପର୍ଯ୍ୟନ୍ତ ଅନେକ ଦୋକାନ ପସରା ଖୋଲିଲାଣି । ଯାହାଫଳରେ ପର୍ଯ୍ୟଟକମାନେ ଲାଇଟ ହାଉସ ଡ଼େଇଁ ଷ୍ଟର୍ଲିନ ମୁହାଣ ଆଡ଼କୁ ବସି ସମୁଦ୍ର ଦୃଶ୍ୟ ଉପଭୋଗ କରୁଛନ୍ତି । ପୁରୀ ପୌରସଂସ୍ଥା ସମୁଦ୍ର ବାଲିରେ ବିଭିନ୍ନ ସାଂସ୍କୃତିକ ମଂଚ ଓ ଦୋଳି ପାଇଁ ଅନୁମତି ଦେବାକୁ ଲକ୍ଷାଧିକ ଟଙ୍କା ଗ୍ରହଣ କରୁଥିବା ବେଳେ ସମୁଦ୍ରକୂଳ ପରିଷ୍କାର ପାଇଁ କୌଣସି ଉଦ୍ୟମ ହେଉନାହିଁ ବୋଲି ଜଣେ ପର୍ଯ୍ୟଟକ ଅଭିଯୋଗ କରିଛନ୍ତି । ସମୁଦ୍ରକୂଳକୁ ଆର୍ନ୍ତଜାତୀୟ ସ୍ତରର ବେଳାଭୂମି କରିବା ପାଇଁ ସ୍ୱତନ୍ତ୍ର ମେଘା ପ୍ଲାନ ସ୍ଥାନୀୟ ଅଂଚଳ ବାସି, ଉଠଦୋକାନି, ବୁଦ୍ଧିଜୀବୀ, ଆଇନଜୀବୀ ଓ ଗଣମାଧମ ପ୍ରତିନିଧି ମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ପୌରସଂସ୍ଥା ପକ୍ଷରୁ ଆୟୋଜନ କରିବା ପାଇଁ ପର୍ଯ୍ୟଟକ ମାନେ ଦାବି କରିଛନ୍ତି ।

# ସାନଭାଇକୁ ଖଣ୍ଡାରେ ହାଣି ହତ୍ୟାକଲା ବଡଭାଇ

ଗଞ୍ଜାମ, ୩୦/୦୮ (ନି.ପ୍ର): ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଅଢେଇବର ଗାଁରେ ଆଜି ସକାଳେ ଘଟିଯାଇଛି ଏକ ବିଭତ୍ସ ହତ୍ୟାକାଣ୍ଡ । ବଡଭାଇ ସାନଭାଇକୁ ଗାଁ ରାସ୍ତାରେ ଗୋଡେଇ ଗୋଡେଇ ଖଣ୍ଡାରେ ହାଣି ହତ୍ୟା କରିଥିବା ଅଭିଯୋଗ ହୋଇଛି । ମୃତକ ସାନଭାଇ ହେଲେ କାଳୁ ନାହାକ । ଖବର ପାଇ କବିସୂର୍ଯ୍ୟନଗର ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ମୃତକଙ୍କ ଶବ ଜବତ କରିବା ସହ ଏହାକୁ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇଛି । ଅଭିଯୁକ୍ତ ବଡଭାଇକୁ ଥାନାରେ ଅଟକ ରଖି ପଚରା ଉଚରା ଚଳାଇଛି । ପାରିବାରିକ କଳହରୁ ଏହି ହତ୍ୟାକାଣ୍ଡ ଘଟିଥିବା ଜଣାପଡିଛି ।

# ବିଜେଡ଼ି, ବିଜେପି କଳା ସାମ୍ରାଜ୍ୟର ଶେଷ ସମୟ : ଶରତ ପଟ୍ଟନାୟକ

ଭୁବନେଶ୍ୱର , ୩୦/୦୮ (ନି.ପ୍ର): ନୂଆପଡ଼ା ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲା ସଭାପତି ସୁରେଶ ଆଜାଦ୍ ସଭାପତିତ୍ୱରେ ଆୟୋଜିତ କର୍ମୀ ସମ୍ମିଳନୀରେ ପିସିସି ସଭାପତି ଶରତ ପଟ୍ଟନାୟକ ଯୋଗଦେଇ ଆଗାମୀ ନିର୍ବାଚନରେ ବିଜେଡ଼ି, ବିଜେପିଙ୍କ କଳାକାରାନାମା ବିରୋଧରେ କଂଗ୍ରେସ ଏକ ହୋଇ ଲଢ଼ିବା ପାଇଁ ନିଜ ଉଦ୍‌ବୋଧନରେ କର୍ମକର୍ତ୍ତାମାନଙ୍କୁ ଆହ୍ୱାନ ଦେଇଛନ୍ତି। ସେ କହିଥିଲେ ବିଜେପି ବଳରେ ରାଜ୍ୟରେ ବିଜେଡ଼ି ବଳିଆନ। ଦୁଇ ଦଳ ଓଡ଼ିଶାକୁ ଗରୀବ ରାଜ୍ୟରେ ପରିଣତ କରିଛନ୍ତି। ବିଜେଡ଼ି ଓ ବିଜେପି ଏକ ଏବଂ ଅଭିନ୍ନ। ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଲୋକ ଦେଖାଣିଆ ଭାବେ ରାଜ୍ୟ ରାଜଧାନୀରେ କଳି କରୁଥିବାବେଳେ ଦିଲ୍ଲୀରେ କୋଳାକୋଳି ହେଉଛନ୍ତି। ମୁଁ ଛାତ୍ର ଜୀବନରୁ ଏହି ନୂଆପଡ଼ା ମାଟିରୁ କଷ୍ଟ କରି ଆସି ସାଂସଦ ଭାବେ ନିର୍ବାଚିତ ହେବା ପରେ ଜିଲ୍ଲାବାସୀଙ୍କ ପାଇଁ ଅନେକ ଗୁଡ଼ିକ ଜନମଙ୍ଗଳ କାର୍ଯ୍ୟ କରିଛି। ଏ ପର୍ଯ୍ୟନ୍ତ ମୁଁ ନିଜକୁ କଂଗ୍ରେସ ଦଳର କର୍ମୀ ଭାବରେ ଆପଣ ମାନଙ୍କ ସହଯୋଗ ନେଇ ତୃଣମୂଳ ସ୍ତରରୁ ଦଳକୁ ସଂଗଠିତ କରିଛି। ଏ ଦୁର୍ନୀତିଖୋର ସରକାରଙ୍କୁ ବିଦାୟ କରିବା ପାଇଁ ବର୍ତ୍ତମାନ କଂଗ୍ରେସ କର୍ମୀ ଓ ନେତାଙ୍କ ପ୍ରଥମ କର୍ତ୍ତବ୍ୟ। ଯଦି କଂଗ୍ରେସର ସବୁ ନେତା ଏକ ହୋଇ ଲଢ଼ନ୍ତି ତେବେ ଆଗାମୀ ନିର୍ବାଚନରେ କଂଗ୍ରେସ ୯୦ ରୁ ଅଧିକ ସିଟ୍‌ରେ ଜିତି ସରକାର ଗଠନ କରିବ ଏବଂ ଓଡ଼ିଶାବାସୀଙ୍କ ସେବା କରିବାର ସୁଯୋଗ ପାଇବ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। ତେଣୁ ଆସନ୍ତୁ ସଂକଳ୍ପ ନେବା ଆମେ ସମସ୍ତେ ମିଶି ଏକାଠି ହୋଇ ବିଜେଡ଼ି ଓ ବିଜେପି ବିରୁଦ୍ଧରେ ସଂଗ୍ରାମ କରି କଂଗ୍ରେସ ଶାସନ କ୍ଷମତାକୁ ଫେରାଇ ଆଣିବା। ବିଜେଡ଼ି ଓ ବିଜେପି ରାଜ୍ୟ ଓ ଦେଶରେ ସବୁ କ୍ଷେତ୍ରରେ ବିଫଳ ହୋଇଥିବାବେଳେ ଆଗାମୀ ନିର୍ବାଚନକୁ ଆଖିଆଗରେ ରଖି ଉଭୟ ଦଳ ଲୋକଙ୍କୁ ମିଛ ପ୍ରତିଶ୍ରୁତି ଦେଇ ଶାସନ କ୍ଷମତା ଅକ୍ତିଆର କରିବାକୁ ଯେଉଁ ପ୍ରଚେଷ୍ଟା କରୁଛନ୍ତି ତାହା ରାଜ୍ୟବାସୀ ବୁଝିସାରିଲାଣି। ଆଗାମୀ ନିର୍ବାଚନରେ ତା'ର ଉଚିତ୍ ଜବାବ ଦେବେ। ଉକ୍ତ ବୈଠକରେ ନୂଆପଡ଼ା ଜିଲ୍ଲା ପ୍ରଭାବରୀ ତଥା ବିଧାୟକ ସନ୍ତୋଷ ସିଂ ସାଲୁଜା ନୂଆପଡ଼ାବାସୀଙ୍କ ପାଇଁ ତାଙ୍କର ସାହାଯ୍ୟ ଓ ସହଯୋଗ ସର୍ବଦା କରିଆସୁଛନ୍ତି ବୋଲି କହିଛନ୍ତି। ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହି ସଦାସର୍ବଦା ଯୁବ, ଛାତ୍ର ସମାଜ ଓ ହିତ ପାଇଁ କାର୍ଯ୍ୟ କରିଆସୁଛନ୍ତି। ଜିଲ୍ଲାବାସୀଙ୍କ ପାଇଁ ସବୁବେଳେ କଂଗ୍ରେସର ଦ୍ୱାର ଖୋଲା ରହିଛି। ରାଜ୍ୟ ସାଧାରଣ ସମ୍ପାଦକ ଘାସିରାମ ମାଝି, ଜିଲ୍ଲା ପରିଷଦ ସଭ୍ୟ ଭାରତଲାଲ ରାଉତ, ନୂଆପଡ଼ା ବ୍ଲକ ସଭାପତି ଚୁନୀଲାଲ୍ ସବର, କୋମନା ବ୍ଲକ ସଭାପତି ପିଲେଶ୍ୱର ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ଅଭୟ ଶଙ୍କର ଯୋଡ଼ି ଏବଂ ନୂଆପଡ଼ା କଂଗ୍ରେସର ପ୍ରାୟ ସବୁନେତାଙ୍କୁ ଗୋଟିଏ ମଂଚରେ ଦେଖିବାକୁ ମିଳିଥିଲା। ନୂଆପଡ଼ା କଂଗ୍ରେସର ଫାଟଥିବା ଚର୍ଚ୍ଚା ହେଉଥିବା ସମୟରେ ଗୋଟିଏ ମଂଚରେ ପୂର୍ବତନ ଜିଲ୍ଲା ସଭାପତି ଓ ନୂତନ ଜିଲ୍ଲା ସଭାପତିଙ୍କୁ ଏକାଠି ବସାଇ ବିରୋଧିଙ୍କୁ କଂଗ୍ରେସ ପକ୍ଷରୁ ଏକ ବାର୍ତ୍ତା ଦିଆଯାଇଛି।

# ଗଞ୍ଜାମ ଜିଲ୍ଲାରେ ଡ଼େଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ୩୫କୁ ବୃଦ୍ଧି

ଗଞ୍ଜାମ, ୩୦/୦୮ (ନି.ପ୍ର): ଗଞ୍ଜାମ ଜିଲ୍ଲାରେ ଡ଼େଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । ଜିଲ୍ଲାରେ ପୁଣି ୩ ଜଣ ଡ଼େଙ୍ଗୁ ପଜିଟିଭ୍ ଚିହ୍ନଟ ହେବା ପରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୩୫କୁ ବୃଦ୍ଧି ପାଇଛି । ଏହି ୩୫ ଜଣଙ୍କ ମଧ୍ୟରୁ ୧୦ ଜଣ ଭୁବନେଶ୍ୱର ଓ କଟକରୁ ଆସିଥିବା ଜଣାପଡିଛି । ଗଞ୍ଜାମ ଜିଲ୍ଲାରେ ଚଳିତ ବର୍ଷ ଡ଼େଙ୍ଗୁ ନିୟନ୍ତ୍ରଣରେ ରହିଛି । ଯେଉଁ ଅଂଚଳରେ ଡ଼େଙ୍ଗୁ ପଜିଟିଭ୍ ଚିହ୍ନଟ ହେଉଛନ୍ତି, ସ୍ୱାସ୍ଥ୍ୟ ବିଭାଗର ଟିମ୍ ସେଠାରେ ପହଂଚି ଲୋକଙ୍କୁ ସଚେତନ କରୁଛି । ନୂଆ ଚିହ୍ନଟ ହୋଇଥିବା ୩ ଆକ୍ରାନ୍ତଙ୍କ ମଧ୍ୟରୁ ଜଣେ କୋଦଳାର ହୋଇଥିବା ବେଳେ ସେ ଭୁବନେଶ୍ୱରରୁ ଆସିଛନ୍ତି । ଅନ୍ୟ ଜଣେ ବ୍ରହ୍ମପୁରର ହୋଇଥିବା ବେଳେ ସେ କଟକରୁ ଆସିଛନ୍ତି । ତୃତୀୟ ରୋଗୀ ଜଣକ ବଡଗଡ଼ ଅଂଚଳରୁ ଚିହ୍ନଟ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ଜଣାପଡିଛି । ଜିଲ୍ଲାରେ ଚିହ୍ନଟ ହୋଇଥିବା ମୋଟ୍ ୩୫ ଜଣ ଡ଼େଙ୍ଗୁ ରୋଗୀଙ୍କ ମଧ୍ୟରୁ ୨୬ ଜଣ ଅନ୍ୟ ରାଜ୍ୟ ଓ ଜିଲ୍ଲାରୁ ଆକ୍ରାନ୍ତ ହୋଇ ଆସିଥିବା ସୂଚନା ମିଳିଛି । ଗଞ୍ଜାମ ଜିଲ୍ଲାରେ ଡ଼େଙ୍ଗୁ ସେଭଳି ଉଦବେଗଜନକ ସ୍ଥିତିକୁ ଯାଇନାହିଁ । ଡ଼େଙ୍ଗୁ ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

ଗଞ୍ଜାମ ଜିଲ୍ଲାରେ ଗତ ବର୍ଷ ୧୬୧ ଜଣ ଡ଼େଙ୍ଗୁ ପଜିଟିଭ୍ ଚିହ୍ନଟ ହୋଇଥିଲେ । ୨୦୨୧ ରେ ଜିଲ୍ଲାରୁ ମୋଟ୍ ୩୩୩ ଜଣ ଡ଼େଙ୍ଗୁ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୨୦୨୦ ରେ ମାତ୍ର ୯ ଜଣ ଡ଼େଙ୍ଗୁ ପଜିଟିଭ୍ ଚିହ୍ନଟ ହୋଇଥିଲେ । ସେହିପରି ୨୦୧୯ରେ ୩୦୭ ଡ଼େଙ୍ଗୁ ପଜିଟିଭ୍ ଚିହ୍ନଟ ହୋଇଥିଲେ । ୨୦୧୮ ରେ ୧୫୫ ଡ଼େଙ୍ଗୁ ପଜିଟିଭ୍ ଚିହ୍ନଟ ହୋଇଥିଲେ ।

# ଜିଲ୍ଲାସ୍ତରୀୟ ସଂସାଧନ ସଭ୍ୟଙ୍କ ପ୍ରଶିକ୍ଷଣ ଶିବିର

ଝାରସୁଗୁଡ଼ା, ୩୦/୦୮ (ନି.ପ୍ର): ବିଭିନ୍ନ ସରକାରୀ ଯୋଜନା ଜନସାଧାରଣଙ୍କ ପାଖରେ ପହଂଚାଇବା ପାଇଁ ଲୋକକଳା ଏକ ବଳିଷ୍ଠ ମାଧ୍ୟମ। ରାଜ୍ୟର ବିଭିନ୍ନ ଜିଲ୍ଲାରେ ଭିନ୍ନ ଭିନ୍ନ ଲୋକକଳା ମାଧ୍ୟମରେ ଜନସାଧାରଣ ଯେପରି ସରକାରୀ ଜନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଅବଗତ ହେବେ ଏବଂ ଉପକୃତ ହେବେ ସେ ଦିଗରେ ଲୋକକଳା ଦଳଗୁଡ଼ିକ ସେପ୍ଟେମ୍ବର ୧୫ରୁ ୩୦ମଧ୍ୟରେ ସମ୍ପୃକ୍ତ ଜିଲ୍ଲାର ପଂଚାୟତ ମାନଙ୍କରେ ସଚେତନତା କାର୍ଯ୍ୟକ୍ରମ ପରିବେଷଣ କରିବେ। ଏହି ପରିପ୍ରେକ୍ଷୀରେ ଆଜି ଝାରସୁଗୁଡ଼ା ଜିଲ୍ଲା ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍ଘାଟିତ ହୋଇଛି। କାର୍ଯ୍ୟକ୍ରମରେ ରାଜ୍ୟ ସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଝାରସୁଗୁଡା ଜିଲ୍ଲାରୁ ଯୋଗଦାନ କରିଥିବା ସଂସାଧନ ସଭ୍ୟ, ବ୍ଲକ କଳା ସଂସ୍କୃତି ସଂଘ ଉପ ସଭାପତି ଓ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶିବିର ପ୍ରାରମ୍ଭ କରାଯାଇଛି। ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରଦୀପ୍ତ ସା,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା,ଜିଲା ମମତା ସଂଯୋଜକ ତୁଷାରକାନ୍ତ ନାୟକ, ବ୍ଲକ କୃଷି ଅଧିକାରୀ ଅମୃତ ଲୁଗୁନ, ସୌମ୍ୟରଂଜନ ଭୋଇ, ଜିଲ୍ଲା କଳା ସଂସ୍କୃତି ସଂଘ ଉପ ସଭାପତି ସୁରଙ୍ଗ ପଧାନ, ପୁରନ୍ଦର ସା, ତୁଷାରକାନ୍ତ ନାୟକ, ନିରଞ୍ଜନ ମାଲିଙ୍କ ସମେତ ସମସ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଏବଂ ବିଭିନ୍ନ ବିଭାଗରୁ ଅଧିକାରୀମାନେ ଉପସ୍ଥିତ ରହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଶିକ୍ଷିତ ସଂସାଧନ କର୍ମୀମାନେ ପଂଚାୟତ ଓ ବ୍ଲକ ସ୍ତରରେ ପ୍ରଶିକ୍ଷଣ ପ୍ରଦାନ କରିବେ। ଜିଲ୍ଲା ସଂସ୍କୃତି ଅଧିକାରୀ ଅନୀଲ କେର୍କେଟା ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ ଜେନାଙ୍କ ଉପସ୍ଥିତିରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜେଶ ସେଠ, ମନବୋଧ ବଗର୍ତ୍ତୀ, ଦୀପଶିଖା ସିଂ, ସନ୍ଦୀପ ନାୟକ,ସମୀର କିସାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମାଲକାନଗିରି ବ୍ଲକରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଂଟନ ଶିବିର ଆୟୋଜିତ

ମାଲକାନଗିରି, ୩୦/୦୮ (ନି.ପ୍ର): ଓଡ଼ିଶା କୋଠାବାଡ଼ି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ଓ ଜିଲ୍ଲା ପ୍ରଶାସନଙ୍କ ମିଳିତ ଆନୁକୂଲ୍ୟରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଂଟନ ଶିବିର ଆୟୋଜନ କରାଯାଇଛି। ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ, ଅଧ୍ୟକ୍ଷା, ସମାରୀ ଟାଙ୍ଗୁଲ ଯୋଗ ଦେଇଥିବା ବେଳେ ଜିଲ୍ଲା ପରିଷଦ, ଉପାଧ୍ୟକ୍ଷ, ଶ୍ରୀ ପତିତପାବନ ବୈଦ୍ୟ, ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ତ୍ରିନାଥ ମାଝୀ, ମାଲକାନଗିରି ପୌର ପରିଷଦ, ଅଧ୍ୟକ୍ଷ, ମନୋଜ ବାରିକ, ପୌର ପରିଷଦ, ଉପାଧ୍ୟକ୍ଷା, ଶ୍ରୀମତୀ କବିତା ମହନ୍ତ, ପ୍ରଭଗୀୟ ଶ୍ରମ ଆୟୁକ୍ତ, ନରେନ୍ଦ୍ର ରାଇକା, ଜିଲ୍ଲା ଶ୍ରମ ଅଧିକାରୀ, ଶ୍ରୀ ଶରତ ପାଣିଗ୍ରାହି ଓ ସହକାରୀ ଶ୍ରମ ଅଧିକାରୀ, ବିଶ୍ୱରଞ୍ଜନ କହଁର ଉପସ୍ଥିତ ଥିଲେ। ଏହି ଅବସରରେ ଜିଲ୍ଲା ପରିଷଦ, ଅଧ୍ୟକ୍ଷା, ଶ୍ରୀମତୀ ଟାଙ୍ଗୁଲ ନିର୍ମାଣ ଶ୍ରମିକଙ୍କ ନିମନ୍ତେ ଜନ୍ମ ଠାରୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ ଥିବା ସମସ୍ତ ସହାୟତା ବିଷୟରେ ଅବଗତ ହୋଇ ନିଜ ଅଞ୍ଚଳର ଲୋକଙ୍କୁ ସଚେତନ କରାଇବା ପାଇଁ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ସେହିପରି ଅତିରିକ୍ତ ଜିଲ୍ଲାପାଳ, ଶ୍ରୀ ମାଝୀ କହିଥିଲେ ଯେ ନିର୍ମାଣ ଶ୍ରମିକ ମାନେ ହେଉଛନ୍ତି ଗାଁ, ରାଜ୍ୟ ତଥା ଦେଶର ଭବିଷ୍ୟତ। ସେ ନିର୍ମାଣ ଶ୍ରମିକଙ୍କ ସାମାଜିକ ସୁରକ୍ଷା ନିମନ୍ତେ ଥିବା ସହାୟତାରେ ପଞ୍ଜିକରଣ କରିବାକୁ ସଚେତନ କରିଥିଲେ। ପ୍ରତ୍ୟେକ ବର୍ଷ ପଞ୍ଜିକରଣ କାର୍ଡର ନବୀକରଣ କରିବା ସହ ସମସ୍ତ ଯୋଜନାର ଲାଭ ଉଠାଇବା ପାଇଁ ମଧ ସେ ଗୁରୁତ୍ୱାରୋପ କରିଛନ୍ତି। ଜିଲ୍ଲା ଶ୍ରମ ଅଧିକାରୀ, ଶ୍ରୀ ପାଣିଗ୍ରାହୀ କହିଥିଲେ ଯେ ଅଦ୍ୟାବଧି ୫୫, ୯୪୦ ଜଣ ଶ୍ରମିକ ପଞ୍ଜିକରଣ କରିଛନ୍ତି। ତନ୍ମଧ୍ୟରୁ ୩୨,୩୮୨ ଜଣ ସହାୟତା ପାଇଛନ୍ତି। ମାଲକାନଗିରି ବ୍ଲକରେ ୮,୨୩୫ ଜଣ ଶ୍ରମିକ ପଞ୍ଜିକରଣ କରିଛନ୍ତି ଏବଂ ପୌର ପରିଷଦରେ ୩୬୪୧ ଜଣ ଶ୍ରମିକ ଭାଇଭଉଣୀ ପଞ୍ଜିକରଣ କରିଛନ୍ତି । ଆଜିର ଶିବିରରେ ସଙ୍ଗଠିତ କ୍ଷେତ୍ରରେ ୧୦୩ ଜଣଙ୍କୁ ଏବଂ ଅଣ ସଂଗଠିତ କ୍ଷେତ୍ରରେ ୧୫୭ ଜଣଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଛି। ସେହିପରି ୪୮ ଜଣଙ୍କୁ ଶିକ୍ଷା, ୨୩ ଜଣଙ୍କୁ ମୃତ୍ୟୁ କାଳୀନ, ୨୩ ଜଣଙ୍କୁ ଅନେଷ୍ଟି କ୍ରିୟା, ୧୧ ଜଣଙ୍କୁ ପ୍ରସୂତି କାଳୀନ ଓ ୧୩ ଜଣଙ୍କୁ ବିବାହ ଜନିତ ସମୁଦାୟ ୧୧୮ ଜଣଙ୍କୁ ୫୭ ଲକ୍ଷ ୨୪ ହଜାର ୨୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଅଣ ସଂଗଠିତ କ୍ଷେତ୍ରରେ ଦୁଇ ଜଣଙ୍କୁ ଦୁଇ ଲକ୍ଷ ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ ପରିଚାଳନା କରିଥିଲେ ଓ ସହକାରୀ ଶ୍ରମ ଅଧିକାରୀ ପୂର୍ଣ୍ଣିମା ଡୁରୁକା ଧନ୍ୟବାଦ ଅର୍ପଣ କରିଥିଲେ।

# ବେଲଦଳଠାରେ କୃଷକ ବିଜୟ ସମାବେଶ

ପୁରୀ, ୩୦/୦୮ (ନି.ପ୍ର): ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତି ପକ୍ଷରୁ ଆଗାମୀ ସେପ୍ଟେମ୍ବର ୯ ତାରିଖ ଶନିବାର ପୂର୍ବାହ୍ନ ୧୦ ଟା ବେଳେ ପୁରୀ ଉପକଣ୍ଠସ୍ଥ ବେଲଦଳ ଠାରେ କୃଷକ ବିଜୟ ସମାବେଶ ଅନୁଷ୍ଠିତ ହେବ । ଏହି ପରିପ୍ରେକ୍ଷୀରେ ବାଇଶମୌଜା ଅଂଚଳର ପ୍ରତ୍ୟେକ ଗ୍ରାମରେ ସଚେତନତା ସଭା କ୍ରମାନ୍ୱୟରେ ଅନୁଷ୍ଠିତ ହୋଇଆସୁଛି । ସୋମବାର ଅପରାହ୍ନରେ ବାଇଶମୌଜା ଅନ୍ତର୍ଗତ ଗଡ଼ ଭିଙ୍ଗୁରା ଠାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ସଭାରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତି ସଭାପତି ଦାମୋଦର ପ୍ରଧାନ, ସଂଯୋଜକ ବିଷ୍ଣୁ ପ୍ରସାଦ ମିଶ୍ର, ସମ୍ପାଦକ ପ୍ରଭାକର ସ୍ୱାଇଁ, ଗଡଭିଙ୍ଗୁରା ଗ୍ରାମର ସଭାପତି ଗନ୍ଧର୍ବ ନାୟକ, ଉପସଭାପତି ମଧୁ ରାଉତରାୟ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଉଗ୍ରସେନ ଜେନା, କୈଳାସ ସ୍ୱାଇଁ, ଦାମ ନାୟକ, ହରପ୍ରସାଦ ଜେନା ପ୍ରମୁଖ ଦୀର୍ଘ ୧୭ ବର୍ଷର ସଙ୍ଘର୍ଷ ସମ୍ପର୍କରେ ବିସ୍ତୃତ ବିବରଣୀ ପାଠ କରିଥିଲେ । ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତିର ପ୍ରମୁଖ ଯୋଦ୍ଧା ତଥା ପୂର୍ବତନ ବିଧାୟକ ଉମା ବଲ୍ଲଭ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ତତ୍କାଳୀନ ବିଜେଡ଼ି-ବିଜେପି ମିଳିତ ସରକାରଙ୍କ ବେଦାନ୍ତ ପ୍ରିତୀ ଓ ବେଆଇନ ଚାଷଜମି ଅଧିଗ୍ରହଣ ସମ୍ପର୍କରେ ବିସ୍ତୃତ ସୂଚନାକ୍ରମେ ଉପସ୍ଥିତ ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ । ବେଦାନ୍ତର ଚାଷଜମି ଅଧିଗ୍ରହଣକୁ ଲୋକପାଳଙ୍କ ଠାରୁ ଆରମ୍ଭକରି ଓଡ଼ିଶା ହାଇକୋର୍ଟ ଓ ଶେଷରେ ମାନ୍ୟବର ସୁପ୍ରିମକୋର୍ଟ ବେଆଇନ ସାବ୍ୟସ୍ତ କରିଛନ୍ତି । ତତ୍କାଳୀନ ମିଳିତ ସରକାର ଶ୍ରୀ ଜଗନ୍ନାଥଙ୍କ ଅମୃତ ମଣୋହୀ ଜମି ସହ ବାଇଶମୌଜାରୁ ହଜାର ହଜାର ଏକର ଚାଷ ଜମି ଅନୀଲ ଅଗ୍ରୱାଲ ଫାଉଣ୍ଡେସନକୁ ବେଦାନ୍ତ ବିଶ୍ୱବିଦ୍ୟାଳୟ ପାଇଁ ହସ୍ତାନ୍ତର କରିଥିଲେ । କମ୍ପାନୀ ବିଶ୍ୱବିଦ୍ୟାଳୟ ଆଳରେ ହାତେଇଥିବା ଏହି ଚାଷଜମିରେ ବିଶ୍ୱବିଦ୍ୟାଳୟ ସହ ଏକ ନୂତନ ସହରର ପରିକଳ୍ପନା କରିଥିଲା । ଏହି ଅଞ୍ଚଳରେ ବେଦାନ୍ତର ସ୍ୱତନ୍ତ୍ର ନୀତି ନିୟମ ଲାଗୁ କରାଇବା ସହ ବହୁ ଉଚ୍ଚ ଅଟ୍ଟାଳିକା, ବୃହତ୍ ବିଦ୍ୟୁତ୍ ତାପଜ କେନ୍ଦ୍ର ସ୍ଥାପନା ଭୂଗର୍ଭରୁ ମାତ୍ରାଧିକ ଜଳ ଉତୋଳନ କରିଥାଆନ୍ତା । ଯାହାଫଳରେ ପୁରୀ ସହର ଓ ସମସ୍ତ ଆଖପାଖ ଅଞ୍ଚଳ ନିଜ ସ୍ୱତନ୍ତ୍ରତା ହରାଇବା ସହ ପରିବେଶ, ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ଉଜୁଡି ପଡିଥାଆନ୍ତା । ଏପରିକି ବେଦାନ୍ତର ସ୍ୱତନ୍ତ୍ର ନୀତି ପ୍ରଭାବରେ ପୁରୀ ବେଳାଭୂମି, ସ୍ୱର୍ଗଦ୍ୱାର, ବଡ଼ଦାଣ୍ଡ, ଶ୍ରୀମନ୍ଦିର, ଶ୍ରୀଜିଉଙ୍କ ରଥଯାତ୍ରା ସମେତ ସର୍ବସାଧାରଣଙ୍କ ଜୀବନ ଯାପନରେ ଏକ ପ୍ରକାର ଅନ୍ତରାୟ ସୃଷ୍ଟି କରିଥାଆନ୍ତା । ବେଦାନ୍ତକୁ ବେଆଇନ ଜମି ଅଧିଗ୍ରହଣ ହସ୍ତାନ୍ତର ସହ ଲାଗୁ କରିବାକୁ ଥିବା ସ୍ୱତନ୍ତ୍ର ନୀତି ସମ୍ପର୍କରେ ସରକାର କୌଣସି ତର୍ଜମା କରିନଥିବା ସମ୍ପର୍କରେ ମାନ୍ୟବର ସୁପ୍ରିମକୋର୍ଟ ମାମଲାର ଶୁଣାଣି ପରେ ରାଜ୍ୟ ସରକାରଙ୍କୁ ଭର୍ତ୍ସନା କରିବା ସହ ବେଆଇନ ଜମି ଅଧିଗ୍ରହଣ ନେଇ ବେଦାନ୍ତ କମ୍ପାନୀକୁ ୫ ଲକ୍ଷ ଟଙ୍କାର ଜରିମାନା କରିଥିଲେ । ଏଣିକି ବିନା ଗ୍ରାମସଭାରେ ସରକାରଙ୍କ ମନମୁଖୀ ଜମି ଅଧିଗ୍ରହଣ ଉପରେ ଏହି ମାମଲା ଏକ ରକମର ପୂର୍ଣ୍ଣଚ୍ଛେଦ ଟାଣିଦେଇଛି । ଓଡ଼ିଶା ସରକାରଙ୍କ ଏହି ବେଆଇନ ଜମି ଅଧିଗ୍ରହଣ ଉପରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତି ପକ୍ଷରୁ ସୁପ୍ରିମକୋର୍ଟରେ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ମାମଲା ପରିଚାଳନା କରି ବିଜୟୀ କରାଇଥିଲେ । ବେଦାନ୍ତ କମ୍ପାନୀର ଏହି ଜମି ହଡ଼ପ କେଲେଙ୍କାରୀକୁ ନେଇ ବାଇଶ ମୌଜାର ଜନ ଆନ୍ଦୋଳନକୁ ଜାତୀୟ ସ୍ତରର ବିଶିଷ୍ଟ ଜନନେତ୍ରୀ ମେଧା ପାଟେକରଙ୍କ ଠାରୁ ଆରମ୍ଭ କରି ରାଜ୍ୟର ବହୁ ସଙ୍ଗଠନ ସମର୍ଥନ ଦେଇଥିଲେ । ତେଣୁ ଆଗାମୀ ସେପ୍ଟେମ୍ବର ମାସ ୯ ତାରିଖରେ ପୁରୀ ବେଲଦଳ ଠାରେ ପାଳନ ହେବାକୁ ଥିବା କୃଷକ ବିଜୟ ସମାବେଶରେ ଯୋଗ ଦେବାପାଇଁ ଆସୁଥିବା ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଓ ବିଶିଷ୍ଟ ଜନନେତ୍ରୀ ମେଧା ପାଟେକରଙ୍କୁ ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତି ପକ୍ଷରୁ ସମ୍ମାନିତ କରାଯିବ ।

# ବ୍ଲକ କାର୍ଯ୍ୟାଳୟଠାରେ ଜନ ଅଭିଯୋଗ ଶୁଣାଣି ଶିବିର

ଝାରସୁଗୁଡ଼ା, ୩୦/୦୮ (ନି.ପ୍ର): କୋଲାବିରାରେ ବ୍ଲକ କାର୍ଯ୍ୟାଳୟ ଠାରେ ଜନ ଅଭିଯୋଗ ଶୁଣାଣି କରାଯାଇଛି। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବୀର କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଆରକ୍ଷୀ ଅଧିକ୍ଷକ ସ୍ମିତ ପି. ପରମାର, ଉପ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଡୋଳାମଣି ପଟେଲ, ବ୍ଲକ ଅଧ୍ୟକ୍ଷ, ବିଡିଓ ଅଶ୍ୱିନୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ମୋଟ ୩୬ଟି ଅଭିଯୋଗ ମଧ୍ୟରୁ ୯ଟି ସାମୁହିକ ଓ ୨୭ଟି ବ୍ୟକ୍ତିଗତ। ୪୦ ଗାଁ ସାଥୀଙ୍କର ପାଉଣା, ସୋଲାର ଲାଇଟ ମରାମତି,ସମାସିଙ୍ଘାରେ କଂକ୍ରିଟ ରାସ୍ତା ନିର୍ମାଣ, ୨୦୨୨ର ବକେୟା ଫସଲ ବୀମା ଯୋଜନା ଟଙ୍କା ପ୍ରଦାନ, ଘାସିଆପଡାସ୍ଥିତ ପୋଖରୀପଙ୍କ ଉଦ୍ଧାର, ଦଣ୍ଡାବୁଡ଼ା ଗ୍ରାମ ରାସ୍ତାଘାଟ ନିର୍ମାଣ ଓ ଗ୍ରାମ ଉନ୍ନତି କରଣ, ଜମି ଜବର ଦଖଲ ଓ ୨୦୨୦ କୋଭିଡ ସହାୟତା ରାଶି ପ୍ରଦାନ ସମ୍ପର୍କିତ ସମୂହ ଅଭିଯୋଗ ତଥା ରାସନ କାର୍ଡ,ପ୍ରାକୃତିକ ବିପର୍ଯ୍ୟୟ ସହାୟତା, ପକ୍କା ଘର ସହାୟତା ଓ ମରୁଡ଼ି ଇନପୁଟ ସବ୍ସିଡି ପ୍ରଦାନ,ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହେବା, କୋଲାବିରା ଯୁକ୍ତଦୁଇ କଲେଜ ଅଧ୍ୟକ୍ଷଙ୍କ ନିୟମ ବହିର୍ଭୁତ କାର୍ଯ୍ୟ, ଯୌତୁକ ନିର୍ଯ୍ୟାତନା ଓ ଜାତୀୟ ରାଜପଥ ୪୯ ଜମି ଅଧିଗ୍ରହଣ ବାବଦକୁ କ୍ଷତି ପୂରଣ ପ୍ରଦାନ ସମ୍ପର୍କିତ ବ୍ୟକ୍ତିଗତ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା। ପୂର୍ବ ଜନ ଅଭିଯୋଗ ଶୁଣାଣିରେ ଆଗତ ଅଭିଯୋଗ ଗୁଡ଼ିକର ସମାଧାନ ସମ୍ପର୍କରେ ବିଭାଗୀୟ ଅଧିକାରୀମାନଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯାଇଥିଲା।

# ପ୍ରଜାପତି ଆସନ



ଆସନ ପ୍ରଣାଳୀ:

-ଗୋଡ଼କୁ ସିଧାକରି ବସି ପଡ଼ନ୍ତୁ । ମେରୁଦଣ୍ଡକୁ ସିଧା ରଖନ୍ତୁ ।

- ଆଣ୍ଠୁ ପାଖରେ ଭାଙ୍ଗି ଦୁଇ ପାଦକୁ ଯୋଡ଼ନ୍ତୁ ।

- ଦୁଇ ଗୋଇଠିକୁ ଯୋଡ଼ି ଯେତେ ପାରୁଛନ୍ତି ନିଜ ଆଡ଼କୁ ଟାଣି ରଖନ୍ତୁ ।

- ଏବେ ଧୀରେ ଧୀରେ ପ୍ରଶ୍ୱାସ ନେବା ସହ ଦୁଇ ହାତକୁ ଆଣ୍ଠୁ ଉପରେ ରଖନ୍ତୁ ।

- ନିଶ୍ୱାସ ଛାଡ଼ନ୍ତୁ ଏବଂ ଆଣ୍ଠୁକୁ ତଳକୁ ଉପର କରନ୍ତୁ ।

- ଆଣ୍ଠୁକୁ ଭୂମିରେ ଲଗାନ୍ତୁ ଓ ଉପରକୁ ଉଠାନ୍ତୁ ।

- ୫ରୁ ୧୦ ମିନିଟ୍ ଏହିପରି କରନ୍ତୁ ।

ଲାଭ:

- ଏହି ଆନଗୋରରୁ କ୍ଳାନ୍ତି ଦୂରକରେ । ଶରୀରକୁ କମନୀୟତା ପ୍ରଦାନା କରେ । ଅବସାଦ ଦୂର କରିବା ପାଇଁ ଏହା ସହାୟକ ହୋଇଥାଏ ।

- ଏହା ହଜମ ଶକ୍ତି ବଢ଼ିବାରେ ସହାୟକ ହୋଇଥାଏ ।

- ପ୍ରଜନନ ଶକ୍ତିକୁ ତ୍ୱରାନ୍ୱିତ କରିଥାଏ ।

- ଋତୁସ୍ରାବ ଜନିତ ସମସ୍ୟାରୁ ମୁକ୍ତି ଦେଇଥାଏ ।

- ମହିଳାମାନଙ୍କର ମେନୋପୋଜ (ଋତୁସ୍ରାବ ରହିତ ଅବସ୍ଥା) ପରେ ଏହି ଆସନ କରିବାରେ ବହୁ ଲାଭ ହୋଇଥାଏ ।

- ଏହା ଗର୍ଭବତୀ ମହିଳାମାନଙ୍କ ପାଇଁ ବିଶେଷ ଉପଯୋଗୀ । ସ୍ୱାଭାବିକ ପ୍ରସବ ପାଇଁ ଏହି ଆସନ ଫଳପ୍ରଦ ।

- ଏହା କିଡ଼ନୀ, ବ୍ଲାଡ଼ର, ଏଣ୍ଡ୍ରୋକାଇନ ଗ୍ଲାଣ୍ଡ ଏବଂ ଓଭାରି ସୁସ୍ଥ ରଖିବାରେ ସହାୟକ ହୋଇଥାଏ ।

ବିଶେଷ ସତର୍କତା: ଯଦି କୌଣସି ଆଘାତ ଲାଗିଏ, ଅପରେସନ ହୋଇଥାଏ ଅଥବା ଶାରୀରିକ ଅସୁସ୍ଥତା ଥାଏ ତେବେ ଡାକ୍ତର କିମ୍ବା ଉପଯୁକ୍ତ ଯୋଗ ପ୍ରଶିକ୍ଷକଙ୍କ ପରାମର୍ଶ ନେଇ ଏହି ଆସନ କରିବେ ।

# ଥଣ୍ଡା, ଫ୍ଲୁରୁ ରକ୍ଷାକରେ ଭିଟାମିନ୍ ଡି’

ଅତିରିକ୍ତ ଭିଟାମିନ ଡି’ ଗ୍ରହର ଦ୍ୱାରା ଥଣ୍ଡା, ଫ୍ଲୁ ଓ ଅନ୍ୟ ଶ୍ୱାସଜନିତ ସଂକ୍ରମଣରୁରକ୍ଷା ମିଳିପାରେ । ଏକ ନୂଆ ଅଧ୍ୟୟନରୁ ଏହା ଜଣାପଡ଼ିଛି । ୧୪ଟି ଦେଶରେ ୨୫ଟି ଚିକିତ୍ସକୀୟ ପରୀକ୍ଷଧଣର ସମୀକ୍ଷା କରି ଭିଟାମିନ ଡି ଓ ଫ୍ଲୁ ପ୍ରତିରୋଧ ମାଧ୍ୟମରେ ସମ୍ପର୍କର ପ୍ରମାଣ ପାଇଉଥିବା ବିଏମଜେ ମେଡ଼ିକାଲ ପତ୍ରିକାରେ ଗବେଷକମାନେ ଦାବି କରିଛନ୍ତି । ଅତି କମ ସ୍ତରରେ ପୋଷକତ୍ୱ ଗ୍ରହଣ କରୁଥିବା ବ୍ୟକ୍ତିଙ୍କ ତ୍ୱଚା ଅତିବାଇଗଣି ସଂସ୍ପର୍ଶରେ ଆସିବା ଦ୍ୱାରା ଏହାର ପ୍ରଭାବ ଦୃଢ଼ ଜଣାପଡ଼ିଲା । ସୂର୍ଯ୍ୟ କିରଣ କମ ପଡୁଥିବା ସ୍ଥାନ ଓ ବାଦଲପୂର୍ଣ୍ଣ ଜଳବାୟୁରେ ଯଥେଷ୍ଟ ଭିଟାମିନ ଡି’ ନଥାଏ । ପୂର୍ବରୁ ଦୀର୍ଘବର୍ଷ ଧରି ବୈଜ୍ଞାନିକମାନେ ଏ କ୍ଷେତ୍ରରେ ଅଧ୍ୟୟନ କରିବା ପରେ ଭିନ୍ନ ଭିନ୍ନ ନିଷ୍କର୍ଷରେ ପହଂଚିଛନ୍ତି । କମ୍ ସ୍ତରର ଭିଟାମିନ ଡି ହାଡ଼ଭଙ୍ଗା, ହୃଦ;ରୋଗ, କୋଲୋରେକ୍ଟାଲଏ କ୍ୟାନ୍ସର, ମଧୁମେହ, ଅବସାଦ, ଅଲଝିମର୍ସ ଓ ସର୍ବୋପରି ମୃତ୍ୟୁ ଆଶଙ୍କା ବୃଦ୍ଧି କରେ ବୋଲି କିଛି ଗବେଷକ ଦର୍ଶାଇଛନ୍ତି । ଅନ୍ୟପକ୍ଷରେ ଭିଟାମିନ ଡି ଅଭାବ ଓ ରୋଗ ଆଶଙ୍କା ମଧ୍ୟରେ କୌଣସି ପ୍ରମାଣ ନଥିବା ମଧ୍ୟ କିଛି କହିଛନ୍ତି । ତେବେ ନୂଆ ଅଧ୍ୟୟନ ପାଇଁ ଲଣ୍ଡନରେ କ୍ୱିନ ମ୍ୟାରୀ ୟୁନିଭର୍ସିଟିରେ ଗବେଷକମାନେ ୧୧ହଜାର ଲୋକଙ୍କୁ ନେଇ ଏପର୍ଯ୍ୟନ୍ତ ସବୁଠୁ ବଡ଼ ପରୀକ୍ଷା କରିଥିଲେ । ଯଥେଷ୍ଟ ପରିମାଣ ଭିଟାମିନନ ଡି ଗ୍ରହଣଶ କଲେ ବ୍ରକ୍ତି ଥଣ୍ଡା ଓ ଶ୍ୱାସଜନପିତ ଅନ୍ୟ ସଂକ୍ରମଣରୁ ରକ୍ଷା ପାଇପାରେ ବୋଲି ସେମାନେ ସ୍ପଷ୍ଟ କରିଛନ୍ତି ।

# ପୁରୁଣା ଯନ୍ତ୍ରଣା ଦୂର କରେ ଆକ୍ୟୁପଙ୍କଚର୍



ଆକ୍ୟୁପଂଚର ଚିକିତ୍ସା ଅତିଶୟ ପୁରୁଣା କଷ୍ଟ ଓ ଅବସାଦ ହ୍ରାସରେ ସହାୟକ ହୋଇପାରେ । ଏକ ନୂଆ ଅଧ୍ୟୟନ ଏହା ଜାଣିବାକୁ ପାଇଛି । ଔଷଧଠୁ ଏହା ବେଶି ପ୍ରଭାବଶାଳୀ ବୋଲି ଗବେଷକ ଦର୍ଶାଇଛି । ପୁରୁଣା ଯନ୍ତ୍ରଣାର ଚିକିତ୍ସା ଏବଂ ଅବସାଦ ନିୟନ୍ତ୍ରଣ କ୍ଷେତ୍ରରେ ଏହି ନୂଆ ତଥ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । କାରଣ ଏଣିକି ରୋଗୀ ଓ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଅଧିକ ଆତ୍ମବିଶ୍ୱାସର ସହ ଆକ୍ୟୁପଂଚର୍ ଚିକିତ୍ସା ପାଇଁ ନିଷ୍ପତ୍ତି ନେଇପାରିବେ । ବ୍ରିଟେନରେ ୟର୍କ ୟୁନିଭର୍ସିଟିର ଆକ୍ୟୁପଂଚର ରିସର୍ଚ୍ଚ ପ୍ରଫେସର ହଗ୍ ମ୍ୟାକଫେରସନଙ୍କ ମତରେ, ଏହି ଚକିତ୍ସା କେବଳ ଶସ୍ତା ନୁହେଁ, ଯନ୍ତ୍ରଣା ହ୍ରାସ କରିବା ସହିତ ମନ ମଧ୍ୟ ଭଲ ରଖେ । ଔଷଧର ପାର୍ଶ୍ୱ ପ୍ରତିକ୍ରିୟା ଆଶଙ୍କା ଏଥିରେ ନଥାଏ ବୋଲି ସେ କହିଛନ୍ତି । ନ୍ୟାସନାଲ ଇନଷ୍ଟିଚ୍ୟୁଟ ଫର ହେଲଥ ରିସର୍ଚ୍ଚ ଜର୍ଣ୍ଣାଲରେ ଏହି ତଥ୍ୟ ପ୍ରକାଶ ପାଇଛି । ଉଭୟ ଆକ୍ୟୁପଂଚର ଓ ଔଷଧ ଚିକିତ୍ସା କରାଇଥିବା ପୁରୁଣା ଯନ୍ତ୍ରଣାରେ ପୀଡ଼ିତ ରୋଗୀଙ୍କ ସହିତ କେବଳ ଔଷଧ ଚିକିତ୍ସା କରାଥିବା ରୋଗୀଙ୍କୁ ପରୀକ୍ଷକ୍ଷା କରାଗଲା । ପରୀକ୍ଷାରେ ହାରହାରି ୧୮ ହଜାର ରୋଗୀ ବେକ, ବେକର ନିମ୍ନ ଭାଗ, ମୁଣ୍ଡ ଓ ଆଣ୍ଠୁ ଆଦି ପୁରୁଣା ଯନ୍ତ୍ରଣାରେ ପୀଡ଼ିତ ଥିଲେ । ଔଷଧ ଚିକିତ୍ସା ତୁଳନାରେ ଆକ୍ୟୁପଂଚର ଦ୍ୱାରା ବିଭିନ୍ନ ପ୍ରକାର ମୁଣ୍ଡବିନ୍ଧା, ମାଇଗ୍ରେନ ଓ ଅତିଶୟ ବେକ ବିନ୍ଧା ଆଦିରେ ଗୁରୁତ୍ୱପୂର୍ଣ୍ଣ ହ୍ରାସ ପରିଲକ୍ଷିତ ହୋଇଥିଲା । ଅଷ୍ଟିଓଆର୍ଥରାଇଟିକ୍ସ ଅକ୍ଷମତା ହ୍ରାସରେ ବି ଆକ୍ୟୁପଂଚର ପ୍ରଭାବଶାଳୀ ଜଣାପଡ଼ିଲା । ଗବେଷଣାରୁ ଅବସାଦ ଉପରେ ଏହି ଚିକିତ୍ସା ପଦ୍ଧତି ପ୍ରଭାବଶାଳୀ ଜଣାପଡ଼ିଛି । ଉତନ୍ତର ଇଂଲଣ୍ଡର ୭୫୫ ଜଣ ଅବସାଦଗ୍ରସ୍ତ ରୋଗୀଙ୍କ ଉପରେ ଏହି ପରୀକ୍ଷା କରାଯାଇଥିଲା ।

# ସ୍ନାଇପରସେଲ୍ ଭୂମିକା

ବିଶ୍ୱର ଅଧିକାଂଶ ରାଷ୍ଟ୍ରର ସୈନ୍ୟବାହିନୀରେ ସ୍ନାଇପର ସେଲ କାର୍ଯ୍ୟ କରୁଛନ୍ତି । ପ୍ରଥମଥର ଏହି ସ୍ନିପର ସେଲ ୧୭୭୦ରେ ବ୍ରିଟିଶ ସେନା ଆରମ୍ଭ କରିଥିଲା । ସେନ୍ୟବାହିନୀରେ କାର୍ଯ୍ୟରତ ବଛାବଛା ସୈନ୍ୟଙ୍କୁ ଏହି କାର୍ଯ୍ୟରେ ନିୟୋଜିତ କରାଯାଏ । ସେମାନଙ୍କ ଲକ୍ଷ୍ୟ ଅତ୍ୟନ୍ତ ତୀକ୍ଷ୍ଣ । ପ୍ରାୟ ୨ରୁ ଅଢ଼େଇ କିଲୋମିଟର ଦୂରରୁ ଶତ୍ରୁକୁ ଗୁଳିବିଦ୍ଧ କରିଥାନ୍ତି । ଏହି ସେଲରେ କାମ କରୁଥିବା ସୈନ୍ୟ ଏକାକୀ କିମ୍ବା ୨ଜଣଙ୍କ ସହ କାମ କରିଥାଏ । କେବଳ ମୁଖ୍ୟଙ୍କ ବ୍ୟତୀତ ନିଜ ସାଥୀଙ୍କୁ ମଧ ଏମାନେ କାମ କରୁଥିବା ସ୍ଥାନ ବିଷୟରେ ପ୍ରକାଶ କରିନଥାନ୍ତି । ଭାରତ ସ୍ନାଇପର ସେଲରେ ବ୍ୟବହାର କରୁଥିବା ବନ୍ଧୁକ ଗୁଡ଼ିକ ବେଶ୍ ସ୍ୱତନ୍ତ୍ର । ଏଗୁଡ଼ିକୁ ଜର୍ମାନୀରୁ କିଣାଯାଇଥାଏ । ବ୍ରିଟିଶ ସେନାର ସ୍ନାଇପର ସେଲ୍‌ର କ୍ରେଗ୍ ହ୍ୟାରିସନ ସବୁଠାରୁ ଅଧିକ ଦୂରତାକୁ ଗୁଳିବିଦ୍ଧ କରିଥିବାର ବିଶ୍ୱ ରେକର୍ଡ଼ କରିଛନ୍ତି । ସେ ୨୪୭୫ମିଟର ଦୂରରୁ ଶତ୍ରୁକୁ ଗୁଳି କରିଥିଲେ ।



# ଭିନ୍ନକ୍ଷମଙ୍କ ପାଇଁ ସ୍ୱତନ୍ତ୍ର ବସ୍




ତାମିଲନାଡୁସ୍ଥିତ ଅରୋଭିଲରେ ଭିନ୍ନକ୍ଷମଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ବସ୍ ଚାଳିତ ହେଉଛି । ଅନ୍ୟ କାହାର ସହାୟତା ବିନା ଜଣେ ଭିନ୍ନକ୍ଷମ ବ୍ୟକ୍ତି ବସ୍ ଭିତରକୁ ଯାଇପାରିବ ଓ ସୁରକ୍ଷିତ ଭାବରେ ଓହ୍ଲାଇପାରିବ । ଅରୋଭିଲ ନିବାସୀ ସୁସ୍ମିତା ଓ ତାଙ୍କ ବନ୍ଧୁମାନଙ୍କ ଉଦ୍ୟମରେ ଏହି କାର୍ଯ୍ୟ ସଫଳ ହୋଇଛି । ପ୍ରଥମେ ସେମାନେ ୧୨ ଆସନ ବିଶିଷ୍ଟ ଏକ ବସ୍ କିଣିଲେ କେବଳ ଭିନ୍ନକ୍ଷମଙ୍କୁ ସହାୟତା ଲକ୍ଷ୍ୟରେ ଏହି ବସ୍ କିଣା ହୋଇଥିଲା । ତେବେ, ସୁସ୍ମିତା ନିଜ କମ୍ପାନୀର କାର୍ଯ୍ୟରେ ଜର୍ମାନୀ ଯାଇଥିବା ବେଳେ ଭିନ୍ନକ୍ଷମଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ଥିବା ବସଟିଏ ଦେଖିଥିଲେ । ଭାରତର ଫେରିବା ପରେ ନିଜ ବନ୍ଧୁମାନଙ୍କ ସହାୟତାରେ ସେ ଏଭଳି ବସ୍ ନିର୍ମାଣ କରିବାକୁ ଯୋଜନା କରିଥିଲେ । ବସ୍ କିଣାହେବା ପରେ ସେ ସେଠାକାର କରୁର ଜିଲ୍ଲାର ଏକ କାର ଦୋକାନକୁ ଗଲେ । ସେଠାକାର କାର, ବସକୁ ଅତ୍ୟାଧୁନିକୀକରଣ କରାଯାଏ ବୋଲି ସୁସ୍ମିତା ଜାଣିଥିଲେ । ଦୋକାନର ମୁଖ୍ୟ କର୍ମଚାରୀ ସୁସ୍ମିତାଙ୍କୁ ଜର୍ମାନରୁ ସ୍ୱତନ୍ତ୍ର ଯନ୍ତ୍ରପାତି ମଗାଇବାକୁ ପରାମର୍ଶ ଦେଲେ । କାଳବିଳମ୍ବ ନକରି ସୁସ୍ମିତା ଓ ତାଙ୍କ ସାଙ୍ଗମାନେ ୧୨ଲକ୍ଷ ଟଙ୍କା ବ୍ୟୟରେ ଜର୍ମାନୀରୁ ଯନ୍ତ୍ରପାତି ମଗାଇଲେ । ବେଶ୍ ସୁନ୍ଦର ଭାବେ ଏକ ପ୍ଲାଟଫର୍ମ କରି ବସରେ ଲିଫ୍ଟ ଭଳି ଯନ୍ତ୍ର ଲାଗିଲା । ଜଣେ ଭିନ୍ନକ୍ଷମ ବ୍ୟକ୍ତି ନିଜ ହ୍ୱିଲ ଚେୟାରରେ ବସି ହିଁ ବସ ଭିତରକୁ ଯାଇପାରିବ ଓ ସେହି ଲିଫ୍ଟ ଉପଯୁକ୍ତ ସୁରକ୍ଷା ସହ ବ୍ୟକ୍ତିଙ୍କୁ ବସରୁ ଓହ୍ଲାଇ ମଧ ଦେବ । ସୁସ୍ମିତା ଏବେ ଭାରତର ବିଭିନ୍ନ ପ୍ରାନ୍ତରୁ ଏଭଳି ଭିନ୍ନକ୍ଷମ ବସ ସୁବିଧା ଆରମ୍ଭ କରିବାର ଯୋଜନା କରୁଛନ୍ତି ।

# ମଧୁମେହ ରୋଗୀଙ୍କୁ ଡାଏବୁଲିମିଆ ଆଶଙ୍କା

ମଧୁମେହ ପୀଡ଼ିତ ଏକ ତୃତୀୟାଂଶରୁର ଉର୍ଦ୍ଧ୍ୱ କମ୍ ବୟସର ମହିଳା ଏକ ପ୍ରକାର ଖାଦ୍ୟଜନିତ



ବିକାରରେ ପୀଡ଼ିତ ଯାହା ଦ୍ୱାରା ଶରୀରରେ ଇନସୁଲିନ ହ୍ରାସ ପାଇବାରୁ ହୃଦରୋଗ, ସ୍ନାୟୁ ଅକାମି, ଦୃଷ୍ଟିଶକ୍ତି ହ୍ରାସ ଭଳି ଅନେକ ଜଟିଳ ସମସ୍ୟା ଦେଖାଦେଇପାରେ ବୋଲି ଗବେଷକମାନେ କହିଛନ୍ତି । ଟାଇପ-୧ ମଧୁମେହ ପୀଡ଼ିତାଙ୍କ ଠାରେ ଖାଦ୍ୟ ଜନିତ ବିକାର ଦେଖାଯାଏ, ଯାହାକୁ ଡଏବୁଲିମିଆ କୁହାଯାଏ । ଏହା ଆବଶ୍ୟକ ଇନସୁଲିନ ଶରୀରକୁ ଯୋଗାଇ ପାରେନାହିଁ । ମଧୁମେହ ରୋଗୀଙ୍କ ଠାରେ ଖାଦ୍ୟ ବିକାର ଅଧିକ । ୧୫ରୁ ୨୦ ପ୍ରତିଶତ କମ ବୟସ୍କ ମହିଳା ଏହି ସମସ୍ୟାରେ ପୀଡ଼ିତ । ଟାଇପ-୧ ମଧୁମେହ ରୋଗୀଙ୍କ ଠାରେ ଏହି ଆଶଙ୍କା ଦୁଇଗୁଣ ବୋଲି ଲଣ୍ଡନର କିଙ୍ଗସ କଲେଜ ପ୍ରଫେସର ଜାନେତ ଟ୍ରେଜର କହିଛନ୍ତି । ଡାଏବୁଲିମିଆ ଏକ ଗମ୍ଭୀର ଅବସ୍ଥା ହୋଇଥିଲେ ହେଁ ଲୋକେ ଏହାକୁ ଅଣଦେଖା କରିଥାନ୍ତି । ଟାଇପ-୧ ମଧୁମେହ ରୋଗୀଙ୍କ ପାଇଁ ପ୍ରତିଦିନ ଇନସୁଲିନ ନେବା ହାନିକାରକ ହୋଇପାରେ ବୋଲି ଡାଇବେଟିସ କୋ.ୟୁକେର ଚାରଲୋଟ୍ ସମର୍ସ କହିଛନ୍ତି ।

# ରକ୍ତଦାନ କଲେ ସୁସ୍ଥ ରହିବେ

କଥାରେ ଅଛି ରକ୍ତଦାନଠାରୁ କିଛି ମହାନ ପୂଣ୍ୟ ନାହିଁ । ହେଲେ ଜାଣନ୍ତି କି ରକ୍ତଦାନ ଦ୍ୱାରା ଆମ ଶରୀର କେତେ ସୁସ୍ଥ ଓ ସବଳ ରହିଥାଏ !

ରକ୍ତଦାନ ଉପରେ ଆମେ ଅନେକ ବିଜ୍ଞାପନ ଦେଖିଛୁ । ଏହାସହ ରକ୍ତଦାନ ଦ୍ୱାରା ଅନେକ ଜୀବନ ରକ୍ଷା ହୋଇପାରୁଥିବା ଜାଣିଛେ । ଏହାକୁ ଆମେ ସାମାଜିକ କର୍ତ୍ତବ୍ୟ ଭାବେ ନେଇ କାର୍ଯ୍ୟ କରିଥାଉ । ହେଲେ ଏହି ରକ୍ତଦାନ ଆମ ସ୍ୱାସ୍ଥ୍ୟ ପାଇଁ ହିତକର, ଏକଥା ବହୁତ କମ୍ ଲୋକ ଜାଣନ୍ତି । ଏହା ଶରୀର ପାଇଁ ହିତକର । ଏହାଦ୍ୱାରା ମାନସିକ ଶାନ୍ତି ମଧ୍ୟ ମିଳିଥାଏ । ଆମେ କେତେକଙ୍କଠାରୁ ଶୁଣିଛେ ମହିଳାଙ୍କ ପକ୍ଷେ ରକ୍ତଦାନ ହିତକର ନୁହେଁ । ହେଲେ ଏହା ବାସ୍ତବରେ ସତ୍ୟ ନୁହେଁ । ମହିଳାମାନେ ମଧ୍ୟ ରକ୍ତଦାନ କଲେ ସୁସ୍ଥ ରହିପାରିବେ । ରକ୍ତଦାନ କେତେଦୂର ଆମ ସ୍ୱାସ୍ଥ୍ୟ ପାଇଁ ହିତ ଆସନ୍ତୁ ସେ ସମ୍ପର୍କରେ କିଛି ଜାଣିବା ।

♦ ଆଇରନ୍‌ସ୍ତର ସନ୍ତୁଳନ: ଏକ ଅନୁସନ୍ଧାନରୁ ଜଣାପଡିଛି ଖାଦ୍ୟ ଯୋଗୁଁ ଆମ ଶରୀରରେ ଆଇରନ୍ ସ୍ତର ସୃଷ୍ଟି ହୋଇଥାଏ । ରକ୍ତଦାନ ଦ୍ୱାରା ଏହି ଆଇରନ୍ ସ୍ତର ସନ୍ତୁଳନ ହୋଇଥାଏ । ରକ୍ତରେ ଆଇରନ୍‌ର ପରିମାଣ ଅଧିକ ହେଲେ ଏହା ହୃତ୍‌ପିଣ୍ଡ ପାଇଁ କ୍ଷତିକାରକ ହୋଇଥାଏ । ହୃଦ୍‌ଜନିତ ରୋଗର ଉପଶମ ପାଇଁ ରକ୍ତଦାନ କରିବାର ଆବଶ୍ୟକ ରହିଛି । ମହିଳାଙ୍କ ଋତୁସ୍ରାବ ସମୟରେ ତାଙ୍କ ଶରୀରରେ ଆଇରନ୍ ସ୍ତର ସନ୍ତୁଳନ ହୋଇଥାଏ । ପୁରୁଷ ହୁଅନ୍ତୁ ବା ସ୍ତ୍ରୀ ରକ୍ତଦାନ କରିବା ସେମାନଙ୍କ ସ୍ୱାସ୍ଥ୍ୟପାଇଁ ଉତ୍ତମ ହୋଇଥାଏ । ରକ୍ତଦାନ ପରେ ଆଇରନ୍ ସ୍ତର ଠିକ୍ ଅଛି କି ନା ଡାକ୍ତର ପରୀକ୍ଷା କରିଥାନ୍ତି ।

♦ ସ୍ୱାସ୍ଥ୍ୟ ପରୀକ୍ଷା: ରକ୍ତଦାନ ପୂର୍ବରୁ ବ୍ୟକ୍ତି ରକ୍ତ ଦେଇ ପାରିବ କି ନା ସେ କଥା ଡାକ୍ତର ପରୀକ୍ଷା କରି ଜାଣନ୍ତି । ପରୀକ୍ଷା ଦ୍ୱାରା ଆପଣ ସ୍ୱାସ୍ଥ୍ୟବାନ ଅଛନ୍ତି କି ନା ଆପଣ ଜାଣିପାରିବେ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଠାରୁ ଏ ସମ୍ପର୍କରେ ପରାମର୍ଶ ଗ୍ରହଣ କରନ୍ତୁ ।



♦ କର୍କଟ ରୋଗର ଉପଶମ: ଶରୀରରେ ଆଇରନ୍‌ର ପରିମାଣ କମିଗଲେ କର୍କଟ ରୋଗର ସୂଚନା ମିଳିଥାଏ । ତେଣୁ ରକ୍ତଦାନ କରି ଫୁସଫୁସ, ବୃହାତନ୍ତ୍ର, ଯକୃତ, ଗଳା କର୍କଟଠୁ ଦୂରେଇ ରୁହନ୍ତୁ ।

♦ ଆୟତରେ ରକ୍ତଚାପ: ରକ୍ତଦାନ କରିବା ଦ୍ୱାରା ଶରୀରରେ ରକ୍ତର ମାତ୍ରା ଠିକ୍ ରହିଥାଏ । ଯଦ୍ୱାରା ରକ୍ତଚାପ ଆପଣଙ୍କ ଆୟତରେ ରହିଥାଏ ଏବଂ ଆପଣଙ୍କ ହୃଦ୍‌ପିଣ୍ଡ ସୁସ୍ଥ ରହେ ।

♦ କୋଲେଷ୍ଟେରଲ୍‌ର ପରିମାଣ କମ୍ କରେ: ରକ୍ତ କୋଷରେ କୋଲେଷ୍ଟେରଲ୍ ଥାଏ । ଉଭୟ ଖରାପ ଏବଂ ଭଲ କୋଲେଷ୍ଟେରଲ୍ ନାଳି ରକ୍ତ କୋଷିକାରେ ଥାଏ । ରକ୍ତ ଦାନ କରିବା ଦ୍ୱାରା ରକ୍ତରେ ଥିବା କୋଲେଷ୍ଟେରଲ୍ ପରିମାଣ କମିଥାଏ ।

♦ ରକ୍ତର ପରିମାଣ କମିବା ମାତ୍ରେ ସ୍ଥାନ ପୂରଣ: ରକ୍ତଦାନ କରିବାପରେ କମିଯାଇଥିବା ରକ୍ତର ପରିମାଣକୁ ୪-୮ ଘଣ୍ଟା ଭିତରେ ନାଳି ରକ୍ତ କୋଷ ପୂରଣ କରିଥାଏ । ତେଣୁ ଦୁର୍ଘଟଣାରେ ଦେହରୁ ରକ୍ତ ବାହାରିଗଲା ପରେ ମଧ୍ୟ ଶରୀର ସେହି ସବୁ କ୍ଷତି ବହନ କରିବାକୁ ସମର୍ଥ ହୋଇଥାଏ । ରକ୍ତଦାନ କରିବା ଦ୍ୱାରା ଏହା ଆମ ସ୍ୱାସ୍ଥ୍ୟପାଇଁ ଫଳପ୍ରଦ ହୋଇଥାଏ । ପ୍ରତି ୩ ମାସ ଅନ୍ତରରେ ପୁରୁଷମାନେ ରକ୍ତଦାନ କରୁଥିବା ବେଳେ ମହିଳାମାନେ ୪ମାସ ଅନ୍ତରରେ କରିପାରିବେ କିନ୍ତୁ ଏଥିପୂର୍ବରୁ ଡାକ୍ତରଙ୍କ ପରାମର୍ଶ ଗ୍ରହଣ କରନ୍ତୁ ।

# ଗାଈ ପରିବହନରେ କେତେକ ଯତ୍ନ



ଶଙ୍କର ଜାତୀୟ ଗାଈର ଚାହିଦା ଆମ ରାଜ୍ୟରେ ରହିଛି । ଏହି ଜାତୀୟ ଗାଈ ଆମ ରାଜ୍ୟର କେତେକ ସରକାରୀ ଫାର୍ମ ଓ ପ୍ରମୁଖ ବ୍ୟବସାୟଲରୁ କିଣାଯାଇ ପାରେ । ଆଜିକାଲି ଆନ୍ଧ୍ରପ୍ରଦେଶରୁ ମଧ ଏହି ଜାତୀୟ ଗାଈ ଆଣି ବ୍ୟବସାୟୀମାନେ ଏଠାରେ ବିକ୍ରି କରୁଛନ୍ତି । ବିଭିନ୍ନ ଜିଲ୍ଲାରୁ ମଧ ଚାଷୀ ଗାଈ କିଣିଥାଆନ୍ତି । ଚାଷୀଭାଇ କୌଣସି ଦୂର ସ୍ଥାନରୁ ଗାଈ କିଣି ନିଜ ଘରକୁ ଫେରୁଥିବା ବେଳେ ଗାଈର ପରିବହନ ନେଇ କେତେକ ଦିଗ ପାଇଁ ପ୍ରତ୍ୟହ ଦି’ବେଳା ଆହାର ଓ ପାଣି ପିଇବା ବ୍ୟବସ୍ଥା କରିବା ଲୋଡ଼ା । ଯଦି ଚାଷୀଭାଇ ଚାରି/ପାଂଚଟି ଗାଈ କିଣୁଥାଆନ୍ତି ଓ କିଣିବା ସ୍ଥାନ ଦୂର ହୋଇଥାଏ ତେବେ ସେମାନଙ୍କୁ ଟ୍ରକରେ ଆଣିବା ଉଚିତ । ଯଦି ଗ୍ରୀଷ୍ମଋତୁ ହୋଇଥାଏ ତେବେ ଟ୍ରକ ଡ଼ାଲାରେ ୧୦ ରୁ ୧୫ ସେ.ମି. ବହଳର ବାଲି ବିଛାଇ ସେଥିରେ ପାଣି ଓଦା ହେବା ଭଳି ସିଂଚିବା ଦରକାର । ଯଦି ଶୀତଋତୁ ହୋଇଥାଏ ନଡ଼ା ବା କୁଟା ୧୫ ସେ.ମି. ବହଳର ବିଛାଇ ଦେବା ଉଚିତ । ଗାଈମାନଙ୍କ ମଧରେ ଠେଲାପେଲା ଅବା ମାରପିଟ ରୋକିବା ପାଇଁ ବାଉଁଶ ଆଡ଼ି ବାନ୍ଧି ଦେବା ଆବଶ୍ୟକ । ପରିବହନ ସମୟରେ ଗାଈ ପାଇଁ ଦାନା, ଦାନାପାତ୍ର, ପାଣିପାତ୍ରର ବ୍ୟବସ୍ଥା ନିଶ୍ଚିତ ଭାବରେ କରାଯିବା ଲୋଡ଼ା ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୩୧ ଅଗଷ୍ଟ ୨୦୨୩, ଗୁରୁବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## କ୍ରୀଡ଼ାତ୍ମକ କାର୍ଯ୍ୟକଳାପ...

ବର୍ଚ୍ଛା (ଜାଭେଲିନ୍) ଫିଙ୍ଗିବା ହେଉଛି ଏକ ପ୍ରାକୃତିକ, ପ୍ରାଚୀନ ଏବଂ କ୍ରୀଡ଼ାତ୍ମକ କାର୍ଯ୍ୟକଳାପ । ଏହା ମାନବ ଜୀବନ ସହିତ ଏତେ ପରିମାଣରେ ଜଡ଼ିତ ଯେ ସମ୍ଭବତଃ ଏହାଠୁ ପୁରୁଣା କାର୍ଯ୍ୟ ଏବଂ ଖେଳ ଆଉ କିଛି ନାହିଁ । ଏହାକୁ ଫିଙ୍ଗିବା ପାଇଁ ବାୟୁର କୌଣସି ଜଟିଳତାରେ ଦକ୍ଷତା ହାସଲ କରିବା ବା ପଡ଼ିଆର କୋଣକୁ ନେଇ ଚିନ୍ତିତ ହେବା ଅଥବା ଏକ କୋର୍ଟରେ କ୍ରିୟା ଏବଂ ପ୍ରତିକ୍ରିୟା ଭିତରେ ରହିଥିବା ଆନ୍ତଃକ୍ରୀଡ଼ାକୁ ନିୟନ୍ତ୍ରଣ କରିବା କିମ୍ବା ଏକ ସୀମା ବା ପରିସର ମଧ୍ୟରେ ମଣିଷ ଏବଂ ଉପକରଣର ସୁସଂଯୋଗ ସ୍ଥାପିତ ହେବା ସେତେଟା ଦରକାର ହୋଇ ନଥାଏ । ଏହା ହେଉଛି ସେଇ କାର୍ଯ୍ୟ, ଯାହା ଯେ କୌଣସି ଖେଳ ପୂର୍ବରୁ ସମାଜରେ ରହି ଆସିଥିଲା । ଆମକୁ ବିଶ୍ୱରେ ଆମର ନାମ ଉଜ୍ଜଳ କରିବାର ଅଛି ।' ଉଦୀୟମାନ ନବ ଭାରତର ଦୃଶ୍ୟପଟର ସଂଜ୍ଞା ନିର୍ଦ୍ଧାରଣ କରିବା ନିମନ୍ତେ ଉର୍ଦ୍ଧ୍ୱମୁଖୀ ଆକାଂକ୍ଷାକୁ ବ୍ୟକ୍ତ କରିବା ପାଇଁ ଏହାଠାରୁ ବଳି ବଡ଼ ମଞ୍ଚ ବା ବିବୃତି କ୍ୱଚିତ୍ ଆଉ କିଛି ଅଛି । ଗୋଟିଏ ଦୃଷ୍ଟିରୁ ବୁଦାପେଷ୍ଟରେ ଏକ ସୁଖଦ ରବିବାର ରାତ୍ରିରେ ନିଜର ଦ୍ୱିତୀୟ ଉଦ୍ୟମରେ ୮୮.୧୭ ମିଟର ଦୂରତାକୁ ନୀରଜଙ୍କର ଜାଭେଲିନ୍ ଫିଙ୍ଗିବା ବିଶ୍ୱ ମଞ୍ଚରେ ଭାରତ ପାଇଁ ଏକ ସ୍ୱର୍ଣ୍ଣିମ ମୁକୁଟ ବହନ କରି ଆଣିଥିବା ଉଲ୍ଲେଖନୀୟ ସପ୍ତାହକୁ ନେଇ ଆସିଥିଲା କହିଲେ ଅତ୍ୟୁକ୍ତି ହେବନାହିଁ । ୟୁ ଟ୍ୟୁବ୍‌ରେ ଲୋକମାନେ ଚନ୍ଦ୍ରଯାନ-୩ର ସଫଳ ଅବତରଣ ରେକର୍ଡ ପରିମାଣର ଦର୍ଶକଙ୍କୁ ଆକୃଷ୍ଟ କରିବାର ଅବ୍ୟବହିତ ପରେ ଚେସ୍ ବିଶ୍ୱକପ୍‌ରେ ମ୍ୟାଗ୍ନେସ୍ କାର୍ଲସେନ୍‌ଙ୍କ ସହିତ ଯୁବ ଚେସ୍ ଖେଳାଳି ଆର୍ ପ୍ରଜ୍ଞାନନ୍ଦାଙ୍କ ଫାଇନାଲ ମ୍ୟାଚ୍ ଆକୃଷ୍ଟ କରିଥିଲା ବିପୁଳ ପରିମାଣର ଦର୍ଶକଙ୍କୁ । ଆଉ ତା' ପରେ ପରେ ଏକ ରିଲେ ଟିମ୍‌ର ୪x ୪୦୦ ମିଟରର ଏସୀୟ ରେକର୍ଡ। ପ୍ରଥମ ଥର ପାଇଁ ଭାରତ କେବଳ ଜଣେ କ୍ରୀଡ଼ାବିତ୍‌ଙ୍କୁ ପାଇ ନଥିଲା ଯିଏକି ଦେଶରେ ଟ୍ରାକ୍ ଏବଂ ଫିଲ୍ଡର ଖେଳ ଶୃଙ୍ଖଳାରେ ସମାନ ହେବାର ଦ୍ୱାରଦେଶରେ ଉପସ୍ଥିତ ହୋଇ ପାରିଥିଲେ, ବରଂ ସମଗ୍ର ବିଶ୍ୱରେ ଏହା ନିଜର ଏକ ସୁନାମ ପ୍ରତିଷ୍ଠା କରିବା ସକ୍ଷମ ହୋଇ ପାରିଥିଲା । ୨୦୧୬ରେ ଜୁନିଅର ବିଶ୍ୱ ଚାମ୍ପିଅନ୍ ହେବାଠାରୁ ୨୦୧୭ରେ ଏସିଆନ୍ ଟାଇଟଲ ହାସଲ କରିବା; ୨୦୧୮ରେ କମଲଥ୍ ଗେମସ୍କୋରେ ସ୍ୱର୍ଣ୍ଣ ପଦକଠାରୁ ୨୦୨୧ରେ ଅଲିମ୍ପିକ୍ ସ୍ୱର୍ଣ୍ଣ ଏବଂ ୨୦୨୨ରେ ଡାଇମଣ୍ଡ୍ ଲିଟ୍‌ରେ ବିଜୟୀ ହେବା ନୀରଜଙ୍କ ସଫଳତାର କାହାଣୀକୁ ବୟାନ କରେ ଏବଂ ସେ ଯେ ଜଣେ ସର୍ବକାଳୀନ ମହାନ ଖେଳାଳି ହେବାକୁ ଯାଉଛନ୍ତି, ତା'ର ପରିଚୟ ପ୍ରଦାନ କରିଥାଏ। ସେ ଏବେ ଉତ୍କର୍ଷ ହାସଲ କରିବା ପଥରେ ପଥିକ। କୁହାଯାଏ, 'ଫିଙ୍ଗାଳିମାନଙ୍କ ପାଇଁ ଶେଷ ରେଖା ବୋଲି କିଛି ନଥାଏ।' ଆଉ ନୀରଜ ବର୍ତ୍ତମାନ ବିଶ୍ରାମ ନେବା ପାଇଁ ପ୍ରସ୍ତୁତ ନୁହନ୍ତି । ବିଶ୍ୱ ଚାମ୍ପିଅନ୍‌ସିପ୍‌ର ଜାଭେଲିନ୍ ଫାଇନାଲରେ ଶ୍ରେଷ୍ଠ ଛଅ ଜଣ ଖେଳାଳିଙ୍କ ଭିତରେ ନୀରଜଙ୍କ ବ୍ୟତୀତ ଆଉ ଦୁଇଜଣ ଭାରତୀୟ କିଶୋର ଜେନା ଏବଂ ଡିପି ମନୁଙ୍କ ଉପସ୍ଥିତି ମଧ୍ୟ ନୀରଜଙ୍କ ଉତ୍ତରାଧିକାରକୁ ସୁନିଶ୍ଚିତ କରୁଛି । ଖୁବ୍ କମ୍ ସମୟ ମଧ୍ୟରେ ନୀରଜଙ୍କର ବିଶ୍ୱ ଚାମ୍ପିଅନ୍‌ସିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିବା ଇତିହାସ ପରିପ୍ରେକ୍ଷୀରେ ତାଙ୍କୁ ଆହୁରି ଉଲ୍ଲେଖନୀୟ କରି ତୋଳିଛି ଓ ଆଉ ମାତ୍ର ଦୁଇଜଣ ଜାଭେଲିନ୍ ଥ୍ରୋୟର- କିମ୍ବଦନ୍ତୀ ଜାଭେଲିନ୍ ଥ୍ରୋୟର ଜାନ୍ ଜେଲେଜ୍‌ନି ଏବଂ ଆନ୍ଦ୍ରିଆସ୍ ଥୋରକିଲ୍‌ସେନ୍- ହିଁ ସର୍ବକାଳୀନ ତିନିଗୋଟି ବଡ଼ ପ୍ରତିଯୋଗିତା ଅଲିମ୍ପିକ୍, କଣ୍ଟିନେଣ୍ଟାଲ ଏବଂ ୱର୍ଲଡ୍ ଟାଇଟଲ୍ ହାସଲ କରି ପାରିଥିଲେ। ତେବେ ଉପରୋକ୍ତ ଦୁଇଜଣ ନୀରଜଙ୍କଠାରୁ ଅଧିକ ବୟସରେ ଏହା ହାସଲ କରିଥିବା ବେଳେ ନୀରଜ କମ୍ ବୟସରେ ଏହା ହାସଲ କରି ବିରଳ ଗୌରବର ଅଧିକାରୀ ହୋଇ ପାରିଛନ୍ତି। ଭାରତ ଭଳି କ୍ରିକେଟ୍‌ପ୍ରେମୀ ଦେଶରେ ନୀରଜଙ୍କର ତାରକା ଖେଳାଳି ପାଲଟିବା ଅନେକ ଦୃଷ୍ଟିରୁ ଗୁରୁତ୍ୱ ବହନ କରେ। ଆଥଲେଟିକ୍ସ କ୍ଷେତ୍ରରେ ବିଶ୍ୱ ଚାମ୍ପିଅନ୍ ହେବା କ୍ରୀଡ଼ାର ସମସ୍ତ ଫର୍ମାଟ୍ ଦୃଷ୍ଟିରୁ ମହତ୍ତ୍ୱପୂର୍ଣ୍ଣ ପରିଗଣିତ ହେଉଥିବା ବେଳେ ଏକଥା ସମସ୍ତେ ମନେ ରଖୁବା ଉଚିତ ଯେ ଏହି ସଫଳତା ଅନେକ ଆହ୍ୱାନକୁ ସାଙ୍ଗରେ ନେଇ ଆସିଥାଏ। ଭିତ୍ତିଭୂମିରେ ରହିଥିବା ଅନ୍ତର, ପାଣ୍ଠିର ସୀମା ଏବଂ କ୍ରୀଡ଼ା ସଂଘମାନଙ୍କରେ ରହିଥିବା ବିଭିନ୍ନ ପ୍ରସଙ୍ଗ ପ୍ରାୟତଃ ଭାରତୀୟ କ୍ରୀଡ଼ାବିତ୍‌ମାନଙ୍କ ସଫଳତା ପଥରେ ପ୍ରତିବନ୍ଧକ ଭାବରେ ଉଭା ହେବା ଅଭିଯୋଗ ହୋଇଥାଏ । ଏସବୁ ପ୍ରତିବନ୍ଧକକୁ ଯଥା ଶୀଘ୍ର ଦୂର କରାଯିବା ଭାରତୀୟ କ୍ରୀଡ଼ା ଆକାଶ ପାଇଁ ମଙ୍ଗଳକାରକ ହେବା ସହିତ ବିଶ୍ୱ ବକ୍ଷରେ ଏହାର କ୍ରୀଡ଼ା ପ୍ରତିଭାମାନଙ୍କୁ ପ୍ରତିଷ୍ଠିତ କରିବାରେ ସହାୟକ ହେବ।




### ତୁମେ ଗଲା ପରେ ...
**ପ୍ରଭାତ କୁମାର ନାୟକ**

ଏଠି ବଦଳି ଯାଏ ଋତୁ
ବଦଳେ ବର୍ଷ ମାସ ତିଥି ଦିନ ବାର,
ହେଲେ ବଦଳି ପାରେନା ଯାହା ମୋ
ମନର ଭାବନା
ତୁମ ସ୍ମୃତି ପ୍ରୀତି ଆଉ ଏ ସ୍ୱପ୍ନର
ସହର..।

ଏ ସହର କୋଳାହଳ ପୂର୍ଣ୍ଣ, ଗାଡି
ଧୂଆଁ
ଚଉଦିଗେ ଖାଲି ଶୁଭେ ବ୍ୟସ୍ତତାର
ସ୍ୱର,
ହେଲେ ମୋ ହୃଦୟ ବେଳାଭୂମି
ନିଶବ୍ଦ ନିର୍ଜନ ଏଠି
ନାଚୁ ନାହିଁ ନୀଳ ଉର୍ମି ନୀରବ
ନିଥର..।

ତୁମେ ଗଲା ପରେ ପରେ
ମନ ମୋର ପାଲଟିଛି ମରୁଭୂମି
ବହୁନାହିଁ ବସନ୍ତର ମଳୟ ପବନ ,
ଫୁଟୁ ନାହିଁ ଫଗୁଣରେ ଫୁଲର ସମ୍ଭାର
ଝରୁନି ଆମ୍ବ ବଉଳ
ଶୁଭୁନାହିଁ କୋକିଳର ସୁମଧୁର ସ୍ୱନ
।

ଏଇ ମନ ଅଗଣାରେ ଏବେବି ଶୁଭୁଛି
ତୁମ କଥା, ତୁମ ଗାଥା ରୁଣୁ ଝୁଣୁ
ପାଉଁଜିର ସ୍ୱର,
ସେ ଶବଦେ ମନେ ଭରେ ଅବ୍ୟକ୍ତ
ବେଦନା ଯାହା
ଲହୁ ସବୁ ଝରିଯାଏ ଏ ଆଖିରେ
ହୋଇ ଅଶ୍ରୁଧାର..।

ତୁମ ବିନା ମୋ ସହର
ଲାଗେ ଖାଲି ଶ୍ରୀହୀନ ଶ୍ରୀହୀନ,
ତୁମ କଥା ଭାବି ଭାବି ବିତିଯାଏ
ଆୟୁଷ ବୟସ ମୋର
ନିରୋଳାରେ, ନୀରବରେ ଚାହିଁଛି
ଏକାକି ଏଠି
ମୃତ୍ୟୁ ଆସି କେବେ ମୋତେ ଦେବ
ଆଲିଙ୍ଗନ ..।

ଚେନ୍ନାଇ , ତାମିଲନାଡୁ
ମୋ - ୮୧୨୨୮୦୩୨୪୬



# ଆଲୋକ ଓ ଅମୃତର କବି ଗଙ୍ଗାଧର ମେହେର

## ପ୍ରଫେସର ମଣୀନ୍ଦ୍ର ମେହେର

ଯେ କୌଣସି ସତ୍ କବିର ମହତ୍ ସାଧନା ଆଲୋକର ହିଁ ଆବାହନ କରିଥାଏ। ଜଗତ ଓ ଜୀବନରୁ ଅନ୍ଧକାର ଅପସୃତ କରି ଆଲୋକର ପ୍ରତିଷ୍ଠା କରିବା ହିଁ ପ୍ରତ୍ୟେକ ସାହିତ୍ୟ ଶିଳ୍ପୀର ଲକ୍ଷ୍ୟ । ତେବେ ନିଜସ୍ୱ ସାହିତ୍ୟରେ ଜୀବନର ଆଲୋକିତ ଦିଗକୁ ଉଦ୍‌ଭାସିତ କରି ସମସ୍ତ ଶିଳ୍ପୀ ସତ୍ୟର ଜୟଗାନ ପ୍ରତ୍ୟକ୍ଷ ଭାବରେ କରି ନଥାନ୍ତି ।

ପୃଥିବୀରେ ବହୁ ବିଖ୍ୟାତ କବି ଓ ସାହିତ୍ୟିକ ଜୀବନର କୁତ୍ସିତ, ଅନ୍ଧକାର ଓ ବୀଭତ୍ସ ଦିଗକୁ ନିଜସ୍ୱ ସୃଷ୍ଟିରେ ଚିତ୍ରଣ କରିଛନ୍ତି । କିନ୍ତୁ ତାର ଅର୍ଥ କେବେହେଲେ ଅନ୍ଧକାରର ବା ବୀଭତ୍ସତାର ଜୟଗାନ କରିବା ନୁହେଁ । ଅନ୍ଧକାର, ମିଥ୍ୟା, ଛଳନା ଓ କପଟତାର ଚିତ୍ରଣ କରି ସେ ସବୁ ଜୀବନକୁ କିପରି ବିକଳାଙ୍ଗ ଓ ବିଷାକ୍ତ କରିଦିଏ, ତାହାହିଁ ପ୍ରତିପାଦନ କରିଥାନ୍ତି ସେମାନେ ଅତି ବଳିଷ୍ଠ ଭାବରେ। ପରୋକ୍ଷ ଭାବରେ ସେହି ସ୍ରଷ୍ଟାବୃନ୍ଦ ଆଲୋକର, ସତ୍ୟର ଓ ନିଷ୍କପଟତାର ପ୍ରତିଷ୍ଠା ପାଇଁ ନିଜସ୍ୱ ବ୍ୟାକୁଳତା ପ୍ରକାଶ କରିଥାନ୍ତି । ସାହିତ୍ୟରେ ଜୀବନର କୁତ୍ସିତ ଦିଗର ଚିତ୍ରଣ ଦେଖୁ ଅନେକ ସମାଲୋଚକ ସ୍ରଷ୍ଟାର ଅନ୍ତର୍ନିହିତ ଉଦ୍ଦେଶ୍ୟକୁ ହୃଦୟଙ୍ଗମ କରି ନପାରି ଅତି ନିଷ୍ଠୁର ଓ ବିଚାରହୀନ ଭାବରେ ସେଇ ସାହିତ୍ୟର ସମାଲୋଚନା କରିଥାନ୍ତି । ପୁଣି ଉକ୍ତ ସାହିତ୍ୟର ଯଥାର୍ଥ ମର୍ମ ବୁଝି ନପାରି ସାଧାରଣ ପାଠକ ମଧ୍ୟ ଦିଗ୍‌ଭ୍ରଷ୍ଟ ହୋଇଥାଏ । ସେହି ସାହିତ୍ୟରୁ ସୁନ୍ଦର ଜୀବନ ବଂଚିବାର ମହାନ ବାର୍ତ୍ତା ନପାଇ, ମିଥ୍ୟା ଓ ବୀଭତ୍ସତାର ଚିତ୍ରଣ ଦେଖି ତାଦ୍ୱାରା ଅତି ମନ୍ଦ ଭାବରେ ପ୍ରଭାବିତ ହୁଏ ସେ । ମିଥ୍ୟା, ଘୃଣା, ଅହଂକାରର ଚିତ୍ରଣ କରି ସତ୍ୟ, ପ୍ରେମ ଓ ନିରହଂକାରତାର ପ୍ରତିଷ୍ଠା ପାଇଁ ଲେଖକ ନିଷ୍ପତ୍ତି ଗ୍ରହଣ କରିବ ନା ସିଧାସଳଖ ସତ୍ୟ, ପ୍ରେମ ଓ ମାନବିକତାର ପ୍ରତ୍ୟକ୍ଷ ଚିତ୍ରଣ କରି ସେଇ ଆଲୋକରେ ଜୀବନକୁ ଉଦ୍ଭାସିତ କରିବାକୁ ସ୍ଥିର କରିବ; ଏ ବିଗର ତାର ଏକାନ୍ତ ନିଜସ୍ୱ । ଜଣେ ସ୍ରଷ୍ଟା ଯେପରି ଭାବରେ ପ୍ରେରଣା ପାଇବ, ତଦନୁସାରେ ସାହିତ୍ୟ ସୃଷ୍ଟିକରିବାର ଅଧିକାର ତାର ଅବଶ୍ୟ ରହିଛି ।

ତେବେ ବିଶ୍ୱ ସାହିତ୍ୟରେ ବହୁ ମହାନ ସାହିତ୍ୟଶିଳ୍ପୀ ସତ୍ୟ, ଶିବ ଓ ସୁନ୍ଦରର ପ୍ରତ୍ୟକ୍ଷ ଚିତ୍ରଣ କରି ତାର ପ୍ରତିଷ୍ଠା ନିମନ୍ତେ ଜୀବନବ୍ୟାପୀ ସାଧନା କରି ଯାଇଛନ୍ତି । ଅପରିଚ୍ଛନ୍ନ ବାତାବରଣରେ ଥାଇ ମଧ୍ୟ ଏକ ଭିନ୍ନ ଆଲୋକିତ ଜଗତରେ ସେମାନେ ଅହରହ ବିଚରଣ କରିଛନ୍ତି ଏବଂ ସେହି ଦିବ୍ୟ ଆଲୋକକୁ ନିଜେ ଜୀବନ ବଂଚୁଥିବା ଭୂମକୁ ଓହ୍ଲାଇ ଆଣିବା ପାଇଁ ନିରବଚ୍ଛିନ୍ନ ତପସ୍ୟା କରିଯାଇଛନ୍ତି । ମଣିଷକୁ ତାର ମନ୍ଦ ଓ ଘୃଣିତ ଅଂଶଗୁଡ଼ିକ ପ୍ରତି ଦୃଷ୍ଟି ଆକର୍ଷଣ ନ କରାଇ ତା ହୃଦୟରେ ଥିବା ପ୍ରେମ ଓ କରୁଣାର ଫଲଗୁଧାରା ପ୍ରତି ତାକୁ ସଜାଗ କରି ପାରିଛନ୍ତି ।

ଓଡ଼ିଶାର ମହାନ ଋଷିକବି ଗଙ୍ଗାଧର ମେହେରଙ୍କ ସାହିତ୍ୟ କୃତି ଓ ତାଙ୍କ ପବିତ୍ର ଜୀବନରେ ଆମେ ଉକ୍ତ ଆଲୋକର ଗୁଣ ଦେଖି ପାରିବା ଓ ସୁନ୍ଦରର ସ୍ପନ୍ଦନ ଶୁଣିପାରିବା ଭାରତୀୟ ମୁନିଋଷିବୃନ୍ଦଙ୍କ ସେ ଯେପରି ଥିଲେ ଉପଯୁକ୍ତ ଉତ୍ତରାଧିକାରୀ । ବାଲ୍ମୀକି ଓ ବ୍ୟାସଦେବଙ୍କ ବର୍ଣ୍ଣିତ ଚରିତ୍ର ତାଙ୍କ ସାହିତ୍ୟରେ କବି ହୃଦୟର ଶୁଭ କାମନା ଓ ଶୁଭ ସାଧନା ଦ୍ୱାରା ପୁଣି ମହିମ୍ନ ଆଲୋକରେ ଉଦ୍‌ଭାସିତ ହୋଇ ଉଠିଛନ୍ତି । ସମାଜରେ ନାମ ଆବର୍ଜନା ଓ କଳୁଷିତ ମନ ସେ ଦେଖିଥିଲେ ମଧ୍ୟ ତା'ଦ୍ୱାରା ତାଙ୍କର ଜନ୍ମଗତ ସରଳତା ଓ ସାଧୁତା ତିଳେ ମାତ୍ର ନଷ୍ଟ ହୋଇ ନଥିଲା । ଅପରିଷ୍କୃତ ବାତାବରଣ ମଧ୍ୟରେ ନାନା ଦୁଃଖ, ଦୁର୍ବିପାକ, ଅଭାବ ଓ ଅସୁବିଧା ମଧ୍ୟରେ ଜୀବନଯାପନ କରୁଥିଲେ ହେଁ ଅହରହ ଏକ ପବିତ୍ର ଋଷି ଆଶ୍ରମରେ ଯେପରି ବିଚରଣ କରୁଥିଲେ ଓ ନିଜସ୍ୱ ସାହିତ୍ୟ ସୃଷ୍ଟିରେ ସେଇ ଆଶ୍ରମ ଜୀବନର ସାଧୁତା, ଶୁଦ୍ଧତା, ସ୍ୱଚ୍ଛତା ଓ ମହାନତା କୁ ହିଁ ରୂପ ଦେଇ ଗଲିଥିଲେ।

ସେ ଜଗତରେ ବହୁପ୍ରକାର ପରଶ୍ରୀକାତର ମନ ଓ କୁତ୍ସିତ ଚରିତ୍ର ସେ ଦେଖୁଛନ୍ତି, ବହୁ ମିଥ୍ୟା ଓ ଛଳନା ମଧ୍ୟ ପ୍ରତ୍ୟକ୍ଷ କରିଛନ୍ତି ଅଥଚ ସେ ସବୁର ଚିତ୍ରଣ ତାଙ୍କ ସାହିତ୍ୟରେ ଅତି ଅଛ । ଅତି ଗୌଣ । ଜୀବନର ଆଲୋକ ତଥା ଅମୃତକୁ ଯେଉଁଠି ସେ ଦେଖାଇ ଦେଇ ପାରିଛନ୍ତି ତାହାହିଁ ହୋଇଛି ତାଙ୍କର ଶ୍ରେଷ୍ଠ ସାହିତ୍ୟ । ଅନ୍ଧକାର ଓ ଅପବିତ୍ରତାକୁ ଦେଖୁଥିଲେ ମଧ୍ୟ କେଉଁ ଉର୍ଦ୍ଧ୍ୱଲୋକର ଅଥବା ଅନ୍ତର୍ଲୋକର ଋଷି ଆଶ୍ରମରୁ ମଂଗଳର ମନ୍ତ୍ର ତାଙ୍କୁ ସର୍ବଦା ଆବିଷ୍ଟ କରି ରଖିଛି ଓ ସେ ମହତ୍ ଚରିତ୍ରର ରୂପାୟନରେ ନିଜକୁ ଉତ୍ସର୍ଗ କରି ଦେଇଛନ୍ତି ।

ପତିବ୍ରତା ସୀତା, ପ୍ରଜାନୁରଂଜକ ରାମ, ପ୍ରେମିକ ଦୁଷ୍ମନ୍ତ, ଆଶ୍ରମ କନ୍ୟା ସରଳ ହୃଦୟା ଶକୁନ୍ତଳା, ସତୀ ସାଧ୍ୱୀ ଇନ୍ଦୁମତୀ, ପଦ୍ମିନୀ, ଦ୍ରୌପଦୀ, ଦୟା ଓ କରୁଣାର ପ୍ରତିମୂର୍ତ୍ତି ଅନୁକମ୍ପା କବି ଗଙ୍ଗାଧରଙ୍କ ହୃଦୟକୁ ନାନା ଭାବରେ ଉଦ୍‌ବେଳିତ କରିଛନ୍ତି । ନିଜସ୍ୱ ହୃଦୟର ଗଭୀର, ପବିତ୍ର ଅନୁଭବରେ ପ୍ରତ୍ୟେକ ଚରିତ୍ରକୁ ସେ ଜୀବନ୍ତ ରୂପ ଦେଇଛନ୍ତି ।

ସେଇ ଚରିତ୍ରମାନଙ୍କୁ ଅଧିକ ମହତ୍, ଅଧିକ ଉଦାର, ଅଧିକ ପବିତ୍ର ଭାବରେ ଦେଖିବାକୁ ଅନ୍ତରର ସହ ସେ ହୋଇଛନ୍ତି ବ୍ୟାକୁଳ । ସେଥିପାଇଁ ଆମେ ଦେଖୁ ତପସ୍ୱିନୀରେ ସୀତାଙ୍କ ମୁହଁରେ ନିର୍ବାସନ ଦଣ୍ଡରେ ଦଣ୍ଡିତା ହୋଇ ସୁଦ୍ଧା କୌଣସି ଅଭିଯୋଗ ନାହିଁ । ବରଂ ସ୍ୱାମୀଙ୍କ ହୃଦୟର ବେଦନା ଅନୁଭବ କରି ସେ ଦୁଃଖରେ ମୁହ୍ୟମାନା । ପୁଣି ଏହି ତପସ୍ୱିନୀ କାବ୍ୟର ସମାପ୍ତିକୁ କାବ୍ୟଶାସ୍ତ୍ରର ନିୟମ ପାଳନ ସକାଶେ ମାତ୍ର ମିଳନାନ୍ତକ କରି ନାହାନ୍ତି । ସୀତାଙ୍କ ସ୍ୱପ୍ନର ଚିତ୍ରଣ ମଧ୍ୟଦେଇ ରାମଚନ୍ଦ୍ର ଓ ସୀତାଙ୍କ ମିଳନ ଚିତ୍ର ପ୍ରଦର୍ଶିତ କରିବା ଭିତରେ ତାଙ୍କ କବି ଜୀବନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସ୍ୱତଃ ପ୍ରକଟିତ । ସୀତା ପତିଙ୍କ ଠାରୁ ବିଚ୍ଛିନ୍ନ ହୋଇ ରହିଥିଲେ ହେଁ ତାଙ୍କର ଆତ୍ମା ରାମଚନ୍ଦ୍ରଙ୍କ ଜୀବନ ସହ କିଭଳି ଅବିଚ୍ଛିନ୍ନ ହୋଇ ରହିଥିଲା ତାହାହିଁ ଏଥିରୁ ଉପଲବ୍ଧ କରିହୁଏ । ସୀତାଙ୍କ ଦୁଃଖ ଓ ଦୁର୍ଦ୍ଦିନର ଚିତ୍ରଣରେ କାବ୍ୟ ଶେଷ ନକରି ମିଳନର ମହା ଆନନ୍ଦରେ ତାର ଚମତ୍କାର ପରିସମାପ୍ତି କବି ମେହେରଙ୍କ ଆଲୋକର ଗୁଣକୁ ହିଁ ପ୍ରକାଶ କରିଛି ।

ତପସ୍ୱିନୀର ସୀତାଙ୍କ ପରି ପ୍ରଣୟବଲ୍ଲରୀର ଶକୁନ୍ତଳା ପାଠକର ହୃଦୟକୁ ଦ୍ରବୀଭୂତ କରିପକାନ୍ତି । ଦୁଷ୍ମନ୍ତଙ୍କ ରୁକ୍ଷ ବ୍ୟବହାରରେ ସୁଦ୍ଧା ଶକୁନ୍ତଳାର ହୃଦୟ ଭାଙ୍ଗି ଯାଇନାହିଁ । ସକଳ ବାଧାବିଘ୍ନ ସତ୍ତ୍ୱେ ସୀତା ଓ ଶକୁନ୍ତଳାଙ୍କ ପ୍ରେମକୁ ଉଜ୍ଜୀବିତ କରି ରଖିବାରେ କବି ଆପଣାର କାବ୍ୟ ସାଧନାର ମହତ୍ତ୍ୱ ପ୍ରତିପାଦନ କରିଛନ୍ତି ବିଚିତ୍ର ଭାବରେ ।

ପ୍ରକୃତିକୁ ମଧ୍ୟ କଦାପି ସିଏ ଶୁଷ୍କ, ନୀରସ ବା ଜଡ଼ ଭାବରେ ଦେଖୁ ନଥିଲେ। ମଣିଷ ପାଇଁ ପ୍ରକୃତିର ଶୁଭେଚ୍ଛା କେତେ ଅନ୍ତରଂଗ ଓ ସଂବେଦନଶୀଳ ତାହା ସେ ମର୍ମେ ମର୍ମେ ଅନୁଭବ କରିଥିଲେ । ସେଥିପାଇଁ ତପସ୍ୱିନୀ, ପ୍ରଣୟବଲ୍ଲରୀ ପ୍ରଭୃତି କବିଙ୍କ ଶ୍ରେଷ୍ଠ କାବ୍ୟ ମାନଙ୍କରେ ପ୍ରକୃତିର ମମତାସ୍ନିଗ୍ଧ ରୂପ ଦେଖି ଓ ତାର କୋମଳ ସ୍ପର୍ଶ ପାଇ ପାଠକର ପ୍ରାଣ ଶୀତଳ ହୋଇ ଯାଇଥାଏ। ପ୍ରକୃତି ପୁଣି ମଣିଷର ଯେକୌଣସି ଅବିଷ୍କାରୁ ପାଇଁ ବିଦ୍ରୋହ କରିପାରେ । ସତୀ ସୀତାଙ୍କୁ ନିର୍ବାସନ ଦଣ୍ଡରେ ଦଣ୍ଡିତ କରାଯିବା ଦ୍ୱାରା ପ୍ରକୃତିର ପ୍ରଚଣ୍ଡ ଓ ଉଗ୍ରରୂପ ଦେଖୁ ସ୍ତମ୍ଭୀଭୂତ ହେବାକୁ ପଡ଼େ । ଏ ସବୁକୁ କବିଙ୍କ ବର୍ଣ୍ଣନା ଶୈଳୀର ଚମତ୍କାରିତା ବୋଲି କେବଳ କହି ଦେଇ ହେବ ନାହିଁ । ପ୍ରକୃତି ଭିତରେ ସେଇ ମଙ୍ଗଳମୟ ସ୍ପର୍ଶ କବି ଉପଲବ୍ଧ କରିଥିବାହିଁ ଜଣାପଡ଼ିଥାଏ । ମଣିଷ ପରି ପ୍ରକୃତିକୁ ମଧ୍ୟ କାବ୍ୟର ଏକ ଏକ ଚରିତ୍ର ଭାବରେ ବର୍ଣ୍ଣନା କରିବାରେ ସେ ତେଣୁ ପାଇଛନ୍ତି ଅଦମ୍ୟ ପ୍ରେରଣା ।

ସ୍ନେହ, ଶ୍ରଦ୍ଧା, ପ୍ରେମ, କରୁଣା, ମାନବିକତାର ଚିତ୍ରଣ ତାଙ୍କ ସାହିତ୍ୟର ଯେକୌଣସି ପୃଷ୍ଠାରେ ଅତ୍ୟନ୍ତ ସୁଲଭ । ପୃଥିବୀରେ ନାନା ଭାବରେ ଦୁଃଖ, କଷ୍ଟ ବରଣ କରି ସୁଦ୍ଧା ମହତ୍ ଲୋକ କିପରି ଜଗତର ଅହରହ ଉପକାର ସାଧନ କରୁଥାଏ ତାହା ମହିମା କବିତାରୁ ଉପଲବ୍ଧ କରିହୁଏ । କବିଙ୍କର କୌଣସି ଶ୍ରେଷ୍ଠ କାବ୍ୟ ହେଉ ଅଥବା ହେଉ ଏକ କ୍ଷୁଦ୍ର କବିତା, ସବୁଠାରେ ପ୍ରାୟ ଜୀବନର ସତ୍ୟ ଓ ସୌନ୍ଦର୍ଯ୍ୟକୁ ରୂପ ଦେବାରେ ସେ ଅତ୍ୟ ଅପରିଚିତ କୃଷକ ଅଥବା ସରଳ ଗ୍ରାମବାସୀର ମହତ୍ ରୂପ ଚିତ୍ରଣରେ ସେହିପରି ଆଗଭର । ଉକ୍ତ କବିଙ୍କ 'ଅମୃତମୟ' ଓ 'ମଧୁମୟ' କବିତା ଦୁଇଟି ଏ କ୍ଷେତ୍ରରେ ଅଧିକ ଉଲ୍ଲେଖଯୋଗ୍ୟ । ନୂତନ ଭାବରେ ପ୍ରସ୍ଫୁଟିତ ହୋଇଥିବା ଫୁଲର ସୁଗନ୍ଧ, ନୂତନ ଭାବରେ ରଚନା କରାଯାଇଥିବା କବିତାର ଚିତ୍ତ ସମ୍ମୋହକ ଛନ୍ଦ, ବନ ବିହଗର ମଧୁର ତାନ, କୋମଳ ଶିଶୁର ସରଳ ପ୍ରାଣର ମନୋମୁଗ୍ଧକର ଗାନ, ନୂତନ ଓ ପ୍ରଫୁଲ୍ଲିତ କମଳର କାନନ ଅବା ନୂତନ ସୁକୁମାର ଶିଶୁର ପବିତ୍ର ସୁନ୍ଦର ମୁଖମଣ୍ଡଳ, ସବୁଦୃଶ୍ୟ କବିଙ୍କୁ ବିହ୍ୱଳ କରିଛି । ଅମୃତମୟ ଏହି ଦୃଶ୍ୟ ଦର୍ଶନରେ ଅମୃତର ସ୍ରୋତରେ କବିପ୍ରାଣ ଯେପରି ଭାସିଯିବାରେ ଲାଗିଛି । ସେହିପରି ପୁଣି ଧୀର ପବନ, କ୍ଷୀର ସଦୃଶ ଶୁଭ୍ର ଚନ୍ଦ୍ରକିରଣ, ଆକାଶରେ ଶୋଭିତ ନୀଳ ମେଘମାଳା, ଉଷା କାଳର ମୃଦୁ ମଧୁର ଆଲୋକ ଓ ତୁଷାରର କ୍ଷୁଦ୍ର ବିନ୍ଦୁ ସବୁ ଏ ସଂସାରକୁ ମଜ୍ଜାଇ ଦେଉଥିବା କବି ଅନୁଭବ କରି ପାରୁଛନ୍ତି । ଅକାଶର ମିଟି ମିଟି ତାରା, ଟପ୍ ଟପ୍ ପଡୁଥିବା ଜଳବିନ୍ଦୁ, ଅଂଧାରକୁ ଧ୍ୱଂସ କରିବା ପାଇଁ ଆସୁଥିବା ଆଲୋକ ରେଖା, କୁଳୁ କୁଳୁ ନାଦରେ ବହି ଯାଉଥିବା ନଦୀ ଓ ନିର୍ଝର ସବୁ ଯେପରି ଜୀବନକୁ ଜର୍ଜର କରି ଦେଇ ପାରୁଛି । ସେଥିପାଇଁ ତ କବି ଆପଣାକୁ ଅମୃତ ସାଗରର ବିନ୍ଦୁ ବୋଲି ଉପଲବ୍ଧି କରି ପାରିଛନ୍ତି । ମଣିଷ ଯେ ଅମୃତ ସାଗରର ବିନ୍ଦୁ, ଏଇ ଅନୁଭବ ତାଙ୍କର ଅଧିକ ଗଭୀର ଓ ନିବିଡ଼ ହେବାରେ ଲାଗିଛି । ସେ ତେଣୁ ବିଶ୍ୱକୁ ମଧୁମୟ ଭାବରେ ଦେଖୁଛନ୍ତି । ଜନନୀର ସ୍ନେହ, ଜାୟାର ପ୍ରଣୟ, ବନ୍ଧୁଙ୍କ ସଦାଳାପ, ଜନକର ଆଦରକୁ ଏକ ଏକ ମଧୁମୟ ଝରଣ ବୋଲି ବର୍ଣ୍ଣନା କରିଛନ୍ତି। ସଫଳ । ଜଗତ ପ୍ରସିଦ୍ଧ ନରନାରୀଙ୍କ ମହାନତା ଲେଖିବାରେ ସେ ଯେପରି ମଣିଷର ଓ ପ୍ରକୃତିର ମହତ୍ତ୍ୱ ରୂପ ଦର୍ଶନ କରି ଯେ କୌଣସି ସତ୍ କବିର ଆତ୍ମା ବିଭୋର ହୋଇଥାଏ । ତନ୍ମୟ ହୋଇଥାଏ । ସେହି ମହତ୍ ଅନୁଭବର ଦିବ୍ୟ ଆନନ୍ଦକୁ ପ୍ରକାଶ କରି କବି ଅପୂର୍ବ ପରିତୃପ୍ତି ପାଇଥାଏ ତାର ସାଧନାରେ ଜୀବନର ଆଲୋକ ଓ ଅମୃତକୁ ରୂପଦେଇ ତଥା ମଣିଷକୁ ତାର ଅନ୍ତରର ଆଲୋକ ସହ ସଂବନ୍ଧିତ ହେବାର ପ୍ରେରଣା ଦେଇ ମେହେର କବିଙ୍କ ପବିତ୍ର ସାଧନା ସାର୍ଥକ ଓ ମହିମାନ୍ୱିତ ।

ପ୍ରକୃତି ଓ ମଣିଷର ସ୍ନିଗ୍ଧ କରୁଣାପୂର୍ଣ୍ଣ ରୂପରେ ଅଭିଭୂତ ହୋଇଥିବା କବି ଅନ୍ତରରୁ ଆନନ୍ଦକୁ ତାଙ୍କ ସାହିତ୍ୟର ପ୍ରତି ପୃଷ୍ଠାରେ ପ୍ରତ୍ୟକ୍ଷ କରାଯାଇ ପାରେ। ଜୀବନରେ ଦୁଃଖ, ବାଧା ଓ ପ୍ରତିବନ୍ଧକ ସେ ସହ୍ୟ କରିଛନ୍ତି ଅନେକ । ଅନ୍ଧାରକୁ ଦେଖୁଛନ୍ତି ସେ, ଅହଂକାରର ବିଷ ଦଂଶନକୁ ଅନୁଭବ କରିଛନ୍ତି । ତଥାପି ସାହିତ୍ୟରେ ଆଲୋକର, ଅମୃତର ଜୟଗାନ କରି ଯାଇଛନ୍ତି ବିହ୍ୱଳିତ କଣ୍ଠରେ । ମିଥ୍ୟା ଓ ଅନ୍ଧାରକୁ ଅସ୍ୱୀକାର କରିଛନ୍ତି ଦୃଢ଼ ଭାବରେ। ସତ୍ୟର ଆଲୋକ ପାଇଁ ତାଙ୍କ ପ୍ରତ୍ୟାଶା ଅତ୍ୟନ୍ତ ଶକ୍ତିଶାଳୀ । ସତତ ଅମୃତ ଓ ଆଲୋକର ଦିବ୍ୟ ଜଗତରେ ବିଚରଣ କରୁଥିବା କବି ମଣିଷକୁ ଆଲୋକମୁଖୀ ହେବା ଦିଗରେ ଯେଉଁ ପ୍ରତ୍ୟକ୍ଷ ପ୍ରେରଣା ଦେଇଯାଇଛନ୍ତି ତାହାହିଁ ତାଙ୍କ ସାହିତ୍ୟର ମହତ୍ତ୍ୱ ଆଲୋକ ଓ ଅମୃତର କବି ଗଙ୍ଗାଧରଙ୍କ ମୃତ୍ୟୁ ନାହିଁ। ମୃତ୍ୟୁ ନାହିଁ ତାଙ୍କ ଜୀବନ ସାଧନାର ଓ ମହାନ ସାହିତ୍ୟର ।


+ ପୂର୍ବତନ ବିଭାଗମୁଖ୍ୟ
ସ୍ନାତକୋତ୍ତର ଭାଷା ଓ ସାହିତ୍ୟ
ବିଭାଗ, ଫକୀରମୋହନ ବିଶ୍ୱ
ବିଦ୍ୟାଳୟ, ବାଲେଶ୍ୱର


# ଏସିଆ କପ ୨୦୨୩

## କାଳି ଦାସ

ସାତ ଥର ଏସିଆ କପ ଚମ୍ପିୟାନସିପ ପାଇଲା ପରେ ବର୍ତ୍ତମାନ ଅଷ୍ଟମ ଥର ପାଇଁ ଏସିଆ କପକୁ ଜିତିବା ପାଇଁ ଭାରତୀୟ କ୍ରିକେଟ ଟିମ ମନବଳ ଦୃଢ କରିଛନ୍ତି । ଭାରତ ର ଲକ୍ଷ ଲକ୍ଷ କ୍ରିକେଟ ପ୍ରେମୀ ଭାରତୀୟ କ୍ରିକେଟ ଖେଳାଳିଙ୍କୁ ବିଜେତା ଭାବରେ ଦେଖିବା ପାଇଁ ଉତ୍କଣ୍ଠାର ସହିତ ପ୍ରତୀକ୍ଷା କରିଛନ୍ତି । ଏସିଆ ମହାଦେଶରେ କ୍ରିକେଟ ଏତେ ଜନପ୍ରିୟ ହେବାର ମୂଳ କାରଣ ହେଲା ୨୦୦ ବର୍ଷର ବ୍ରିଟିଶ ଶାସନ । କ୍ରିକେଟ ଇଂଲଣ୍ଡର ଜାତୀୟ ଖେଳ । ବ୍ରିଟିଶ ଶାସନ ସମୟ ରେ ଆମ ଦେଶର ରାଜା, ମହାରାଜା, ପୁଞ୍ଜିପତି ଏହି ଖେଳକୁ ଆପଣାଇଥିଲେ । ପରବର୍ତ୍ତୀ କାଳରେ ଆମ ଦେଶର ଛୋଟରୁ ଛୋଟ ଜାଗା ରେ କ୍ରିକେଟ ଖେଳ ଦେଖିବାକୁ ମିଳିଥିଲା । ଭାରତୀୟ କ୍ରିକେଟ ଖେଳାଳିମାନେ ଭଲ ଖେଳ ଖେଳି ଆନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଛନ୍ତି । ଭାରତୀୟ ଖେଳାଳିଙ୍କ ସଫଳ ପ୍ରଦର୍ଶନ କ୍ରିକେଟ ଖେଳକୁ ଜନପ୍ରିୟ କରିଦେଇଛି । କ୍ରିକେଟ ଖେଳ ଚାଲିଲା ବେଳେ ପାନ ଦୋକାନଠାରୁ ଫାଇଭ ଷ୍ଟାର ହୋଟେଲର ଟେବୁଲ ଯାଏଁ ସବୁଠି କ୍ରିକେଟ ଖେଳ ଓ କ୍ରିକେଟ ଖେଳାଳିଙ୍କ ଉପରେ ଆଲୋଚନ ଚାଲେ । ଭାରତ ଜିତିଲେ ପୁରା ଦେଶ ଉତ୍ସବ ମୁଖରିତ ହୋଇଯାଏ । ସେହି ପରି ଭାରତର ପରାଜୟ ଦେଶବାସୀଙ୍କୁ ଉଦାସ କରିଦିଏ । ଏସିଆ କପ ଖେଳିବାର ସମୟ ନିକଟ ହୋଇଗଲେ ଖେଳ ପ୍ରେମୀମାନେ ଭାରତୀୟ ଟିମର ବିଜୟ ପାଇଁ ପ୍ରାର୍ଥନା କରିଥାନ୍ତି । କେବଳ ଏସିଆ କପ କାହିଁକି ଯେକୌଣସି କ୍ରିକେଟ ଖେଳ ପାଇଁ ଭାରତୀୟ ଖେଳ ପ୍ରେମୀ ମାନେ ଉତ୍ସାହର ସହିତ ଭାରତର ବିଜୟ ଦେଖିବାକୁ ଚାହିଁଥାନ୍ତି

ଏସିଆ କପ ହେଲା ୫୦ - ୫୦ ଓ୍ୱାନ -ଡ଼େ ଇଣ୍ଟରନ୍ୟାସନାଲ ଏବଂ ଟି ୨୦ ଇଣ୍ଟରନ୍ୟାସନାଲ ଫର୍ମାଟର ଖେଳ । ୧୯୮୪ ମସିହା ରେ ଏ ସିଏନ କ୍ରିକେଟ କାଉନସିଲ ଦ୍ୱାରା ଏସିଆ କପ ପ୍ରଥମଥର ପାଇଁ ଉଦଘାଟନ କରାଯାଇଥିଲା। ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଏସିଆ ମହାଦେଶର ଦେଶ ଗୁଡିକ ଭିତରେ ସୁସମ୍ପର୍କ ସ୍ଥାପନ । ଏସିଆ କପ ପ୍ରତି ଦୁଇ ବର୍ଷରେ ଥରେ ଖେଳାଯାଇଥାଏ । ଏସିଆ ମହାଦେଶରେ ଅନ୍ତର୍ଭୁକ୍ତ ହୋଇଥିବା ଦେଶମାନଙ୍କ ଭିତରେ ଖେଳାଯାଉଥିବା କ୍ରିକେଟ ଖେଳକୁ "ଏସିଆ କପ" କୁହାଯାଇଥିଆଏ । ଏସିଆ କପରେ ଯେଉଁ ଟିମ ବିଜୟ ପ୍ରାପ୍ତ କରିଥାଏ ତାକୁ "ଚ୍ୟାମ୍ପିୟାନ ଅଫ ଏସିଆ" କୁହାଯାଏ ।

୧୯୮୪ରେ ପ୍ରଥମ ଥର ପାଇଁ ଏସିଆ କପ ୟୁଏଇର ସାରଜାହାର ଖେଳ ପଡିଆରେ ଖେଳାଯାଇଥିଲା । ଦ୍ୱିତୀୟଥର ପାଇଁ ଏସିଆ କପ ୧୯୮୬ ମସିଆରେ ଶ୍ରୀଲଙ୍କାରେ ଖେଳା ଯାଇଥିଲା । ୧୯୮୬ର ଏସିଆ କପ ଖେଳକୁ ସୁରକ୍ଷା ଦୃଷ୍ଟି ରୁ ଭାରତୀୟ କ୍ରିକେଟ ବୋର୍ଡ ଦ୍ୱାରା ବୟକଟ କରାଯାଇଥିଲା । ସେହି ସମୟ ରେ ଶ୍ରୀଲଙ୍କାରେ ଗୃହ ଯୁଦ୍ଧ ଚାଲିଥିଲା । ୧୯୮୬ ମସିଆର ଏସିଆ କପ ଖେଳରେ ପାକିସ୍ଥାନ, ଶ୍ରୀଲଙ୍କା ଏବଂ ବାଂଲାଦେଶ ଯୋଗ ଦେଇଥିଲେ । ୧୯୮୬ ମସିଆର ଏସିଆ କପ ଖେଳରେ ପ୍ରଥମଥର ପାଇଁ ବାଂଲାଦେଶ ଯୋଗ ଦେଇଥିଲା। ୧୯୮୬ ଏସିଆ କପ ଖେଳରେ ପାକିସ୍ଥାନ ସହିତ ଫାଇନାଲ ଖେଳି ଶ୍ରୀଲଙ୍କା ପ୍ରଥମଥର ପାଇଁ ଏସିଆ କପ ଟାଇଟଲ ଜିତିଥିଲା।

୧୯୮୮ରେ ତୃତୀୟଥର ପାଇଁ ଏସିଆ କପ ଖେଳ ବାଂଲାଦେଶରେ ଖେଳା ଯାଇଥିଲା ।୧୯୮୮ମସିଆର ଏସିଆ କପ ଫାଇନାଲ ଖେଳରେ ଭାରତୀୟ କ୍ରିକେଟ ଟିମ ଶ୍ରୀଲଙ୍କା ର କ୍ରିକେଟ ଟିମ ସହିତ ଖେଳି ଦ୍ୱିତୀୟ ଥର ଏସିଆ କପ ଟାଇଟଲ ଜିତିଥିଲା ।

୧୯୯୦ – ୧୯୯୧ ରେ ଚତୁର୍ଥ ଏସିଆ କପ ଭାରତ ରେ ଖେଳାଯାଇଥିଲା। ସେହି ସମୟରେ ଭାରତ ଓ ପାକିସ୍ଥାନ ଭିତରେ ରାଜନୈତିକ ସମ୍ପର୍କ ଭଲ ନଥିଲା ସେଥିପାଇଁପାକିସ୍ଥାନ ଭାରତକୁ ଆସିବା ପାଇଁ ମନା କରିଦେଇଥିଲା ଏବଂ ଏସିଆ କପରୁ ଓହୋରି ଯାଇଥିଲା । ୧୯୯୦ -୧୯୯୧ର ଏସିଆ କପ ଫାଇନାଲ ଭାରତୀୟ କ୍ରିକେଟ ଟିମ ଓ ଶ୍ରୀଲଙ୍କାର କ୍ରିକେଟ ଟିମ ଭିତରେ ଖେଳାଯାଇଥିଲା ଏବଂ ଶ୍ରୀଲଙ୍କାର କ୍ରିକେଟ ଟିମକୁ ହରାଇ ଭାରତୀୟ କ୍ରିକେଟ ଟିମ ତୃତୀୟଥର ପାଇଁ ଏସିଆ କପ ଟାଇଟଲ ଜିତିଥିଲା । ୧୯୯୩ ମସିଆର ଏସିଆ କପ ଖେଳକୁ ରଦ୍ଦ କରାଯାଇଥିଲା ।

୧୯୯୫ର ଏସିଆ କପ ୟୁଏଇର ସାରଜାହା ଖେଳ ପଡିଆ ରେ ଖେଳାଯାଇଥିଲା । ୧୧୯୫ ର ଏସିଆ କପ ଫାଇନାଲ ଖେଳ ରେ ଭାରତୀୟ କ୍ରିକେଟ ଟିମ ଶ୍ରୀଲଙ୍କା କ୍ରିକେଟ ଟିମ ସହିତ ଖେଳି ଚତୁର୍ଥ ଥର ପାଇଁ ଏସିଆ କପ ଟାଇଟଲ ଜିତିଥିଲା ।

୨୦୦୦ର ଏସିଆ କପ ଖେଳ ବାଂଲାଦେଶରେ ଖେଳା ଯାଇଥିଲା ।୨୦୦୦ର ଏସିଆ କପ ର ଫାଇନାଲରେ ପାକିସ୍ଥାନ ସହିତ ଶ୍ରୀଲଙ୍କା ଖେଳିଥିଲା ଏବଂ ପାକିସ୍ଥାନ ପ୍ରଥମ ଥର ପାଇଁ ଶ୍ରୀଲଙ୍କାକୁ ପରାସ୍ତ କରି ଏସିଆ କପ ଟାଇଟଲ ଜିତିଥିଲା । ୧୬ ତମ ଏସିଆ କପ ଏଡିସନ ପାକିସ୍ଥାନରେ ଖେଳା ଯିବ । ଏଥରର ଏସିଆ କପ ଖେଳରେ ପ୍ରଥମ ଥର ପାଇଁ ନେପାଳ ଡେବ୍ୟୁକରିବାକୁ ଯାଉଛି । ଆଫଗାନିସ୍ଥାନମଧ କ୍ରିକେଟ ଖେଳରେ ନିଜ ନା ଯୋଡିବାପାଇଁ ଆଗଭର ହୋଇଛି । ବର୍ତ୍ତମାନର ସମସ୍ତ ଏସିଆ କପ ଖେଳ ପାକିସ୍ଥାନ ଏବଂ ଶ୍ରୀଲଙ୍କାର ମାଟିରେ ଖେଳାଯିବ। ପାକିସ୍ଥାନରେ ସୁରକ୍ଷାକୁ ନେଇ ଭାରତ ଚିନ୍ତିତ ସେଥିପାଇଁ ଭାରତୀୟ ଖେଳାଳିମାନେ ସେମାନଙ୍କ ପାଇଁ ଉଦିଷ୍ଟ ଖେଳକୁ ଶ୍ରୀଲଙ୍କା ମାଟି ରେ ଖେଳିବେ । ଭାରତୀୟ କ୍ରିକେଟ ଟିମ ତାର ପ୍ରଥମ ମ୍ୟାଚ ପାକିସ୍ଥାନ ସହିତ ସେପଟ୍ମ୍ବେର ୨ ତାରିଖରେ ଖେଳିବ । କ୍ରିକେଟ ଖେଳ ପ୍ରେମୀ ମାନେ ପ୍ରଥମ ଥର ପାଇଁ ନେପାଳର କ୍ରିକେଟ ଟିମର ଖେଳ ଦେଖିବେ । ଏସିଆ କପ ଖେଳରେ ଭାରତୀୟ କ୍ରିକେଟ ଦଳ ସାତଥର ବିଜୟ ହାସଲ କରିଥିବା ବେଳେ ଶ୍ରୀଲଙ୍କା ପାଞ୍ଚଥର ବିଜୟ ହାସଲ କରିଛି ଏବଂ ପାକିସ୍ଥାନ ୨ ଥର ଏସିଆ କପରେ ବିଜୟ ହାସଲ କରିଛି । ୨୦୨୩ର ଏସିଆ କପ କିଛି ନିଆରା କାରଣ ଏଥର ଏସିଆ ମହାଦେଶର "ଛଟି" ଦେଶ ଖେଳିବାକୁ ଯାଉଛନ୍ତି । ଏସିଆ କପର ଫାଇନାଲ ୧୭ ସେପଟ୍ମ୍ବେରରେ ଶ୍ରୀଲଙ୍କାରେ ଖେଳାଯିବ । ଏସିଆ କପ ର ଫାଇନାଲ ଖେଳ କାହା କାହା ଭିତରେ ହେବାକୁ ଯାଉଛି ଦେଖିବା। ଏସିଆ କପରେ ଯୋଗ ଦେଇଥିବା ଦେଶମାନଙ୍କ ପାଇଁ ଏହା ଚ୍ୟାଲେଜିଙ୍ଗ ରହିବ ।


ବ୍ରହ୍ମପୁର
ଖୋଡାସିଙ୍ଘ, କଳିଙ୍ଗନଗର
ମୋ:୭୨୦୫୧୦୦୮୩୯


### ସେନେହ ଡୋରୀ
**କମଳ କାମିନୀ ଦେ**



ସୁନା ଭାଇହାତେ ସୁନେଲି ରାଖୀ
ବାନ୍ଧିବ ଗେଲ୍ଲୀ ଭଉଣୀ,
ବରଷକେ ଥରେ ସୁଜୋଗ ପାଏସେ
ଭାଇ ମନ ନିଏକିଣି ।

ସ୍ନେହ ମମତାର ଅତୁଟ ସମ୍ପର୍କ
ଏହି ଯେ ରାକ୍ଷୀ ବନ୍ଧନ,
ଭାଇ ଭଉଣୀକୁ ସେନେହଡୋରୀରେ
ବାନ୍ଧି ସେ ସାରା ଜୀବନ।

ଜନ୍ମ ଜନ୍ମାନ୍ତର ସମ୍ପର୍କ ନିବିଡ
କରିଥାଏ ଏହି ରାକ୍ଷୀ,
ଯୁଗ ଯୁଗ ଧରି ଏହି ପରମ୍ପରା
ରହିଅଛି ଆମ ସାକ୍ଷୀ ।

ଭାଇହାତେ ବନ୍ଧା ଭଉଣୀର ରାକ୍ଷୀ
ସବୁଠୁ ସୁଦୃଢ ଅଟେ,
ବିପଦେ ଆପଦେ ଭାଇହୁଏ ଠିଆ,
ଭଉଣୀ ସ୍ମୃତି ସାଉଁଟି ।

ଭଉଣୀ ଜୀବନେ ରକ୍ଷାର କବଚ
ସାଜିଥାଏ ଭାଇ ନିତି
ସାମାନ୍ୟ ଏ ସୂତା ନୁହେଁ ଭଉଣୀର
ସ୍ନେହ ଶ୍ରଦ୍ଧା ଭକ୍ତି ପ୍ରିତି।

ସାମାନ୍ୟ ଏ ରାକ୍ଷୀ ନୁହେଁ ଭଉଣୀର
ରକ୍ଷା କବଚର ଶକ୍ତି
ଏହି ଶକ୍ତି ଦିନେ କରିଥାଏ ରକ୍ଷା
ବିପଦରୁ ତାକୁ ମୁକ୍ତି।

ଭାଇ ହାତେ ରାକ୍ଷୀ ବାନ୍ଧିଣ ଭଉଣୀ
ମାଗେ ନାହିଁ ଧନରତ୍ନ
ଜୀବନ ପଥରେ ଦୁଃଖ ବିପତ୍ତିରେ
ନେବୁ ମୋର ଟିକେ ଯତ୍ନ।

ଭାଇ ଭଉଣୀଙ୍କ ଅତୁଟ ସମ୍ପର୍କ
ସୁଦୃଢ ହେବାର ପାଇଁ
ରକ୍ଷାର ବନ୍ଧନ କରଇ ସୁଦୃଢ
ଦୁଇ ହୃଦୟକୁ ଛୁଇଁ।

ଏ ଯେଉଁ ବନ୍ଧନ ଫିଟେ ନାହିଁ ଜାଣ
ଯୁଗ ଯୁଗ କର ପାଇଁ
ସୂତା ଖିଅକରେ ହୋଇ ଥାଏ ବନ୍ଧା
ଭାଇ ଭଉଣୀଙ୍କୁ ଚାହିଁ।

ଜଳେଶ୍ୱର,ବାଲେଶ୍ୱର

### ତୁ ଆସିଲେ
**ସୁଧାଂଶୁ ଶେଖର ଦ୍ୱିବେଦୀ**



ତୁ ଆସିଲେ
ଜାଣିହୁଏ ମା'ର ମମତା
ଜାଣିହୁଏ ପିତାଙ୍କର ଅତ୍ମୀୟତା
ଜାଣିହୁଏ ରାମାୟଣ ଗୀତା।

ତୁ ଆସିଲେ
ଜାଗ୍ରତ ହୁଏ ପ୍ରାଣ
ହସିଉଠେ ମନ ଉପବନ
ଫେରିଆସେ ପିଲାଦିନ।

ତୁ ଆସିଲେ
ଜୀବନରେ ଭରିଯାଏ
ଶକ୍ତିଶାଳୀ ଅମୋଘ ବାଣ
ମିଳିଯାଏ ମୋତେ ନିର୍ବାଣ।

ତୁ ଚାଲିଗଲେ
ଦେଇଯାଉ ମା'ର ଆପଣାତ୍ୱ
ରଖିଯାଉ ଏ ଭାଇ ଉପରେ
ଆଶୀଷ ଭରା ହାତ।

ବିସି-୭୪, ସଲଟ ଲେକ୍,
କଲକାତା-୬୪
ମୋ-୯୬୮୧୩୭୩୫୧୨




ପ୍ରଣତି ଆଚାର୍ଯ୍ୟ ମିଶ୍ର


# ଅସ୍ତିତ୍ୱ ପାଇଁ ଅପରିହାର୍ଯ୍ୟ ବନ୍ଧୁତା

ବନ୍ଧୁ, ସାଙ୍ଗ, ସାଥୀ, ମିତ୍ର ,ସଖା ଇତ୍ୟାଦି ଶବ୍ଦଗୁଡ଼ିକ ଏପରି ଏକ ସମ୍ପର୍କକୁ ବ୍ୟାଖ୍ୟା କରିଥାଏ ଯେଉଁଠାରେ କୌଣସି ବନ୍ଧନ ନାହିଁ, କୌଣସି ସୀମା ନାହିଁ, ଭୟ କିମ୍ବା ଦ୍ୱିଧା ନାହିଁ। ଏହି ସମ୍ପର୍କରେ ଶକ୍ତି, ସାହସ, ପ୍ରେମ, ଶାନ୍ତି, ନିଶ୍ଚିତତା, ସୌନ୍ଦର୍ଯ୍ୟ, ସହଯୋଗ, ସୌହାର୍ଦ୍ଦ୍ୟ ଏବଂ ସମ୍ବେଦନଶୀଳତା ରହିଥାଏ । ବନ୍ଧୁତା ହେଉଛି ସେହି ସମ୍ପର୍କର ନାମ ଯାହା ବ୍ୟକ୍ତି ନିଜେ ସୃଷ୍ଟି କରେ ଏବଂ ବଜାୟ ରଖେ । ଜଣେ ଭଲ ବନ୍ଧୁ ପ୍ରତ୍ୟେକ ମୁହୂର୍ତ୍ତରେ, ନିଜ ବନ୍ଧୁଙ୍କୁ ସମର୍ଥନ କରନ୍ତି । ଜୀବନରେ ପରିସ୍ଥିତି ଯାହା ହେଉ ନା କାହିଁକି, ଜଣେ ପ୍ରକୃତ ମିତ୍ର କେବେ ବି ନିଜ ସାଙ୍ଗର ପକ୍ଷ ଛାଡ଼ନ୍ତି ନାହିଁ। ସେ କେବଳ ତାଙ୍କ ସାଙ୍ଗର ଭଲକୁ ପ୍ରଶଂସା କରନ୍ତି ନାହିଁ, ବରଂ ତାଙ୍କ ଭୁଲ୍ କୁ ସୁଧାରିବା ସହ ଭବିଷ୍ୟତରେ ଆସୁଥିବା ସମସ୍ତ ସଙ୍କଟ ବିଷୟରେ ମଧ ଚେତାବନୀ ଦିଅନ୍ତି । ସର୍ବଦା ମିତ୍ରଙ୍କ ହିତସାଧନରେ ରତ ହୋଇଥାନ୍ତି। ପାପରୁ ବନ୍ଧୁଙ୍କୁ ନିବୃତ୍ତ କରନ୍ତି। ମିତ୍ରର ଗୋପନୀୟ ବିଷୟମାନ ଗୋପନ ରଖନ୍ତି। ଆବଶ୍ୟକତା ବା ବିପଦବେଳର ବନ୍ଧୁ ହିଁ ପ୍ରକୃତ ବନ୍ଧୁ ପଦବାଚ୍ୟ। ସେଥିପାଇଁ କୁହାଯାଏ ଉତ୍ସବେ ବ୍ୟସନେଚୈବ.....। ବନ୍ଧୁତା ମଧ୍ୟରେ ସୌନ୍ଦର୍ଯ୍ୟ ଓ ଶତ୍ରୁତା ମଧ୍ୟରେ ବିନାଶ ଲୁଚି ରହିଥାଏ। ପ୍ରକୃତବନ୍ଧୁ ନିଜ ସାଙ୍ଗ ଜୀବନରେ ଆଗକୁ ବଢିବା ଦେଖି ଈର୍ଷା କରନ୍ତି ନାହିଁ, ବରଂ ଖୁସି ହୁଅନ୍ତି। ଯଦି ତାଙ୍କ ରାସ୍ତାରେ କୌଣସି ପ୍ରତିବନ୍ଧକ ଥାଏ, ତେବେ ସେ ସେହି ପ୍ରତିବନ୍ଧକକୁ ସାମ୍ନା କରି ଆଗକୁ ବଢିବା ପାଇଁ ପ୍ରେରଣା ମଧ ଦିଅନ୍ତି । ବେଳେବେଳେ ଜୀବନରେ ଦୁଃଖ ଓ ନିରାଶା ଘେରି ରହିଥିବା ସମୟରେ ଏଭଳି ବନ୍ଧୁ ଜୀବନର ସମ୍ଭାବ୍ୟ ଆଲୋକ ଓ ନୂଆ ସକାଳର ସ୍ୱପ୍ନ ଦେଖାନ୍ତି।



ପୁଣି ଥରେ ଉଠିବା ପାଇଁ ସାହସ ଓ ଧର୍ଯ୍ୟ ସୃଷ୍ଟି କରିଥାନ୍ତି। ସେଥିପାଇଁ କୁହାଯାଏ ଯେ ଜଣେ ପ୍ରକୃତ ବନ୍ଧୁ ଆମ ଜୀବନରେ ଅନେକ ସମ୍ପର୍କର ଅଭାବପୂରଣ କରିଥାଏ। ତ୍ୟାଗ, ପ୍ରେମ ଓ ବିଶ୍ୱାସ ଡୋରିରେ ବନ୍ଧା ହୋଇଥାଏ ସଂମ୍ପର୍କ। ବନ୍ଧୁତା ହେଉଛି ଏକ ମୂଲ୍ୟବାନ ଉପହାର ଯାହା ଆମ ଜୀବନକୁ ଅଗଣିତ ଉପାୟରେ ସମୃଦ୍ଧ କରେ। ଏହା ଆନନ୍ଦ, ସମର୍ଥନ ଏବଂ ଏକ ଅବିସ୍ମରଣୀୟ ବନ୍ଧନ ଆଣିଥାଏ ଯାହା ସମୟର ପରୀକ୍ଷଣକୁ ପ୍ରତିହତ କରେ। ସତ କହିବାକୁ ଗଲେ ପ୍ରକୃତ ବନ୍ଧୁ ହେଉଛି ଜୀବନ ଗାଡିର ଚକା ଭଳି, ଯାହାର ଅନୁପସ୍ଥିତି ରେ ଆମକୁ ଶାରୀରିକ, ମାନସିକ, ଆର୍ଥିକ ଇତ୍ୟାଦି ଅନେକ ପ୍ରକାର ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ। ସଂଜୀବନୀ ଭଳି ଜୀବନ ପାଇଁ ମିତ୍ରତା। ଏହା ଏକ ଦିବ୍ୟ ଉପହାର, ଯାହା ଚରିତ୍ରକୁ ସୁସଜ୍ଜିତ ଏବଂ ପ୍ରଶଂସିତ କରିଥାଏ । ଅପରପକ୍ଷରେ ଖରାପ ବ୍ୟକ୍ତିଙ୍କ ସହ ବନ୍ଧୁତା ହେଲେ ଜୀବନ କଷ୍ଟକର ହୋଇଯାଏ। କୁସଙ୍ଗରେ ପର୍ଯ୍ୟାୟକ୍ରମେ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ। ଏଭଳି ପରିସ୍ଥିତିରେ କିଛି ଲୋକ ପ୍ରକୃତ ବନ୍ଧୁ ଖୋଜିବା ପାଇଁ ବହୁତ ଚୟନଶୀଳ ହୋଇଯାଆନ୍ତି । ତେବେ ଆଜି ନ ହେଲେ କାଲି କେବେହେଲେ ପ୍ରକୃତ ବନ୍ଧୁ ପାଇବେ ବୋଲି ଆଶା କରି କିଛି ଲୋକ ଅନେକ ଲୋକଙ୍କ ସହ ବନ୍ଧୁତା କରିଥାନ୍ତି । ସତ କଥା ହେଉଛି ଜୀବନରେ ବନ୍ଧୁଙ୍କ ସଂଖ୍ୟା ବଢ଼ାଇବା ଜରୁରୀ ନୁହେଁ, କିନ୍ତୁ ବନ୍ଧୁଙ୍କ ସହ ଜୀବନସାରା ବନ୍ଧୁତାର ସମ୍ପର୍କ ରହିବା ଜରୁରୀ। ସେଥିପାଇଁ ମହାନ ଦାର୍ଶନିକ ସକ୍ରେଟିସ୍ କହିଛନ୍ତି ଯେ ବନ୍ଧୁତା କରିବାକୁ ତରବରିଆ ହୁଅନ୍ତୁ ନାହିଁ, କିନ୍ତୁ ଯଦି ଆପଣ ବନ୍ଧୁତା କରନ୍ତି, ତେବେ ଏହାକୁ ଆଜୀବନ ବଜାୟ ରଖନ୍ତୁ। ଆବାଳ ବୃଦ୍ଧ ବନିତା ସମସ୍ତଙ୍କ ବୟସରେ ମିତ୍ରର ଆବଶ୍ୟକତା ପଡ଼ିଥାଏ। ସାଙ୍ଗମାନଙ୍କ ସହିତ ସମୟ ବିତାଉଥିବା ପିଲାମାନଙ୍କର ବିଭିନ୍ନ ସ୍ତରରେ ଏକାକୀ ପିଲାଙ୍କ ତୁଳନାରେ ଭଲ ବିକାଶ ହୋଇଥାଏ । ଏମାନେ ଶୀଘ୍ର ବହୁତ କିଛି ଶିଖି ଯାଆନ୍ତି। ସାଙ୍ଗମାନଙ୍କ ସହ ମିଳାମିଶା କଲେ ମାନସିକ ସ୍ତର ଓ ବୁଦ୍ଧି ମଜବୁତ ହୋଇଥାଏ। ବନ୍ଧୁସହ ସମୟ ବିତାଇବା ମଧ ବୟସ୍କ ଲୋକଙ୍କୁ ଭାବନାତ୍ମକ ସମର୍ଥନ ପ୍ରଦାନ କରେ।ଏହା ସେମାନଙ୍କୁ ନକାରାତ୍ମକ ଚିନ୍ତାଧାରାରୁ ମୁକ୍ତ କରିବା ସହ ମନ ଓ ମସ୍ତିଷ୍କରେ ସକାରାତ୍ମକତା ସୃଷ୍ଟି କରିଥାଏ। ସେହିଭଳି କର୍ମକ୍ଷେତ୍ରରେ ବନ୍ଧୁତା ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ବଜାୟ ରଖିବା ଦ୍ୱାରା କର୍ମଚାରୀଙ୍କ ମନରେ କାର୍ଯ୍ୟ ପ୍ରତି ଉତ୍ସାହ ଓ ସନ୍ତୋଷର ଭାବନା ବୃଦ୍ଧି ପାଇଥାଏ। ଅର୍ଥାତ୍ ଅନୁକୂଳ ପରିବେଶରେ ମଣିଷ ଅପେକ୍ଷାକୃତ ଉନ୍ନତ ଓ ଅଧିକ କାମ କରିବାରେ ସକ୍ଷମ ହୋଇଥାଏ। ଏକ ଅଧ୍ୟୟନ ଅନୁଯାୟୀ, କର୍ମକ୍ଷେତ୍ରରେ ବନ୍ଧୁତ୍ୱପୂର୍ଣ୍ଣ ବାତାବରଣ ରହିଲେ କାର୍ଯ୍ୟ ପ୍ରତି କର୍ମଚାରୀଙ୍କ ନିଷ୍ଠା ଓ କଠିନ ପରିଶ୍ରମ ୫୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇଥାଏ। ସଂକ୍ଷିପ୍ତରେ କହିବାକୁ ଗଲେ, ବନ୍ଧୁତା ମଣିଷର ସାର୍ବଜନୀନ ଅସ୍ତିତ୍ୱ ପାଇଁ ଅପରିହାର୍ଯ୍ୟ, କିନ୍ତୁ ଆମେ ଭୁଲିବା ଉଚିତ୍ ନୁହେଁ ଯେ ବନ୍ଧୁତା କେବେ ଏକତରଫା କିମ୍ବା ଏକପାଖିଆ ନୁହେଁ, ବରଂ ଏହା ଦ୍ୱିପାକ୍ଷିକ। ଅର୍ଥାତ୍ ଭଲ ବନ୍ଧୁ ଚାହୁଁଥିବା ବ୍ୟକ୍ତିଙ୍କୁ ନିଜେ ମଧ ଭଲ ହେବାକୁ ପଡ଼ିଥାଏ। ଜଣେ ଭଲ ବନ୍ଧୁ ପାଇବା ପୂର୍ବରୁ ଜଣେ ଭଲ ବନ୍ଧୁ ହେବା ଆବଶ୍ୟକ। ଦୃଢ ରକ୍ତ ସମ୍ପର୍କ, ଦୃଢ଼ କର୍ମ ସମ୍ପର୍କ ଆଦିଜନିତ ବନ୍ଧୁତାକୁ ବନ୍ଧୁତା କୁହାଯାଇନପାରେ । ଅଫଳପେପ୍ ସୁବନ୍ଧୁ, ପ୍ରକୃତ ବନ୍ଧୁ। ସେଥିପାଇଁ ଭଗବାନ୍‌ଙ୍କ 'ଦିନବନ୍ଧୁ' ନାମ ଦିଆଯାଇଛି। ମନୁଷ୍ୟ ଜୀବନରେ ବନ୍ଧୁତ୍ୱର ଆବଶ୍ୟକତା, ଗୁରୁତ୍ୱ ଓ ଭୂମିକାକୁ ଦୃଷ୍ଟିରେ ରଖି ବନ୍ଧୁତ୍ୱର ଏହି ଦ୍ୱିପାକ୍ଷିକ ଭାବନାକୁ ସୁଦୃଢ଼ କରିବା ପାଇଁ ବିଶ୍ୱସ୍ତରରେ 'ଅନ୍ତର୍ଜାତୀୟ ବନ୍ଧୁତା ଦିବସ'ର ଆବଶ୍ୟକତା ଅନୁଭବ କରାଯାଇଥିଲା। ଏହି ଦିନ ଆମର ଆଭ୍ୟନ୍ତରୀଣ ସଂକଳ୍ପ, ଭାବନା, ଏବଂ ବନ୍ଧୁତା ବିଷୟରେ ଉତ୍ସୁକତାକୁ ମଜବୁତ କରିଥାଏ । ଏହା ଆମ ମନରେ ସମର୍ପଣ ଭାବନା ଏବଂ ବନ୍ଧୁତ୍ୱର ଉଷ୍ମତା ସୃଷ୍ଟି କରିବାର ଆଉ ଏକ ସୁଯୋଗ ପ୍ରଦାନ କରେ। ଆଜିର ଦୁନିଆରେ ସବୁ ବନ୍ଧୁତା 'ଦେଖା ସୁନ୍ଦର କଖାରୁ ବଡି'। ସମାଜରେ ବନ୍ଧୁତାର ଏତେ ଅଭାବ କାହିଁକି ବୋଲି ପ୍ରଶ୍ନ ଉଠିବା ସ୍ୱାଭାବିକ...ସମସ୍ତଙ୍କ ମନରେ କାହିଁକି ଏତେ ଘୃଣା, ହିଂସା ଓ ଈର୍ଷା ?


+ନୟାଗଡ଼
ମୋ: ୯୪୩୭୬୪୨୯୪୭




ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ


ଜ୍ୟୋତ୍ସ୍ନାମୟୀ ପଣ୍ଡା


॥ ଭାଗ-୧୫ ॥

(ପୂର୍ବ ପ୍ରକାଶିତ ଉତ୍ତାରୁ)



ଆଦିମ ମାନବ ଦୃଷ୍ଟି ଦ୍ୱାରା ଆହରଣ କରିଥିବା ଚିତ୍ର ତାର ମସ୍ତିଷ୍କ ମଧରେ ଏକ ଅସ୍ପଷ୍ଟ ଚିତ୍ରରୂପ ସୃଷ୍ଟି କରୁଥିଲା। ବିପଦ ପୂର୍ଣ୍ଣ ଦୃଶ୍ୟ ମାନ ତାକୁ ମେଘ, ବଜ୍ରପାତ, ଭୟଙ୍କର ଜୀବ, ମୃତ୍ୟୁ, ସମୁଦ୍ର ଜୁଆର, ଅନ୍ଧକାର, ବିଷାକ୍ତ ବୃକ୍ଷ , କଙ୍କାଳ ଆଦି ରୂପରେ ଦୃଶ୍ୟ ହେଉଥିଲା। ଆନନ୍ଦ ମୟ ଦୃଶ୍ୟ ମାନ କୁସୁମିତ ବୃକ୍ଷ, ସୂର୍ଯ୍ୟ ଦୋୟ,ବସନ୍ତ ସମୟ, ସୁନ୍ଦର ପକ୍ଷୀ, ଉପକାରୀ ଜୀବ, ସୁମିଷ୍ଟ ଫଳ ଭରା ବୃକ୍ଷ, ସବୁଜ ଭୂମି,ସଙ୍ଗମ, ଜ୍ୟୋତି ରୂପେ ରୂପାୟିତ ହେଉଥିଲା।କ୍ରମେ ସେ ଯାହା କେବେ ଦେଖିନାହିଁ ତାହାର ମଧ ଏକ କାଳ୍ପନିକ ରୂପ ସୃଷ୍ଟି ହେଲା। ଏହିପରି ଭାବେ ସେ ସ୍ୱର୍ଗ, ପାତାଳ,ଦେବତା ଆଦିଙ୍କ କାଳ୍ପନିକ ଚିତ୍ର ନିଜ ମସ୍ତିଷ୍କରେ ସୃଷ୍ଟି କଲା। କ୍ରମେ ମାନବର ମସ୍ତିଷ୍କ ମଧରେ ଏହି ଦୃଶ୍ୟଗୁଡ଼ିକ ଚିତ୍ର କଳ୍ପ ସୃଷ୍ଟି କଲା ଓ ସେ ଅତୀତ, ଭବିଷ୍ୟତ, ଦୂରସ୍ଥ ଅଦୃଶ୍ୟ ସ୍ଥାନ, ଘଟଣା, ସ୍ରଷ୍ଟା ଆଦି ବିଷୟରେ ଚିନ୍ତା କଲା । ଏହାପରେ ସେ ଯୋଗ, ଆଦି ସାଧନା ବଳ ରେ ନିଜ ଚେତନା ମଧରେ ଏହି ପରି ଚିତ୍ର କଳ୍ପ ରୂପେ ଏକ ଦୃଶ୍ୟ ଦେଖିବାର ଶକ୍ତି କୁ ଜାଗ୍ରତ କରିବାକୁ ସକ୍ଷମ ହୋଇଥିଲା। ସେ କେବଳ ଏପରି ଦୃଶ୍ୟ ନିଜେ ଦେଖି ପାରୁଥିଲା, ତାହା ନୁହେଁ, ଅନ୍ୟକୁ ମଧ ସେ ଏହିଭଳି ଦୃଶ୍ୟ ଦେଖାଇ ଦେଇ ପାରୁ ଥିଲା।

ଭାରତୀୟ ମୁନି, ଋଷି ମାନଙ୍କର ବିଜ୍ଞାନ ଜ୍ଞାନ କେବଳ ବାହ୍ୟ ଜଗତ ନଥିଲା, ତାହା ଅନ୍ତର୍ଭେଦୀ ମଧ ଥିଲା । ପ୍ରଜାପତି ସ୍ୱୟଂଭୂ ସନତ ସେହି ପ୍ରଳୟ ଜଳକୁ ଦେଖି ଚିନ୍ତା କଲେ ଯେ, ବେଦ ତଥା ଆୟୁର୍ବେଦକୁ ଏହି ଉତ୍ତୁଙ୍ଗ ଜଳରାଶି ମଧରୁ ଉଦ୍ଧାର କରିବାକୁ ମୋର ସପ୍ତ ପୁତ୍ର ( ବା ସପ୍ତ ଶିଷ୍ୟ ) ଋଷି ମାନେ ସମ୍ପୂର୍ଣ୍ଣ ସକ୍ଷମ ଅଟନ୍ତି। କିନ୍ତୁ ଆସନ୍ତା ନୂତନ ସୃଷ୍ଟି ପାଇଁ ସମସ୍ତ ପ୍ରକାର ବୀଜ ଓ ନାରୀ ମାନଙ୍କୁ ସଂଗ୍ରହ କର। ଯିବ କିପରି ?

ପ୍ରଜାପତି ପୁନଶ୍ଚ ଧ୍ୟାନ ମଗ୍ନ ହୋଇ ଗଲେ। ( ଅତୀତ, ଭବିଷ୍ୟତ ବା ବର୍ତ୍ତମାନର ଦୂରଦର୍ଶୀ ମାନେ ସମାଧିସ୍ଥ ହୋଇ ବା ଚକ୍ଷୁ ମୁଦ୍ରିତ କରି କିମ୍ବା ଚକ୍ଷୁ ସାମ୍ନାରେ ତାଙ୍କ ଅନ୍ତର୍ଦୃଷ୍ଟି ରେ ଗୋଟିଏ ଚିତ୍ରକଳ୍ପକୁ ଦେଖିଥାନ୍ତି। ତାହାକୁ ସେମାନେ ଅର୍ଥରେ ରୂପାନ୍ତରିତ କରିଥାନ୍ତି। (- ସହାୟକ ପୁସ୍ତକ ଆଲୋକରେ ଜୀନ ଡିକ୍ସନ୍, ଭବିଷ୍ୟତ ବକ୍ତାଙ୍କ ସମ୍ପର୍କରେ ଅଛି। ବର୍ତ୍ତମାନର ଟାଇମ୍ ମେସିନ୍ ପରି ସେମାନେ ଅତୀତ ବା ଭବିଷ୍ୟତର ସମୟ ନିକଟରେ ଉପସ୍ଥିତ ହୋଇଯାଆନ୍ତି ଏବଂ ସମୁଦାୟ ଘଟଣାର ଏକ ଚିତ୍ର କଳ୍ପ ଦେଖି ପାରନ୍ତି। ମୋ ସମୟରେ ଓଡ଼ିଶାରେ ମଧ ଜଣେ, ଦୁଇ ଜଣ ଖୁବ୍ ସାଧାରଣ ସ୍ୱଳ୍ପ ଶିକ୍ଷିତ ଗ୍ରାମୀଣ ମଣିଷ ନିଜ ସାଧନା ବା ଦୈବୀ କୃପା ବଳରେ ଏପରି ସାଙ୍କେତିକ ଦୃଶ୍ୟ ମାନ ଦର୍ଶନ କରି ଏବଂ କରାଇ ଅଜ୍ଞାତ ବିଷୟର ଉନ୍ମୋଚନ କରିବାର ଅଳ୍ପ ଅନୁଭୂତି ମୋର ଅଛି। ଆଧୁନିକ ବିଜ୍ଞାନ ରେ ମଧ ବୋଧହୁଏ ଏହିପରି ଦୃଶ୍ୟ ଦେଖାଇବା ସଂଭବ ହୋଇ ସାରିଛି। କାରଣ ବର୍ତ୍ତମାନ ସମୟରେ ଏହି ଉଭୟ ବାହ୍ୟ ଓ ଅନ୍ତର୍ବି ଜ୍ଞାନ ଉଚ୍ଚ ସ୍ତରକୁ ସ୍ପର୍ଶ କରି ସାରିଅଛି ବୋଲି ମୋର ଧାରଣା।)

ସ୍ୱୟଂଭୂ ଯୋଗ ବଳରେ ବ୍ରହ୍ମାବର୍ତ୍ତଠାରୁ ଭାରତର ଶେଷ ପ୍ରାନ୍ତ ତାମିଲନାଡୁରେ ଯାଇ ଉପସ୍ଥିତ ହେଲେ ଏବଂ ଜଣେ ଯୋଗ ସିଦ୍ଧ ପୁଣ୍ୟ ପୁରୁଷଙ୍କର ସାକ୍ଷାତ ଲାଭ କଲେ, ଯିଏକି ପ୍ରଜାପତିଙ୍କ ଇଚ୍ଛାକୁ ପୂର୍ଣ୍ଣ କରିବାକୁ ସକ୍ଷମ ଅଛନ୍ତି। ସତ୍ୟ ଯୁଗ । ସିନ୍ଧୁ କୂଳରେ ତପସ୍ୟାରତ ଅଛନ୍ତି ରାଜା ସତ୍ୟବ୍ରତ।

ତାହା ହେଉଛି ପୁଣି ଏକ ବ୍ରହ୍ମ ରାତ୍ରି, ଦଇନୀ କଳ୍ପର ସମୟ। ପ୍ରଳୟର ସମୟ।

ସକଳ ସୁଗୁଣ ମାନଙ୍କରେ ମଣ୍ଡିତ ଦ୍ରାବିଡମାନଙ୍କର ରାଜା ସତ୍ୟବ୍ରତ କେବଳ ଜଳ ମାତ୍ର ପାନ କରି ବର୍ଷ ବର୍ଷ ଧରି ତପ ସାଧନା କରୁଅଛନ୍ତି। ଉଦ୍ଦେଶ୍ୟ, ଭବିଷ୍ୟତରେ ସେ ଅଦିତିଙ୍କ ଅଂଶରେ ବିବସ୍ୱାନଙ୍କଠାରୁ ଜନ୍ମ ନେବେ। ତାଙ୍କର ନାମ ହେବ ଶ୍ରାଦ୍ଧ ଦେବ ବୈବସ୍ୱତ ମନୁ।

ମନୁରୁ ହିଁ ଉତ୍ତମ ମନୁଷ୍ୟ ମାନଙ୍କର, ଦେବତୁଲ୍ୟ ମନୁଷ୍ୟ ମାନଙ୍କର ସୃଷ୍ଟି ହେବ।

ସେ ବିଷ୍ଣୁ ପରାୟଣ ଓ ବିଷ୍ଣୁ ଭକ୍ତ ହୋଇଥିବାରୁ ତାଙ୍କୁ ସମଗ୍ର ପୃଥିବୀରେ ସ୍ଥାପନ କରି ସେ ଜୀବନକୁ ଚରିତାର୍ଥ କରିବେ । ସେଦିନ ରାଜା କୃତମାଳ ନଦୀର ଜଳରେ ସ୍ନାନ ସାରି ଜଳ ଦେବା ବେଳେ ଅଞ୍ଜଳି ମଧରେ ଏକ କ୍ଷୁଦ୍ର ଶଫରୀ ଦୃଶ୍ୟମାନ ହେଲା ।......

କେଉଁଠାରୁ ଆସିଲା ଏହି କ୍ଷୁଦ୍ର ଶଫରୀ ? ସେ କଣ ସେହି କୃତମାଳ ନଦୀ ରେ ସନ୍ତରଣ କରୁଥିଲା ? ଆଉ ଦ୍ରବିଡେଶ୍ୱର ରାଜା ସତ୍ୟବ୍ରତ ? କିଏ ସେହି ଦ୍ରବିଡ ମାନେ, କେଉଁଠାରୁ ଆସି ସମୁଦ୍ର ବେଷ୍ଟିତ, ଜଳ ଦ୍ରବିତ ଭୂମିରେ ନିଜର ରାଜ୍ୟ ସ୍ଥାପନ କରିଥିଲେ ?

(କ୍ରମଶଃ)


+ବାଲିଝରି, କାନପୁର, ବଡ଼ମ୍ବା, କଟକ


# ଶ୍ରଦ୍ଧାର ବନ୍ଧନ ରାକ୍ଷୀ

## ସମ୍ପର୍କର ରଙ୍ଗ


ଶ୍ୱେତା ରାଉତ୍




ଆମ ଓଡିଆଙ୍କ ମଉଡ ମଣି ପ୍ରଭୁ ଶ୍ରୀଜଗନ୍ନାଥ,ଭାଇ ଭଉଣୀଙ୍କ ଅତୁଟ ସମ୍ପର୍କ ଓ ମମତ୍ୱ ବୋଲା ବନ୍ଧନର ନିଦର୍ଶନ ଦିଅନ୍ତି।ଏ ପବିତ୍ର ବନ୍ଧନର ତୁଳନା କରାଯାଇ ପାରେନା। ରାକ୍ଷୀ ଏହାର ଏକ ପ୍ରତୀକାତ୍ମକ ପର୍ବ, ଯିଏ ଆମକୁ ମନେ ପକେଇ ଦିଏ ଭାଇର କର୍ତ୍ତବ୍ୟ ଓ ଭଉଣୀର ନିବିଡ଼ତା କେମିତି ଏ ସମ୍ପର୍କର ସୂତାକୁ ମଜବୁତ୍ କରିଥାଏ। ମନରେ ରାଗ, ଅଭିମାନ, କ୍ରୋଧ ରଖି କେବଳମାତ୍ର ପର୍ବ ପାଳନ କରିବାକୁ ଭାଇ ହାତରେ ରାକ୍ଷୀଟିଏ ବାନ୍ଧିଦେଲେ କାମ ସରିଗଲା ଭାବିବା ଠିକ୍ ନୁହେଁ। ଏହି ଦିନ ପରସ୍ପରର ମନରୁ ସବୁ ଅଭିମାନ, ଅଭିଯୋଗ କାଢ଼ି ଦେଇ ଭଉଣୀ ଶ୍ରଦ୍ଧାର ସହିତ ଭାଇ ହାତରେ ରାକ୍ଷୀ ବାନ୍ଧି ଇଶ୍ୱରଙ୍କ ନିକଟରେ ଭାଇର ମଙ୍ଗଳ କାମନା କରିବା ଉଚିତ୍। ଉପହାର ସ୍ୱରୂପ କିଛି ଦାମୀ ଜିନିଷ ଭେଟିଦେଲେ ଯେ ଭଉଣୀ ପ୍ରତି ଦାୟିତ୍ୱ ସରିଯାଏ ଏହା ଭାବିବା ଭାଇର ଭୂଲ୍, ତେଣୁ ଭାଇଟିଏ ରାକ୍ଷୀ ବନ୍ଧିବା ବେଳେ ଭଉଣୀର ସୁରକ୍ଷା କରିବାର ପ୍ରତିଶ୍ରୁତି ଦେଇ ପ୍ରତିଜ୍ଞାବଦ୍ଧ ହେବା ନିହାତି ଆବଶ୍ୟକ। ଏହି ରାକ୍ଷୀ ବନ୍ଧନର ଅନେକ ମାନ୍ୟତା ରହିଛି ଆମ ହିନ୍ଦୁମାନଙ୍କର।

ହିନ୍ଦୁମାନଙ୍କ ପ୍ରମୁଖ ପର୍ବ ଗୁଡିକ ମଧରେ ରାକ୍ଷୀ ପୂର୍ଣ୍ଣିମା ଅନ୍ୟତମ। ରାକ୍ଷୀ ଭାଇ ଭଉଣୀ ମଧରେ ଥିବା ଅତୁଟ ସମ୍ପର୍କ ଓ ଶ୍ରଦ୍ଧାର ପ୍ରତୀକ। ଏହି ଦିନ ଭାଇ ହାତରେ ରାକ୍ଷୀ ବାନ୍ଧି ଭଉଣୀ ନିଜ ସୁରକ୍ଷାର ସପଥ ମାଗିବା ସହିତ ଭାଇର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥାଏ।ଭାଇ ଆଶୀର୍ବାଦ ସ୍ୱରୂପ କିଛି ଉପହାର ଦେବା ସହିତ ଭଉଣୀକୁ ସବୁ ବିପଦରୁ ରକ୍ଷା କରିବାକୁ ସଂକଳ୍ପ ନେଇଥାଏ। ଶ୍ରାବଣ ମାସର ପୂର୍ଣ୍ଣିମା ଦିନ ଏହି ପର୍ବ ପାଳନ କରାଯାଏ।ପ୍ରାଚୀନ କାଳରୁ ରାକ୍ଷୀ ରୂପରେ କଳବା ବା ମୌଲି(ଫୁଲି)ର ପ୍ରଚଳନ ହୋଇଆସୁଛି। ହାତର ମୂଳରେ ବନ୍ଧା ଯାଉଥିବାରୁ ମୌଲି କୁହାଯାଏ। ଏଠାରେ ଥିବା ତିନୋଟି ରେଖାକୁ ମଣିବନ୍ଧ କୁହାଯାଏ। ଭାଗ୍ୟ ଏବଂ ଜୀବନ ରେଖାର ଉଦ୍ଗମ ସ୍ଥଳ ହେଉଛି ମଣିବନ୍ଧ। ଏହି ରେଖା ଗୁଡିକ ବୈହିକ, ଦୈବିକ ଓ ଭୌତିକ ଭଳି ତ୍ରିବିଧ ତପ ଦାନ କରିବା ଓ ମୋକ୍ଷ କରିବାର ଶକ୍ତି ରଖିଥାଏ। ଏହି ମଣିବନ୍ଧର ନାମ ଶିବ,ବିଷ୍ଣୁ ଓ ବ୍ରହ୍ମା ହୋଇଥାନ୍ତି। ସେହିପରି ଏହାକୁ ଶକ୍ତି(ଦୁର୍ଗା), ଲକ୍ଷ୍ମୀ ଓ ସରସ୍ୱତୀଙ୍କର ଆବାସ ସ୍ଥଳ ମଧ କୁହାଯାଇଥାଏ। ଯେତେବେଳେ ରକ୍ଷା କରିବା ଉଦ୍ଦେଶ୍ୟରେ ଆମେ ହାତରେ କଳବା ବାନ୍ଧନ୍ତି,ଏହି ତିନୋଟି ସୂତା ତ୍ରିଦେବ ଓ ତ୍ରିଶକ୍ତିଙ୍କୁ ସମର୍ପିତ ହୋଇଥାଏ। ଶାସ୍ତ୍ର ମାନ୍ୟତା ଅନୁସାରେ ତ୍ରିଦେବଙ୍କ କୃପା ଯଥା-ବ୍ରହ୍ମାଙ୍କ କୃପାରୁ କୀର୍ତ୍ତି, ବିଷ୍ଣୁଙ୍କ କୃପାରୁ ରକ୍ଷା ଓ ଶିବଙ୍କ କୃପାରୁ ଦୁର୍ଗୁଣର ନାଶ ହୋଇଥାଏ। ଠିକ୍ ସେହିପରି ଲକ୍ଷ୍ମୀଙ୍କ କୃପାରୁ ଧନ, ଦୁର୍ଗାଙ୍କ କୃପାରୁ ଶକ୍ତି ଓ ସରସ୍ୱତୀଙ୍କ କୃପାରୁ ବୁଦ୍ଧି ପ୍ରାପ୍ତ ହୋଇଥାଏ। ରକ୍ଷା ସୂତା ଧାରଣ କରୁଥିବା ପ୍ରାଣୀର ସବୁ ପ୍ରକାର ବିପତ୍ତିରୁ ରକ୍ଷା ହୋଇଥାଏ। ଏହାକୁ ମନ୍ଦିରରେ କିମ୍ବା କଳ୍ପବୃକ୍ଷରେ ନିଜର ମନୋସ୍କାମନା ପୂର୍ଣ୍ଣ ପାଇଁ ବନ୍ଧା ଯାଇଥାଏ।ଶ୍ରଦ୍ଧା ଓ ସପଥର ପ୍ରତୀକ ଭାବେ ଭଉଣୀର ରକ୍ଷା କରିବା ପାଇଁ ଭାଇ ରାକ୍ଷୀ ବାନ୍ଧି ପ୍ରତିଜ୍ଞାବଦ୍ଧ ହୋଇଥାଏ।

ପୌରଣିକ ଆଖ୍ୟାନରେ ରାକ୍ଷୀ:-

୧-ମହାଭାରତର ଏକ ଆଖ୍ୟାନରୁ ଜଣାଯାଏ ଏହି ଦିନ ଶ୍ରୀକୃଷ୍ଣ,ଯୁଧିଷ୍ଠିରଙ୍କୁ ନିଜ ସେନା ହାତରେ ରାକ୍ଷୀ (ରକ୍ଷା ସୂତା) ବାନ୍ଧିବାକୁ କହିଥିଲେ ଏବଂ ଏହା ଧାରଣ କରିବା ଦ୍ୱାରା ସେନାର ସୁରକ୍ଷା ହୋଇଥିଲା।

୨-ଅନ୍ୟ ଏକ ଆଖ୍ୟାନ କହେ ଶ୍ରୀକୃଷ୍ଣ, ଅତ୍ୟାଚାରୀ ଶିଶୁପାଳକୁ ବଦ୍ଧ କରିବା ବେଳେ ତାଙ୍କର ଅଙ୍ଗୁଳି କଟି ଯାଇଥିଲା। ସେଥିରୁ ରକ୍ତ ବାହାରିବା ଦେଖି ଦ୍ରୌପଦୀ ନିଜ ପିନ୍ଧା ଶାଢୀ ଚିରି ସେଥିରେ ବାନ୍ଧି ଦେଇଥିଲେ। ଯେତେବେଳେ କୌରବମାନେ କୁରୁସଭାରେ ଦ୍ରୌପଦୀକୁ ବିବସନା କରୁଥିଲେ,ସେତେବେଳେ କୋଟିବସ୍ତ୍ର ପ୍ରଦାନ କରି ଶ୍ରୀକୃଷ୍ଣ, ଦ୍ରୌପଦୀର ସମ୍ମାନ ରକ୍ଷା କରିଥିଲେ। ଦ୍ରୌପଦୀଙ୍କ ଶ୍ରଦ୍ଧାର ବନ୍ଧନ ପ୍ରତିବଦଳରେ ନିଜର ରକ୍ଷା ହୋଇଥିବାରୁ ତାହା ରକ୍ଷା ବନ୍ଧନ ଭାବେ ବିଦିତ ହେଲା।

୩-ଅସୁର ସମ୍ରାଟ ବଳି ଭଗବାନ ବିଷ୍ଣୁଙ୍କର ଜଣେ ବଡ଼ ଭକ୍ତ ଥିଲା। ଦାନ ଧର୍ମ କରି ସେ ଶ୍ରୀବିଷ୍ଣୁ ଓ ମାତା ଲକ୍ଷ୍ମୀଙ୍କୁ ପ୍ରସନ୍ନ କରି ରଖିଥିଲା। କିନ୍ତୁ ଇନ୍ଦ୍ରଙ୍କ ଉପରେ କ୍ରୋଧ ବଶତଃ ସେ ଦେବତାମାନଙ୍କୁ ଆକ୍ରମଣ କରିବା ସହିତ ଅତ୍ୟଧିକ ଦାନର ଅହଂକାର ବଳିକୁ ପଦଚ୍ୟୁତ କରୁଥିଲା। ଶ୍ରୀବିଷ୍ଣୁ ବଳିର ଅହଂକାର ଭାଙ୍ଗିବା ପାଇଁ ବାମନ ଅବତାର ନେଇ ତିନି ପାଦ ଭୂମି ମାଗିଲେ। ଦୁଇ ପାଦରେ ପ୍ରଭୁ ସମଗ୍ର ବ୍ରହ୍ମାଣ୍ଡ ମାପି ଦେଇଥିଲେ ଏବଂ ତୃତୀୟ ପାଦ ରଖିବା ପାଇଁ ବଳି ନିଜର ଶୀର ନୁଆଇଁ ପାଦ ରଖିବାକୁ ନିବେଦନ କରିଥିଲା ଏବଂ ବଳି ମୁଣ୍ଡରେ ପାଦ ରଖି ଶ୍ରୀବିଷ୍ଣୁ ତାକୁ ପାତାଳକୁ ଚାପି ଦେଇଥିଲେ। ଯେହେତୁ ବଳି ବିଷ୍ଣୁ ଭକ୍ତ ଥିଲା, ତାର ଭକ୍ତିରେ ପ୍ରୀତ ହୋଇ ପ୍ରଭୁ ତାକୁ ବର ମାଗିବାକୁ କହିଲେ। ବଳି ସବୁଦିନ ଶ୍ରୀହରୀଙ୍କ ଦର୍ଶନ କରିବାକୁ ନିବେଦନ କଲା ଏବଂ ପ୍ରଭୁ ତଥାସ୍ତୁ କରିଦେଲେ।

ବଳି ଉପରେ କୌଣସି ବିପଦ ଆସୁ ଏହା ବିଷ୍ଣୁ ଚାହୁଁ ନ ଥିଲେ । ତେଣୁ ବଳି ଉପରେ ବିପଦ ଥିବା ଜାଣି ବିଷ୍ଣୁ ବୈକୁଣ୍ଠ ତ୍ୟାଗକରି ବଳିର ରାଜପ୍ରାସାଦରେ ଅବସ୍ଥାନ କଲେ । ତେଣେ ମହାଲକ୍ଷ୍ମୀ ଏହା ଚାହୁଁ ନଥିଲେ । ସେ ଚାହୁଁ ଥିଲେ ବିଷ୍ଣୁ ତାଙ୍କ ସହ ବୈକୁଣ୍ଠରେ ଅବସ୍ଥାନ କରନ୍ତୁ । ଏହାର ଏକ ଉପାୟ ଚିନ୍ତାକରି ଲକ୍ଷ୍ମୀ ବ୍ରାହ୍ମଣୀ ବେଶରେ ବଳିକୁ ଭେଟିଲେ । ଶ୍ରାବଣ ପୂର୍ଣ୍ଣମୀରେ ସେ ବଳି ହାତରେ ରାକ୍ଷୀ ବାନ୍ଧି ଦେଇଥିଲେ । ଏହାପରେ ଜଣେ ଭାଇ ହିସାବରେ ବଳି ଲକ୍ଷ୍ମୀଙ୍କ କଥା ବୁଝି ତାଙ୍କର ରକ୍ଷା କରିବା କର୍ତ୍ତ୍ୟବ୍ୟ ଭାବି ଶ୍ରୀବିଷ୍ଣୁଙ୍କୁ ବୈକୁଣ୍ଠ ଯିବାକୁ ଅନୁରୋଧ କରିଥିଲେ।

୪-ଭବିଷ୍ୟ ପୁରାଣ ଅନୁସାରେ ବୃତ୍ରାସୁର ଯୁଦ୍ଧରେ ଦେବରାଜ ଇନ୍ଦ୍ରଙ୍କ ରକ୍ଷା କରିବାକୁ ଯାଇ ଇନ୍ଦ୍ରାଣୀ ସଚି ନିଜ ତପୋବଳରେ ଏକ ରକ୍ଷା ସୂତ୍ର ଉତ୍ପନ୍ନ କରିଥିଲେ ଏବଂ ଶ୍ରାବଣ ପୂର୍ଣ୍ଣିମା ଦିନ ଇନ୍ଦ୍ରଙ୍କ ହାତରେ ବାନ୍ଧିଥିଲେ। ଏହି ରକ୍ଷା ସୂତା ଦେବରାଜ ଇନ୍ଦ୍ରଙ୍କୁ ରକ୍ଷା କରିଥିଲା ଓ ସେ ବିଜୟ ହୋଇଥିଲେ। ସେବେଠାରୁ ଶ୍ରାବଣ ପୂର୍ଣ୍ଣିମା ଦିନକୁ ରକ୍ଷା ବନ୍ଧନ ଭାବେ ପାଳନ କରାଯାଉଛି।


+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦


## ଆଜିର କବିତା

### ରେଶମୀ ବନ୍ଧନ


ଶୁଭଦର୍ଶିନୀ ଦାଶ




ଭାଇ ପାଇଁ ଭଉଣୀ
କେବଳ ଦୁଇଟି ଅକ୍ଷରକୁ ନେଇ
ଅଭିହିତ ଶବ୍ଦ ନୁହେଁ ।

ବାପା ଓ ମା' ଉଭୟଙ୍କର ସ୍ୱରୂପ ସିଏ
କେବେ ବାପା ହୋଇ ଆକଟ କରିଥାଏ
ପୁଣି କେବେ ମା ହୋଇ ସ୍ନେହ ଅଜାଡି ଦିଏ ।

ମାଡ଼ଗୋଳ , କଳିଝଗଡ଼ା ଭିତରେ
ଲୁଚି ରହିଥାଏ ବନ୍ଧନ ସ୍ନେହଁ ମମତାର
ନିଆରା ଏ ଅତୁଟ ସମ୍ପର୍କ ଭାଇ ଭଉଣୀଙ୍କର ।

ସମ୍ପର୍କ ଏ ବିଧାତାଙ୍କ ବରଦାନ
ହୃଦୟରେ ସଜା ବିଶ୍ୱାସର ମୋତିଟିଏ
ଦାଉଦାଉ ହୋଇ ସଦା ଚମକୁଥାଏ ।

ଶୁଭ ମନାସି ମହାବାହୁଙ୍କ ପାଖେ
ଭଉଣୀ ବାନ୍ଧେ ଭାଇର
ହାତରେ ରକ୍ଷାକବଚ
ପରମ୍ପରାରେ ସଜ୍ଜିତ
ରେଶମୀ ଧାଗାଟିଏ ରୂପେ।


+ଭୁବନେଶ୍ୱର
ମୋ: ୮୨୮୦୩୧୧୦୦୦




## ଜାତୀୟ କ୍ରୀଡ଼ା ଦିବସ ପାଳିତ

କେନ୍ଦ୍ରାପଡ଼ା, ୩୦/୦୮ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା କ୍ରୀଡା ବିଭାଗଓ ହକି ଆସୋସିଏସନ ର ମିଳିତ ଆନୁକୂଲ୍ୟରେ ହକି ଯାଦୁଗର ମେଜର ଧାନଚନ୍ଦ୍ରଙ୍କ ଜୟନ୍ତୀ ଉପଲକ୍ଷେ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି । ଏନେଇ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନିଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ହକି ଯାଦୁଗର ମେଜର ଧାନଚନ୍ଦ୍ରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରା ଯାଇଥିଲା ଏହି ଉପଲକ୍ଷେ ଜୀବନରେ କ୍ରୀଡାର ଆବଶ୍ୟକତା ଓ କ୍ରୀଡାବିତ୍‌ଙ୍କୁ ଯଥାଚିତ ସମ୍ମାନ ପ୍ରଦର୍ଶନ ପାଇଁ ଉର୍ଦ୍ଦିଷ୍ଟ ଏହି ଦିବସରେ ସମସ୍ତେ ଫିଟ୍ ରହିବା ପାଇଁ ସଂକଳ୍ପ ନେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମାହାପତ୍ର ଏହି ଅବସରରେ ଏକ ର୍‍ୟାଲିକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ର୍‍ୟାଲିଟି ଜିଲ୍ଲା କାର୍ଯ୍ୟାଳୟରୁ ବାହାରି କ୍ରୀଡାର ବିଭିନ୍ନ ସ୍ଲୋଗାନ ଦେଇ ସହରେ ପରିକ୍ରମା କରିଥିଲେ । ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଜିଲ୍ଲା ସମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଜିଲ୍ଲା କ୍ରୀଡା ସଂସଦର ସଂପାଦକ ସୟଦ ଅକମଲ ଅଲ୍ଲୀ, କ୍ରୀଡା ଶିକ୍ଷକ ଜ୍ୟୋର୍ତିମୟ ଦାସଙ୍କ ସମେତ ଜିଲ୍ଲାର ବହୁ କ୍ରୀଡାବିତ୍, ସ୍କୁଲର ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ । ଶେଷରେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଆଲୋକ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପାଳନ କଲା ୧୫ତମ ପ୍ରତିଷ୍ଠା ଦିବସ

ଜୟପୁର, ୩୦/୦୮ (ନି.ପ୍ର): କୋରାପୁଟ ସ୍ଥିତ ଲାଣ୍ଡିଗୁଡା କ୍ୟାମ୍ପସରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ୧୫ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଭାରତ ସରକାରଙ୍କ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାରସ୍ୱତ ଅତିଥି ଭାବେ ଯୋଗ ଦେଇଥିଲେ । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଏଏମବି ଭାଗଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ବିଭାଷ ଚନ୍ଦ୍ର ଝା ପ୍ରତିଷ୍ଠା ଦିବସର ଅଭିଭାଷଣ ପ୍ରଦାନ କରିଥିଲେ। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳସଚିବ ତଥା ବିତ ଅଧିକାରୀ ପ୍ରଫେସର ଏନ୍.ସି. ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ପ୍ରଶାନ୍ତ ମେଶ୍ରାମ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭର୍ଚୁଆଲ ମାଧ୍ୟମରେ ସଭାକୁ ସମ୍ବୋଧିତ କରିବା ସହ ଭବିଷ୍ୟତରେ ସଫଳତା ହାସଲ ଦିଗରେ ଗବେଷଣା ଓ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ । ଚନ୍ଦ୍ରଯାନ-୩ର ସଫଳ ଅଭିଯାନ ପାଇଁ ସେ ସମସ୍ତଙ୍କୁ ଅଭିନନ୍ଦନ ଜଣାଇବା ସହ ଭାରତରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ସଫଳତାକୁ ପ୍ରଶଂସା କରିଥିଲେ । ସେ ୩ ଏସ୍ ବିକାଶ ସ୍କିଲ, ଦକ୍ଷତା, ସ୍କେଲ୍ ଏବଂ ସ୍ପିଡ୍ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଦ୍ୟାର୍ଥୀମାନେ ଦକ୍ଷତା ହାସଲ କରିବା, ନୂତନ ସ୍ତରରେ ପହଂଚିବା ଏବଂ ବିଶ୍ୱ ସହିତ ଦ୍ରୁତ ଗତିରେ ଯିବା ଉଚିତ ଯାହା ଦ୍ୱାରା ସେମାନେ ଭବିଷ୍ୟତରେ ସଫଳତା ହାସଲ କରିପାରିବେ । କୋରାପୁଟରେ ଜୈବିକ ଚାଷ ପ୍ରଣାଳୀରେ ଉତ୍ପାଦିତ ଧାନ, ଆମ୍ବ, ବାଜରା, ପନିପରିବା ଏବଂ ବିଶେଷ କରି କୋରାପୁଟ କଫି ର ଗୁରୁତ୍ୱ ଉପରେ ସେ ଆଲୋକପାତ କରିଥିଲେ। ତେଣୁ ଆମକୁ ଏ ଦିଗରେ ପ୍ରାଥମିକତା ଦେବାକୁ ପଡ଼ିବ ବୋଲି କହିଥିଲେ । କୋରାପୁଟର ବାଜରାରୁ ପ୍ରସ୍ତୁତ ବିସ୍କୁଟକୁ ବିଶ୍ୱ ବଜାରକୁ ନେବାକୁ ପଡିବ । କୁଇ ଏବଂ ଦେଶିଆ ଭାଷାରେ ଦୁଇଟି ବର୍ଣମାଳା ପ୍ରାଇମର ଆଣିବା ପାଇଁ ସେ ସିୟୁଓ ଏବଂ ଏନସିଇଆରଟିର ପ୍ରୟାସକୁ ମଧ୍ୟ ପ୍ରଶଂସା କରିଥିଲେ । କୋରାପୁଟର ସହିଦ ଭୂମି ବିଶେଷ କରି ସହିଦ ଲକ୍ଷ୍ମଣ ନାୟକଙ୍କ ଭୂମି ଏବଂ ପାପଡାହାଣ୍ଡିର ସହିଦ ଭୂମିରୁ ମାଟି ସଂଗ୍ରହ କରି କେନ୍ଦ୍ର ସରକାରଙ୍କ ଯୋଜନା ମୋ ମାଟି, ମୋ ଦେଶ ସହ ସାମିଲ ହେବାକୁ ସେ ବିଶ୍ୱବିଦ୍ୟାଳୟକୁ ଆହ୍ୱାନ କରିଥିଲେ। କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ସଭାପତିତ୍ୱ ଭାଷଣ ଦେଇ ୧୪ ବର୍ଷ ପୂର୍ତ୍ତି ଅବସରରେ ବିଶ୍ୱବିଦ୍ୟାଳୟ ପରିବାରକୁ ଅଭିନନ୍ଦନ ଜଣାଇଥିଲେ। ସ୍ୱାଧୀନତା ସଂଗ୍ରାମୀ ତଥା ଭୂମିପୁତ୍ର ସହିଦ ଲକ୍ଷ୍ମଣ ନାୟକଙ୍କୁ ସ୍ମରଣ କରି ସେ ଭାଷଣ ଆରମ୍ଭ କରିଥିଲେ। ସେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାର ୧୪ ବର୍ଷ ର ସଫଳତା ବର୍ଣ୍ଣନା କରିଥିଲେ । ଚଳିତ ବର୍ଷ ବିଶ୍ୱବିଦ୍ୟାଳୟରେ କୃଷି, ଜଙ୍ଗଲ ପରିଚାଳନା, ପଶୁପାଳନ ଓ ଦୁଗ୍ଧ ଚାଷ କ୍ଷେତ୍ରରେ ୩ଟି ନୂତନ ବିଜ୍ଞାନରେ ସ୍ନାତକ ଏବଂ ଲଜିଷ୍ଟିକ୍ ଏବଂ ଯୋଗାଣ ଶୃଙ୍ଖଳା ପରିଚାଳନାରେ ସ୍ନାତକୋତର ପାଠ୍ୟକ୍ରମ ଆରମ୍ଭ କରିବା ସମେତ ବିଶ୍ୱବିଦ୍ୟାଳୟର ବିକାଶ ଉପରେ ସେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ଜାତୀୟ ଶିକ୍ଷା ୨୦୨୦ ଅଧୀନରେ ବିଶ୍ୱବିଦ୍ୟାଳୟ ସଫଳତାର ନୂଆ ମାର୍ଗ ଅନୁସରଣ କରିବ । ଏନଇପି ୨୦୨୦ ଅନୁଯାୟୀ ସେ ଛାତ୍ରମାନଙ୍କୁ ଚାକିରି ଖୋଜିବା ନୁହେଁ, ବରଂ ଚାକିରି ପ୍ରଦାନକାରୀ ହେବାକୁ ଅନୁରୋଧ କରିଥିଲେ ଏବଂ ଆଶା କରିଥିଲେ ଯେ, ପ୍ରତ୍ୟେକ ଛାତ୍ର ଦେଶର ଏକାଡେମିକ ଲିଡର ହେବେ । ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ମାତୃଭାଷାରେ ଅଧ୍ୟୟନ । ଏହା କେବଳ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ ନୁହେଁ; ଏହା ମଧ୍ୟ ଆଦିବାସୀ ସଂସ୍କୃତି, ନୂତନ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ସମଗ୍ର ସଂସ୍କୃତିର ପ୍ରତିଷ୍ଠା ଦିବସ ।

## ବୀର ସୁରେନ୍ଦ୍ର ସାଏ ଇଣ୍ଡୋର ବ୍ୟାଡ଼ମିଂଟନ ହଲ୍‌ରେ ରାଷ୍ଟ୍ରୀୟ ଖେଳ ଦିବସ ପାଳିତ

ସମ୍ବଲପୁର, ୩୦/୦୮ (ନି.ପ୍ର): ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ ପରିସରସ୍ଥ ଇଣ୍ଡୋର ବ୍ୟାଡ଼ମିଂଟନ ହଲରେ ସମ୍ବଲପୁର ବ୍ୟାଡ଼ମିଂଟନ ଆସୋସିଏସନ ଓ ଆମର ବ୍ୟାଡ଼ମିଂଟନ କ୍ଲବର ମିଳିତ ଆନୁକୂଲ୍ୟରେ ବିଶ୍ୱ ବିଖ୍ୟାତ ହକି ପୁରୁଷ, ମେଜର ଧ୍ୟାନଚାନ୍ଦଙ୍କର ଜୟନ୍ତୀ ତଥା ରାଷ୍ଟ୍ରୀୟ ଖେଳ ଦିବସ ମଙ୍ଗଳବାର ସକାଳେ ପାଳିତ ହୋଇଯାଇଛି । ଏହି ଅବସରରେ ଏକ ପ୍ରଦର୍ଶନୀ ବ୍ୟାଡ଼ମିଂଟନ ମ୍ୟାଚ୍ ଆୟୋଜନ କରାଯାଇଥିଲା।

ରାଷ୍ଟ୍ରୀୟ ଖେଳ ଦିବସ ପାଳନର ମୂଳ ଉଦ୍ଦେଶ୍ୟ ବିଷୟରେ ବରିଷ୍ଠ କ୍ରୀଡାବିତ୍ ତଥା ''ଆମର ବ୍ୟାଡ଼ମିଂଟନ କ୍ଲବ''ର ସଂଯୋଜକ ସୂର୍ଯ୍ୟ ପାଣିଗ୍ରାହୀ ଆଲୋକପାତ କରିଥିଲେ। ଶ୍ରୀ ପାଣିଗ୍ରାହୀ କହିଥିଲେ ଯେ, ସ୍ୱାସ୍ଥ୍ୟ ହିଁ ସମ୍ପଦ । ଶରୀରକୁ ନୀରୋଗ ଓ ମାନସିକ ଶାନ୍ତି ପାଇଁ ନିଜକୁ ସର୍ବଦା ସୁସ୍ଥ ରଖିବା ଅତ୍ୟନ୍ତ ଜରୁରୀ । ଏହି ସଚେତନତା ବାର୍ତା ଲୋକଙ୍କ ପାଖରେ ପହଂଚାଇବା ପାଇଁ ହିଁ ଏହି ରାଷ୍ଟ୍ରୀୟ ଖେଳ ଦିବସର ଆୟୋଜନ ହେଉଛି । ଆଜିର ଦିନରେ ସରକାର ମଧ୍ୟ ଖେଳକୁଦକୁ ଅଧିକ ଗୁରୁତ୍ୱ ଦେଉଛନ୍ତି ବୋଲି ଶ୍ରୀ ପାଣିଗ୍ରାହୀ କହିଥିଲେ । ଶେଷରେ ସମ୍ବଲପୁର ବ୍ୟାଡ଼ମିଣ୍ଟନ ଆସୋସିଏସନର ବରିଷ୍ଠ ସଦସ୍ୟ ପ୍ରଶାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରଥମ ସୂର୍ଯ୍ୟ ଅଭିଯାନ ପାଇଁ ଇସ୍ରୋ ପ୍ରସ୍ତୁତ

ନୂଆଦିଲ୍ଲୀ, ୩୦/୦୮ କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା (ସ୍ୱାଧୀନ ଦାୟିତ୍ୱ), ପିଏମଓ, କାର୍ମିକ, ଜନ ଅଭିଯୋଗ, ପେନସନ, ଆଣବିକ ଶକ୍ତି ଏବଂ ମହାକାଶ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଆଜି କହିଛନ୍ତି ଯେ ସଫଳ ଚନ୍ଦ୍ରଯାନ ଅଭିଯାନ ଶେଷ ହେବା ପରେ ଭାରତ ପ୍ରଥମ ସୂର୍ଯ୍ୟ ଅଭିଯାନ 'ଆଦିତ୍ୟ-ଏଲ୧' ପାଇଁ ପ୍ରସ୍ତୁତ ଅଛି, ଯାହାକୁ ଇସ୍ରୋ ସେପଟ୍ଟେମ୍ବର ୨ରେ ଲଂଚ କରିବାକୁ ଯାଉଛି । ମୈନପୁରୀରେ ଏକ ସାଧାରଣ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଡ. ଜିତେନ୍ଦ୍ର ସିଂହ କହିଛନ୍ତି ଯେ ସମଗ୍ର ବିଶ୍ୱ ଭାରତର ଚନ୍ଦ୍ରଯାନ ଅଭିଯାନର ସଫଳତାକୁ ପାଳନ କରୁଥିବା ବେଳେ ସୂର୍ଯ୍ୟ ଅଭିଯାନ ପ୍ରତି ଲୋକଙ୍କ ଆଗ୍ରହ ମଧ୍ୟ ବହୁଗୁଣିତ ହୋଇଛି। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ ସମ୍ପୂର୍ଣ୍ଣ ଶ୍ରେୟ ଦେଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଯଦି ପ୍ରଧାନମନ୍ତ୍ରୀ ଭାରତର ମହାକାଶ କ୍ଷେତ୍ରକୁ ଅତୀତର ବନ୍ଧନରୁ ମୁକ୍ତ କରିବା ପାଇଁ ସାହସିକ ନିଷ୍ପତ୍ତି ନେଇ ନଥାନ୍ତେ, ତେବେ ଏସବୁ ସମ୍ଭବ ହୋଇନଥାନ୍ତା, ଯାହା ଅନ୍ୟ କୌଣସି ସରକାର କରିବାକୁ ପଦକ୍ଷେପ ନେଇ ନଥିଲେ । ଫଳସ୍ୱରୂପ ଆଜି ୪ ବର୍ଷର ଅଳ୍ପ ସମୟ ମଧ୍ୟରେ ଇସ୍ରୋର ଆର୍ଥିକ ସମ୍ବଳ ବୃଦ୍ଧି ପାଇଛି, ଷ୍ଟାର୍ଟଅପ ସଂଖ୍ୟା ୪ରୁ ୧୫୦କୁ ବୃଦ୍ଧି ପାଇଛି ଏବଂ ଭାରତର ଉପଗ୍ରହ ଉତକ୍ଷେପଣ କେନ୍ଦ୍ରର ବିଶ୍ୱସନୀୟତା ହଠାତ୍ ଏତେ ବଢ଼ିଯାଇଛି ଯେ ୟୁରୋପୀୟ ଉପଗ୍ରହ ଉତକ୍ଷେପଣରୁ ଏପର୍ଯ୍ୟନ୍ତ ଭାରତ ୨୬୦ ନିୟୁତ ୟୁରୋରୁ ଅଧିକ ଆୟ କରିଛି ଏବଂ ଆମେରିକୀୟ ଉପଗ୍ରହ ଉତକ୍ଷେପଣରୁ, ଭାରତ ୧୫୦ ନିୟୁତ ଆମେରିକୀୟ ଡଲାରରୁ ଅଧିକ ରୋଜଗାର କରିଛି । ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦୀ ବୈଜ୍ଞାନିକ ଜଗତର ସମ୍ମାନ ବଢ଼ାଇବା କାରଣରୁ ଆଜି ସୂର୍ଯ୍ୟକୁ ପ୍ରଥମ ମହାକାଶ ଯାନ ପଠାଇବାକୁ ଆମର ଦୃଢ଼ ଆତ୍ମବିଶ୍ୱାସ ରହିଛି। ଡକ୍ଟର ଜିତେନ୍ଦ୍ର ସିଂହ କହିଥିଲେ, ସୂର୍ଯ୍ୟ ମହାକାଶ ଅଭିଯାନ ଆଦିତ୍ୟ-ଏଲ୧ ପୋଲାର ସାଟେଲାଇଟ୍ ଲଂଚ ଭେଇକିଲ (ପିଏସଏଲଭି)କୁ ସାତଟି ପେଲୋଡ୍ (ଉପକରଣ) ସହିତ ବ୍ୟବହାର କରିବ । ଏହି ମହାକାଶଯାନ ପୃଥିବୀଠାରୁ ପ୍ରାୟ ୧.୫ ନିୟୁତ କିଲୋମିଟର ଦୂର ସୂର୍ଯ୍ୟ-ପୃଥିବୀ ପ୍ରଣାଳୀର ଲାଗ୍ରାଞ୍ଜ ପଏଣ୍ଟ -୧ (ଏଲ୧) ଚାରିପାଖରେ ଏକ ପ୍ରଭାମଣ୍ଡଳ କକ୍ଷପଥରେ ରହିବ ଏବଂ ଏହି କକ୍ଷପଥରେ ରଖାଯାଇଥିବା ଉପଗ୍ରହ ବିନା କୌଣସି ଗ୍ରହଣରେ ସୂର୍ଯ୍ୟଙ୍କୁ କ୍ରମାଗତ ଭାବରେ ଦେଖିବାର ପ୍ରମୁଖ ଫାଇଦା ପାଇବ ବୋଲି ସେ କହିଛନ୍ତି। ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି, ମଙ୍ଗଳ ଓ ଚନ୍ଦ୍ର ଅଭିଯାନ ପରେ ଆଦିତ୍ୟ ଏଲ୍-୧ ହେଉଛି ତୃତୀୟ ଅଭିଯାନ। ଏହା ସୂର୍ଯ୍ୟଙ୍କ ଶକ୍ତି ଉତ୍ସ ଉପରେ ଅଧ୍ୟୟନ କରିବ ।

# ମାଲକାନଗିରି ମହାବିଦ୍ୟାଳୟରେ ଜାତୀୟ କ୍ରିଡ଼ା ଦିବସ ପାଳିତ

ମାଲକାନଗିରି, ୩୦/୦୮ (ନି.ପ୍ର): ମାଲକାନଗିରି ମହାବିଦ୍ୟାଳୟରେ ଜାତୀୟ କ୍ରିଡ଼ା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଡଃ. ରଞ୍ଜନ କୁମାର ସ୍ୱାଇଁ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ ଅଶୋକ କୁମାର ଷଡଙ୍ଗୀ ଯୋଗଦାନ କରି ଛାତ୍ର ଛାତ୍ରୀ ଓ କ୍ରିଡାବିତ ମାନଙ୍କୁ ଉତ୍ସାହିତ କରିବା ସହିତ ହକି ର ଯାଦୁଗର ଧ୍ୟାନଚାନ୍ଦଙ୍କ କ୍ରିଡ଼ା କୌଶଳ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ କ୍ରିଡ଼ା ଶିକ୍ଷକ ଅଭିମନ୍ୟୁ ଦଳବେହେରା ଯୋଗଦାନ କରି ଛାତ୍ରଛାତ୍ରୀ ମାନଙ୍କୁ ବିଭିନ୍ନ ପ୍ରକାର ଇଣ୍ଡୋର ଏବଂ ଆଉଟ୍ ଡୋର ଖେଳ ଖେଳିବା ପାଇଁ ଉତ୍ସାହିତ କରିଥିଲେ। ଇତିହାସ ବିଭାଗର ବିଭାଗୀୟ ମୁଖ୍ୟ ନମିତା ଦଣ୍ଡସେନା ଖେଳରେ କୃତିତ୍ୱ ଅର୍ଜନ କରିଥିବା ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କୁ ପ୍ରଶଂସା କରିବା ସହିତ ଜାତୀୟ ଅନ୍ତର୍ଜାତୀୟ ସ୍ତରରେ ଖେଳିବା ପାଇଁ ପ୍ରଶିକ୍ଷଣ ନେବାକୁ ଛାତ୍ର ଛାତ୍ରୀ ମାନଙ୍କୁ ପ୍ରବର୍ତାଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜାତୀୟ ସେବା ଯୋଜନା ଅଧିକାରୀ ପ୍ରେମରେଖା ଭୋତ୍ରା ଉପସ୍ଥିତ ରହି ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ର ଅଧିକାରୀ ସୁଶାନ୍ତ ମାଝୀ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷା ବିଭାଗର ବିଭାଗୀୟ ମୁଖ୍ୟ ଗୌତମ ନାୟକ କ୍ରିଡା କୁ ଅଧିକ ଆଗ୍ରହର ସହ ଗ୍ରହଣ କରି କୃତିତ୍ୱ ଅର୍ଜନ କରିବାକୁ ଉପସ୍ଥିତ ଛାତ୍ର ଛାତ୍ରୀ ମାନଙ୍କୁ ପ୍ରେରଣା ଯୋଗାଇଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟକୁ ଭଲିବଲ୍, କ୍ରିକେଟ, କରାଟୀ ଏବଂ ଅନ୍ୟାନ୍ୟ ଖେଳରେ ସୁନାମ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ଫଳକ ପ୍ରଦାନ କରାଯାଇ ସମ୍ମାନିତ କରିବା ସହିତ ଆଗାମୀ ଦିନରେ ଭଲ ପ୍ରଦର୍ଶନ କରିବା ପାଇଁ ଉତ୍ସାହିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରାୟତଃ ୩୦୦ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ। ସଭା ଶେଷରେ ଜାତୀୟ ସେବା ଯୋଜନା ଅଧିକାରୀ ପ୍ରମୀୟ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ତୁଷୁରାବାହାଲରେ ଜଳସେଚନ ପ୍ରକଳ୍ପର ଭିତିପ୍ରସ୍ତର ଦେଲେ ନରସିଂହ

ବଲାଙ୍ଗୀର, ୩୦/୦୮ (ନି.ପ୍ର): ଆଜି ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ତୁଷୁରାବାହାଲ ପଂଚାୟତର ତୁଷାରାହାଲ ଠାରେ ମାନ୍ୟବର ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ଜଳ ସଂପଦ ବିଭାଗର ଏକ ଜଳ ସେଚନ ପ୍ରକଳ୍ପର ଭିତିପ୍ରସ୍ତର ପ୍ରଦାନ କରିଛନ୍ତି। କ୍ଷୁଦ୍ର ଜଳସେଚନ ବିଭାଜନ ବଲାଙ୍ଗୀର ଅଧିନରେ ଥିବା ଏହି ପ୍ରକଳ୍ପ ତୁଷୁରାବାହାଲ ଗ୍ରାମର ସକଜୁରି ନାଳ ଉପରେ ଚେକ ଡ୍ୟାମ ନିର୍ମାଣ କରାଯିବ। ଅଟକଳ ମୁଲ୍ୟ ୫୨.୭୨ ଲକ୍ଷ ଟଙ୍କାର ଏହି ପ୍ରକଳ୍ପ ରୁ ଜିରାଟମଲ, ତୁଷୁରାବାହାଲ ଏବଂ ଦାଉପାଲି ଅଂଚଳର ୬୦ ରୁ ୭୦ ଏକର ଚାଷ ଜମିରେ ଜଳସେଚନ ହେବାର ଅଛି। ଏହି ପ୍ରକଳ୍ପ ପାଇଁ ଏହି ପଂଚାୟତର କ୍ଷୁଦ୍ର ଚାଷୀମାନେ ବହୁ ଦିନରୁ ମାନ୍ୟବର ବିଧାୟକ ଶ୍ରୀ ମିଶ୍ରଙ୍କ ନିକଟରେ ଦାବି କରି ଆସୁଥିଲେ। ଯାହାକି ଏବେ ସଫଳ ହେବାକୁ ଯାଉଛି । ଭିତିପ୍ରସ୍ତର ପ୍ରଦାନ ସମୟରେ ଉପସ୍ଥିତ ଅଧିକ୍ଷଣ ଯନ୍ତ୍ରୀ ସଚିଦାନନ୍ଦ ଦଳେଇ ଏହି ପ୍ରକଳ୍ପର ସବିଶେଷ ରୂପରେଖ ଉପରେ ବୁଝାଇଥିଲେ। ଏହି ପ୍ରକଳ୍ପ ଯେପରି ଠିକ୍ ସମୟରେ ଆରମ୍ଭ ହୋଇ ନିର୍ଦ୍ଧାରିତ ସମୟ ଭିତରେ ଲୋକାର୍ପଣ ହୋଇପାରିବ ସେ ଉପରେ ଧ୍ୟାନ ଦେବାକୁ ବିଧାୟକ ଶ୍ରୀ ମିଶ୍ର ନିର୍ଦ୍ଦେଶ ଦେଇଥିଲେ। ତାହାସହ କାମ ହେବା ବେଳକୁ ପ୍ରକଳ୍ପର ଜଳଧାରଣ କ୍ଷମତା, କାମର ଗୁଣବତା ଉପରେ ଯେପରି କୌଣସି ସାଲିସ କରାଯିବ ନାହିଁ ସେ ଉପରେ ଉପସ୍ଥିତ ଯନ୍ତ୍ରୀ ଏବଂ ଗାଁର ଚାଷୀମାନେ ଯତ୍ନବାନ ହେବେ ବୋଲି ଶ୍ରୀ ମିଶ୍ର କହିଥିଲେ। ପରେ ତୁଷୁରାବାହାଲ ପଂଚାୟତକୁ ଯାଇ ସରପଂଚ ଜନାର୍ଦ୍ଦନ ମହାପାତ୍ରଙ୍କ ଅନୁରୋଧ କ୍ରମେ ସେ ଅଂଚଳର ହରିଶ୍ଚନ୍ଦ୍ର ଯୋଜନା ଅନ୍ତର୍ଗତ ୮ ଜଣ ହିତାଧିକାରୀଙ୍କୁ ଆର୍ଥିକ ସହାୟତା ରାଶି ମାନ୍ୟବର ବିଧାୟକ ଶ୍ରୀ ମିଶ୍ର ପ୍ରଦାନ କରିଥିଲେ। ପଂଚାୟତ ପରିସରରେ ପଂଚାୟତର ଅନ୍ୟାନ୍ୟ ସମସ୍ୟା ଯଥା ପାଣି, ବିଜୁଳି ଓ ରାସ୍ତା, ବିକଳାଙ୍ଗ ବାର୍ଦ୍ଧକ୍ୟ ଭତା ତଥା ବୁଡି ଅଂଚଳର କିଛି ସମସ୍ୟାକୁ ନେଇ ଉପସ୍ଥିତ ଲୋକମାନଙ୍କ ସହ ଆଲୋଚନା ହୋଇଥିଲା।

# ଗୁଟିଙ୍ଗିଆରେ ଜାତୀୟ କ୍ରୀଡ଼ା ଦିବସ ପାଳିତ

କନ୍ଧମାଳ, ୩୦/୦୮ (ନି.ପ୍ର): ନହେରୁ ଯୁବକେନ୍ଦ୍ର ଫୁଲବାଣୀ ତରଫରୁ ଟିକାବାଲି ବ୍ଲକ୍ ର ଗୁଟିଙ୍ଗିଆ ପଂଚାୟତର ଗୁଟିଙ୍ଗିଆ ଠାରେ ନେହେରୁ ଯୁବ କେନ୍ଦ୍ର ଫୁଲବାଣୀ ଓ ବାନିଶ୍ରୀ ଯୁବକ ସଂଘ ଗୁଟିଙ୍ଗିଆ ତରଫରୁ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି । ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଗୁଟିଙ୍ଗିଆ ଗ୍ରାମପଂଚାୟତ ସମିତି ସଭ୍ୟ ଅର୍ଚ୍ଚନା ଭୋଇ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ଗୁଟିଙ୍ଗିଆ କମଳା ନେହେରୁ ହାଇସ୍କୁଲ ର ପ୍ରଧାନ ଶିକ୍ଷକ ନିତ୍ୟ ରଞ୍ଜନ ମିଶ୍ର, ସହାୟକ ଶିକ୍ଷକ ଶୈଳ ଚନ୍ଦ୍ର ବେହେରା, ପୂର୍ଣ୍ଣଚନ୍ଦ୍ର ଦିଗାଲ, ବରିଷ୍ଠ କ୍ରୀଡ଼ାବିତ୍ କାମାକ୍ଷ୍ୟା ପ୍ରସାଦ ପ୍ରଧାନ ଏବଂ ନେହେରୁ ଯୁବକେନ୍ଦ୍ର ଫୁଲବାଣୀର ସହକର୍ମୀ ସତ୍ୟବାନ ଦଳବେହେରା, ସ୍ୱେଚ୍ଛାସେବୀ ଦିଗବିଜୟ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏହି ଦିବସରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ସଙ୍ଗୀତ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଏଥିରେ ମହାଲକ୍ଷ୍ମୀ ପ୍ରଧାନ, ପ୍ରଥମ, ପ୍ରଣୀତା ବିନ୍ଧାଣୀ ଦ୍ୱିତୀୟ ଏବଂ ଅନିତା ପ୍ରଧାନ ତୃତୀୟ ହୋଇଥିଲେ। ଏହି ଅବସରରେ ଏକ ବନ୍ଧୁତାପୂର୍ଣ୍ଣ ଫୁଟବଲ୍ ମ୍ୟାଚ୍ ଗୁଟିଙ୍ଗିଆ ଫୁଟବଲ୍ ଟିମ୍ ଓ ମଲ୍ଲିକପଡା ଫୁଟବଲ୍ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମଲ୍ଲିକପଡା ଫୁଟବଲ୍ ଟିମ୍ ଗୁଟିଙ୍ଗଗିଆ ଫୁଟବଲ୍ ଟିମ୍ କୁ ୨-୦ ଗୋଲ ରେ ପରାସ୍ତ କରି ଚମ୍ପିୟାନ ହୋଇଥିଲେ। ଏଥିରେ ମ୍ୟାଚ୍ ଟିକୁ ରେଫରି ଭାବରେ ସସାନସୁ ଶେଖର ପ୍ରଧାନ ପରିଚାଳନା କରିଥିବା ବେଳେ ଲାଇନମ୍ୟାନ ଭାବେ ଶୁଭଙ୍କର ବେହେରା ଓ ରାହୁଲ ଦେହୁରୀ ସହଯୋଗ କରିଥିଲେ। ବିଭିନ୍ନ ପ୍ରତିଯୋଗିତରେ ବିଜୟୀ ଓ ଉପ ବିଜେତା ପ୍ରତିଯୋଗି ଓ ଟିମ କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ଟ୍ରଫି ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ବୈଠକରେ ବାଣୀଶ୍ରୀ ଯୁବକ ସଂଘ ଗୁଟିଙ୍ଗିଆ ର ସଭାପତି ଦୀପକ କୁମାର୍ ଦଳବେହେରା ମୁଖ୍ୟ ଅତିଥି, ସମ୍ମାନୀତ ଅତିଥି ଓ ଉପସ୍ଥିତ କ୍ରୀଡ଼ା ପ୍ରେମୀ ମାନଙ୍କୁ ସ୍ୱାଗତ କରିଥିବା ବେଳେ ସମ୍ପାଦକ ଜିତେନ୍ଦ୍ର କୁମାର ଭୋଇ ଧନ୍ୟବାଦ୍ ଅର୍ପଣ କରି ସଭା ସାଙ୍ଗ କରିଥିଲେ ।

# ତୁଳସୀ ମହିଳା ମହାବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

କେନ୍ଦ୍ରାପଡ଼ା, ୩୦/୦୮ (ନି.ପ୍ର): ତୁଳସୀ ମହିଳା ମହାବିଦ୍ୟାଳୟର ସଂସ୍କୃତ ବିଭାଗ ପକ୍ଷରୁ +୩ ପ୍ରଥମ ବର୍ଷ ନବାଗତା ଛାତ୍ରୀମାନଙ୍କର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷା ଡ଼ ପ୍ରମିଳାରାଣୀ ବେହେରା ଯୋଗଦେଇ ପିଲାମାନଙ୍କୁ ନିୟମିତ କ୍ଲାସ କରି ପରୀକ୍ଷାରେ ଉତମ ପ୍ରଦର୍ଶନ କରିବା, ଜୀବନରେ ଜଣେ ଭଲ ମଣିଷ ହେବା ପାଇଁ ଉପଦେଶ ଦେଇଥିଲେ। ସଂସ୍କୃତ ବିଭାଗୀୟ ମୁଖ୍ୟା ଡ଼ ପଦ୍ମଜା କବି ଶତପଥୀ ସଂସ୍କୃତ ବିଭାଗରେ ଅଧ୍ୟୟନ କରି ଭବିଷ୍ୟତରେ କିପରି ପାରଦର୍ଶିତା ଅର୍ଜନ କରିପାରିବେ ତାହା ବ୍ୟକ୍ତ କରିଥିଲେ। ସହଯୋଗୀ ଅଧ୍ୟାପିକା ସୌମ୍ୟକାନ୍ତି ମିତାଶ୍ରୀ ପିଲାମାନଙ୍କୁ ମାର୍ଜିତ, ସଂସ୍କାରୀ ହେବା ପାଇଁ ପରାମର୍ଶ ଦେଇଥିଲେ। ସହଯୋଗୀ ଅଧାପକ ଡ଼ ପ୍ରମୋଦ କୁମାର ସାହୁ ହିତୋପଦେଶ ଗ୍ରନ୍ଥ ମାଧ୍ୟମରେ ପିଲାମାନଙ୍କୁ ବିଭିନ୍ନ ଉପଦେଶ ଦେଇଥିଲେ। ସଂସ୍କୃତ ବିଭାଗର ୨ୟ ଓ ୩ୟ ବର୍ଷର ଛାତ୍ରୀମାନେ ସମସ୍ତ ସହଯୋଗ କରିଥିଲେ। ସର୍ବଶେଷରେ +୩ ୧ମ ବର୍ଷ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ସରକାର ଖଣିଖାଦାନକୁ କମ୍ପାନୀ ହାତକୁ ଟେକି ଦେଉଛନ୍ତି: ସିପିଆଇଏମ୍ ରାଜ୍ୟ ସମ୍ପାଦକ

ମାଲକାନଗିରି, ୩୦/୦୮ (ନି.ପ୍ର): ଖଣିଖାଦାନ ନାମରେ ଓଡ଼ିଶା ସରକାର ଆଦିବାସୀଙ୍କ ମୌଳିକ ଓ ସାମ୍ବିଧାନିକ ଅଧିକାରକୁ କ୍ଷୁଣ୍ଣ କରୁଛନ୍ତି। କମ୍ପାନୀଙ୍କୁ ସରକାର ଅହେତୁକ ଅନୁକମ୍ପା ଦେଖାଇଥିବାରୁ ଜଙ୍ଗଲ ସମ୍ପଦକୁ ନଷ୍ଟ ସହ ଅନେକ ଆଦିବାସୀ ପରିବାରଙ୍କୁ ପିଢି ପିଢି ଧରି ନିଜର କଳା ସଂସ୍କୃତି ଓ ଭିଟାମାଟି ହରାଇବାକୁ ପଡୁଛି । ମାଲକାନଗିରି ଜିଲା ବାଲିମେଳା ଜଳବିଦ୍ୟୁତ୍ ପ୍ରକଳ୍ପ ସମୟରେ ବିସ୍ଥାପିତ ହୋଇଥିବା ଅନେକ ପରିବାରଙ୍କୁ ଅଦ୍ୟାବଧି ଥଇଥାନ କରାଗଲା ନାହିଁ । ଏଭଳି ସ୍ଥଳରେ ପୁନର୍ବାର ସରକାର ମାଲକାନଗିରି ଜିଲାରେ ଥିବା ବିଭିନ୍ନ ଗ୍ରାନାଇଟ ଖଣିକୁ କମ୍ପାନୀ ହାତରେ ଅହେତୁକ ଅନୁକମ୍ପା ଦେଖାଇ ହସ୍ତାନ୍ତର କରିବାକୁ ଚକ୍ରାନ୍ତ କରୁଛନ୍ତି। ପ୍ରଶାସନ ମଧ୍ୟ ସରକାରଙ୍କ ହାତବାରିସି ସାଜି କାର୍ଯ୍ୟ କରୁଥିବା ଅନୁମାନ ହେଉଥିବା ସିପିଆଇଏମ ରାଜ୍ୟ ସମ୍ପାଦକ ଅଲି କିଶୋର ପଟ୍ଟନାୟକ ଅଭିଯୋଗ କରିଛନ୍ତି । କିଛିଦିନ ପୂର୍ବେ ଖଇରପୁଟ ବ୍ଲକର ମାଝିଗୁଡାରେ ହୋଇଥିବା ଜନଶୁଣାଣି ସମ୍ପୂର୍ଣ ଏକତରଫା। ଏହା ପୂର୍ବରୁ ସ୍ଥାନୀୟ ଆଦିବାସୀଙ୍କୁ କୌଣସି ବିରୋଧ ନ କରିବା ପାଇଁ କିଛି ଦଲାଲଙ୍କ ସାହାଯ୍ୟରେ କମ୍ପାନୀ କର୍ତୃପକ୍ଷ ପ୍ରବର୍ତାଇଥିଲେ। ଫଳରେ ଜନସାଧାରଣ ବାଧ ହୋଇ ସମର୍ଥନ ଜଣାଇଥିଲେ। ପୂର୍ବରୁ ମୋଟୁ ଅଂଚଳରେ ବେଆଇନ ଭାବେ କମ୍ପାନୀ ମାଲିକ ଖଣି ଖନନ ନେଇ ଲୋକପାଳରେ ଅଭିଯୋଗ ହୋଇଥିଲା। ଏଥିରେ କମ୍ପାନୀକୁ ଅହେତୁକ ଅନୁକମ୍ପା ଦେଖାଇଥିବା ଜିଲ୍ଲାପାଳଙ୍କୁ ସରକାର ବଦଳି କରି ତାଙ୍କ ନାମରେ ଭିଜିଲାନ୍ସରେ ମାମଲା ରୁଜୁ କରିଥିଲେ। ମାଟେରୁରେ ପ୍ରସ୍ତାବିତ ସିମେଂଟ କାରଖାନା ପାଇଁ ଦୁଇ ଦୁଇ ଥର ଜନଶୁଣାଣି ହୋଇଛି । ସେଠାରେ ମଧ୍ୟ ଶିଳ୍ପ ପାଇଁ ସପକ୍ଷ ଓ ବିପକ୍ଷବାଦୀଙ୍କ ମଧ୍ୟରେ ଛକାପଞ୍ଝା ଚାଲିଛି । ଏଭଳି ସ୍ଥଳରେ ମାଝିଗୁଡା ଗ୍ରାନାଇଟ ପଥର ଖଣିକୁ ନେଇ ବିରୋଧାଭାସ ଦେଖିବାକୁ ମିଳିଛି । ଏକ ତଦନ୍ତରୁ ଜଣାପଡିଛି, ଖଇରପୁଟ ବ୍ଲକର ସଦର ପଂଚାୟତ ମାଝିଗୁଡା ସମ୍ବଳିତ ପଥରଖଣି ସମୂହରୁ ବାର୍ଷିକ ୪୦୧୭୮ ମିଟର ପଥର ଉତ୍ପାଦନ ନିମନ୍ତେ ଲକ୍ଷ୍ୟ ରଖାଯାଇଥିବା ବେଳେ ଏଥିମଧ୍ୟରୁ ୪୦୧୭୮ ଘନ ମିଟର ଜମି ବିକ୍ରି ଯୋଗ୍ୟ। ଶୋଭା ବର୍ଦ୍ଧନ ପଥର ଓ ଅବଶିଷ୍ଟ ୧ ଲକ୍ଷ ୬୦ ହଜାର ୭୧୨ ଘନ ମିଟର ବର୍ଜ୍ୟବସ୍ତୁ ଥିବା ବେଳେ ଭୁବନେଶ୍ୱରୀ ଗ୍ରାନାଇଟ ନାମକ ଏହି କମ୍ପାନୀ ଆଗାମୀ ୩୦ ବର୍ଷ ପାଇଁ ଓ କେପିକେ ଗ୍ରାନାଇଟ ମଧ୍ୟ ୩୦ ବର୍ଷ ପାଇଁ ଲିଜ ନେଇଛନ୍ତି। ପୂର୍ବରୁ ଏହି ଖଣିକୁ ଅଂଚଳବାସୀ ବିରୋଧ କରି ଆନ୍ଦୋଳନ ମଧ୍ୟ କରିଥିଲେ। ଆଦିମ ବଣ୍ଡା ଜନଜାତି ବସବାସ କରୁଥିବା ଏହି ଅଂଚଳରେ ପବିତ୍ର ଅମାକୁଣ୍ଡ ଯାହାକି ପୁରାଣ ବର୍ଣ୍ଣିତ ରହିଛି । ଖଣିଖନନ ହେଲେ ସେହି ସ୍ଥାନଟି କ୍ଷତିଗ୍ରସ୍ତ ହେବା ନେଇ ଆଶଙ୍କା କରି ଖଣିକୁ ଜୋରଦାର ବିରୋଧ କରାଯାଇଥିବା ବେଳେ ବର୍ତମାନ ସବୁ ଓଲଟପାଲଟ ହୋଇଯାଇଛି । ଜଣେ ମଧ୍ୟ ବିରୋଧୀ ଜନ ଶୁଣାଣିରେ ଉପସ୍ଥିତ ରହିଲେ ନାହିଁ। ଏକ ତରଫା ଭାବେ ସେହି କାର୍ଯ୍ୟକ୍ରମ ହୋଇଥିଲା। କମ୍ପାନୀ ନିଜ ସପକ୍ଷରେ ଲୋକଙ୍କୁ ଆକୃଷ୍ଟ କରିବା ବିଭିନ୍ନ ଲୋଭନୀୟ ପ୍ୟାକେଜ ଘୋଷଣା କରିଥିଲା । ବାୟୁ ପ୍ରଦୂଷଣ ରୋକିବା ନିମନ୍ତେ ସମସ୍ତ ପ୍ରକାର ପଦକ୍ଷେପ ନିଆଯିବ, ୫ ଗୁଣ ଅଧିକ ଚାରାରୋପଣ କରାଯିବ, ପାଣି ଢାଳି ମାଇନ୍ସରେ ବିସ୍ଫୋରଣ କରାଯିବ, ଭୂପୃଷ୍ଠ ଓ ଭୂ ଗର୍ଭ ଜଳର ନିୟମିତ ପରୀକ୍ଷା, ୩୧୫ ଜଣଙ୍କୁ ନିଯୁକ୍ତି ସୁଯୋଗ, ମୁକ୍ତ ଆକାଶ ଖନନ ପ୍ରକ୍ରିୟାରେ ପଥର କାଟିବା ଭଳି ବହୁ ଚୁକ୍ତି ବାଢିଥିବା ବେଳେ ନିରୀହ ଆଦିବାସୀ ଏ ସମ୍ପର୍କରେ ସଚେତନ ନ ଥିବାରୁ କମ୍ପାନୀର ସମସ୍ତ ସର୍ତ ପୂରଣ ହେବ ବୋଲି ଆଶା ରଖିଛନ୍ତି। ବାସ୍ତବ କ୍ଷେତ୍ରରେ କିନ୍ତୁ ମୋଟୁ ଓ ଅନ୍ୟାନ୍ୟ ଅଂଚଳରେ ଥିବା ଗ୍ରାନାଇଟ ଖଣି ଖନନ ସମୟରେ କମ୍ପାନୀ ଦେଇଥିବା ପ୍ରତିଶ୍ରୁତିର ଅଧାରୁ ଅଧିକ ପାଳନ କରୁ ନ ଥିଲା । ମାଲିଗୁଡା ଖଣି ଖନନକୁ ନେଇ ଦାୟିତ୍ୱ ନେଇଥିବା କମ୍ପାନୀ ନିଜ ପ୍ରତିଶ୍ରୁତି କେତେଦୂର ପାଳନ କରିବ ତାହା ସମୟ କହିବ ବୋଲି ଆଲୋଚନା ହେଉଛି। ଏନେଇ ଅତିରିକ୍ତ ଜିଲାପାଳ ତ୍ରିନାଥ ମାଝିଙ୍କୁ ପଚାରିବାରୁ ରାଜ୍ୟ ପ୍ରଦୂଷଣ ବୋର୍ଡର କର୍ମକର୍ତାଙ୍କ ଉପସ୍ଥିତିରେ ମାଝିଗୁଡ଼ା ଜନ ଶୁଣାଣି କରାଯାଇଥିଲା । ଏଥିରେ କମ୍ପାନୀ ସପକ୍ଷରେ ୧୨ ଜଣ ନିଜର ମତ ଦେଇଥିଲେ । ଆଗାମୀ ଦିନରେ ପ୍ରଶାସନ ସମସ୍ତ ବିଷୟ ତର୍ଜମା କରି ନିଷ୍ପତି ନେବ ବୋଲି ସେ କହିଛନ୍ତି। ଆଗାମୀ ୪ ତାରିଖ ସିପିଆଇଏମ ରାଜ୍ୟ ସମ୍ପାଦକ ଶ୍ରୀ ପଟ୍ଟନାୟକ ମାଲକାନଗିରି ଗସ୍ତ କରି ବାସ୍ତବ ସ୍ଥିତି ପରିକ୍ଷା। ଓ ଆଦିବାସୀଙ୍କ ମୌଳିକ ଅଧିକାର ଯେପରି କ୍ଷୁଣ୍ଣ ହେବନି, ସେମାନଙ୍କ ଜୀବନ ଜୀବିକା, ପରିବେଶକୁ ଯେପରି ପ୍ରଭାବ ନ ପଡେ ସେଥିପାଇଁ ପଦକ୍ଷେପ ନେବେ ବୋଲି ସେ ପ୍ରକାଶ କରିଛନ୍ତି।

## ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ସୋରଡା, ଗଞ୍ଜାମ

### ବାର୍ତ୍ତା

ପବିତ୍ର ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ସୋରଡାବାସୀଙ୍କୁ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ଅଭିନନ୍ଦନ ଜଣାଇବା ସହିତ ସହରକୁ ସଫାସୁତୁରା ଏବଂ ଏହାର ସର୍ବାଙ୍ଗୀନ ଉନ୍ନତି ପାଇଁ ନିମ୍ନଲିଖ ବିଷୟ ଉପରେ ସହଯୋଗ କରିବା ପାଇଁ ନିବେଦନ ।

୧. ନିଜ ଗୃହ / ଦୋକାନ / ଅନୁଷ୍ଠାନର ୫ ମି. ପରିଧି ମଧ୍ୟକୁ ସର୍ବଦା ସଫା ରଖିବେ ।

୨. ନିଜ ଗୃହ / ଦୋକାନ/ ଅନୁଷ୍ଠାନରେ ଚାରୋଟି ଡଷ୍ଟବିନ୍ ସର୍ବଦା ବ୍ୟବହାର କରିବେ।

୩. ନୂତନ ଗୃହ ନିର୍ମାଣ ପୂର୍ବରୁ ଏନ୍.ଏ.ସି.ର ଅନୁମୋଦନ ନିତାନ୍ତ ଅପରିହାର୍ଯ୍ୟ । ତେଣୁ ଉକ୍ତ ନିୟମକୁ ନିଶ୍ଚୟ ପାଳନ କରନ୍ତୁ ।

୪. ବିଜ୍ଞାପିତ ଅଞ୍ଚଳ ପରିଷଦ ଦ୍ୱାରା ଧାର୍ଯ୍ୟ ଗୃହ ଟିକସ / ଟ୍ରେଡ ଲାଇସେନ୍ସ/ ପରିମଳ ବ୍ୟବହାରିକ ଦେୟ(ମାସିକ ଟ ୩୦.୦୦ଙ୍କ) ଠିକ୍ ସମୟରେ ପୈଠ କରିବେ ।

୫. ପରିଷଦ ଦ୍ୱାରା ନିର୍ମାଣ ହେଉଥିବା ବା ହେବାକୁ ଥିବା ନାଳ, ରାସ୍ତା ଓ ବିଭିନ୍ନ ସରକାରୀ ଗୃହ କାର୍ଯ୍ୟକୁ ଅବରୋଧ ନ କରି ନିର୍ମାଣ କାର୍ଯ୍ୟରେ ସହଯୋଗ କରିବେ।

୬. ଏକକ ବ୍ୟବହୃତ ପଲିଥନ ଓ ପ୍ଲାଷ୍ଟିକ୍ ବ୍ୟବହାରକୁ ସମ୍ପୂର୍ଣ ବର୍ଜନ କରିବେ ।

୭. ସେପଟିକ୍ ଟ୍ୟାଙ୍କର ବ୍ୟବହାର ଏବଂ ପ୍ରତି ୩ ବର୍ଷରେ ଥରେ ସେପଟିକ୍ ଟ୍ୟାଙ୍କକୁ ପରିଷଦର **Cesspool** ବାହନ ଦ୍ୱାରା ସଫା ରଖିବା ।

୮. ମୁଖ୍ୟମନ୍ତ୍ରୀ କର୍ମତପର ଯୋଜନା (ମୁକ୍ତା)ରେ ମିଶନ ଶକ୍ତି ଗୋଷ୍ଠୀ ମଧ୍ୟମରେ ସହରରେ ଚାଲୁରହିଥିବା ସୌନ୍ଦର୍ଯ୍ୟକରଣ ଓ ରୂପାନ୍ତରଣ ପ୍ରକ୍ରିୟାରେ ସହଯୋଗ କରିବା ।

-ସ୍ୱା/-
କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଂଚଳ ପରିଷଦ, ସୋରଡ଼ା

-ସ୍ୱା/-
ଅଧ୍ୟକ୍ଷା
ବିଜ୍ଞାପିତ ଅଂଚଳ ପରିଷଦ, ସୋରଡ଼ା

N.A.C, Digapahandi, Gm.

# ସ୍ୱାୟତ୍ତ ଶାସନ ଦିବସ-୨୦୨୩ ଉପଲକ୍ଷେ ଅଭିନନ୍ଦନ ଓ ଶୁଭେଚ୍ଛା ବାର୍ତ୍ତା

## ବିଜ୍ଞାପିତ ଅଞ୍ଚଳ ପରିଷଦ, ଦିଗପହଣ୍ଡି (ଗଞ୍ଜାମ)

୧. ଠିକ୍ ସମୟରେ ପରିଷଦର ସମସ୍ତ ଟିକସ ପୈଠ କରନ୍ତୁ ।
୨, ପଲିଥିନର ବ୍ୟବହାରରୁ ନିବୃତ ରହନ୍ତୁ ।
୩. ପରିଷଦର ବିନାନୁମତିରେ ନୂତନ ଗୃହ ନିର୍ମାଣ କରନ୍ତୁ ନାହିଁ । ଗୃହ ନକ୍ସା(**Building Plan**)ଅନୁମୋଦନ କରି ଗୃହ ନିର୍ମାଣ କରନ୍ତୁ ।
୪. ନାଳ ନର୍ଦ୍ଦମାରେ ଅଳିଆ ଆବର୍ଜନା ପକାନ୍ତୁ ନାହିଁ ଏବଂ ନିୟମିତ ଡଷ୍ଟବିନ ବ୍ୟବହାର କରନ୍ତୁ।
୫. ଖୋଲା ସ୍ଥାନରେ ମଳତ୍ୟାଗ କରନ୍ତୁ ନାହିଁ ।
୬. ଜନ୍ମ ମୃତ୍ୟୁ ଏବଂ ହିନ୍ଦୁ ବିବାହ ଅଇନ ପଞ୍ଜୀକରଣ ଠିକ୍ ସମୟରେ କରାଇ ନିଅନ୍ତୁ ।
୭. ଗାଈ ଗୋରୁ ଓ ଗୃହପାଳିତ ପ୍ରାଣୀଙ୍କୁ ସର୍ବସାଧାରଣ ରାସ୍ତାକୁ ଛାଡ଼ନ୍ତୁ ନାହିଁ ।
୮. ଦିଗପହଣ୍ଡି ସହରର ପ୍ରତ୍ୟେକ ବ୍ୟବସାୟୀ ପରିଷଦରଠାରୁ ନିଜର ଟ୍ରେଡ ଲାଇସେନସ୍ କରାଇ ନିଅନ୍ତୁ ।
୯. ବୃକ୍ଷରୋପଣ କରନ୍ତୁ ଏବଂ ଏହାର ସଠିକ ଭାବେ ଯତ୍ନ ନିଅନ୍ତି । ସ୍ୱଚ୍ଛ, ସବୁଜ ସୁନ୍ଦର ପ୍ରଦୂଷଣ ମୁକ୍ତ ପରିବେଶ ଭାବେ ସହରକୁ ଗଢିତୋଳିବାରେ ସହାୟକ ହୁଅନ୍ତୁ ।
୧୦. ପରିମଳ କାର୍ଯ୍ୟକ୍ରମକୁ ସୁଦୃଢ ନିମନ୍ତେ ଦୁଇଟି ଡଷ୍ଟବିନ୍ ଠିକ୍ ଭାବେ ବ୍ୟବହାର କରନ୍ତୁ ଏବଂ ଗୃହର ମଇଳାକୁ ସଚ୍ଛତା ରଥରେ ଦିଅନ୍ତୁ ଏବଂ ନିଜ ଘରର ୫ ମିଟର ପରିସର ସଫା ରଖନ୍ତୁ । ପରିମଳ କର୍ମଚାରୀ ତଥା ସ୍ୱଚ୍ଛସାଥି ଭଉଣୀମାନଙ୍କୁ ସଦା ସର୍ବଦା ସହଯୋଗ କରନ୍ତୁ ।

"ମୋ ସଚ୍ଛ, ସବୁଜ ସୁନ୍ଦର ଦିଗପହଣ୍ଡି, ମୋ ସ୍ୱାଭିମାନ"

ଶ୍ରୀଯୁକ୍ତ ପ୍ରମୋଦ କୁମାର ପାଢୀ
(ଓ.ଆର.ଏସ)
କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ,ଦିଗପହଣ୍ଡି

ଶ୍ରୀଯୁକ୍ତ ପ୍ରଫୁଲ୍ଲ ପଣ୍ଡା
(ଅଧ୍ୟକ୍ଷ)
ବିଜ୍ଞାପିତ ଅଞ୍ଚଳ ପରିଷଦ,ଦିଗପହଣ୍ଡି

# ରାଉରକେଲା ମହାନଗର ନିଗମ ରାଉରକେଲା

## ସ୍ୱାୟତ୍ତ ଶାସନ ଦିବସ-୨୦୨୩ ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା

### ସ୍ୱଚ୍ଛ, ସୁସ୍ଥ ଓ ପ୍ଲାଷ୍ଟିକ ମୁକ୍ତ ରାଉରକେଲା ପାଇଁ ଆପଣଙ୍କ ସହଯୋଗ ଏକାନ୍ତ କାମ୍ୟ

☛ରାଉରକେଲା ସ୍ୱଚ୍ଛ ସର୍ବେକ୍ଷଣ ୨୦୨୨ରେ ଆମେ ସାରା ଦେଶର ୪୫ନଂ ସ୍ଥାନରେ ଥିଲୁ । ପୂର୍ବରୁ **ODF++** ମାନ୍ୟତା ପାଇସାରିଛୁ । **GFC** ରାଙ୍କିଙ୍ଗ୍‌ରେ ପୂର୍ବରୁ ୱାନ ଷ୍ଟାର ପାଇଥିବା ବେଳେ ଏଥର ଫାଇଭ୍ ଷ୍ଟାର ପାଇବା ପାଇଁ ପ୍ରୟାସ କରୁଛି । ଆମ ରାଉରକେଲା ଏଥର ସ୍ୱଚ୍ଛ ସର୍ବେକ୍ଷଣ ୨୦୨୩ରେ ଭାଗ ନେଉଛି । ନିଜ ସ୍ମାର୍ଟ ଫୋନ୍‌ରେ **QR Code Scan** କରି କିମ୍ୱା **My Gov App / Vote for your City App/Swachhata App/sbmurban.org/feedback** କୁ ଯାଇ ସେଠାରେ ଆମ ସହର ରାଉରକେଲା ପାଇଁ ଭୋଟ କରନ୍ତୁ । ଆମ ସହର ପାଇଁ ଭୋଟ କରିବା-ସ୍ୱଚ୍ଛ ସର୍ବେକ୍ଷଣ-୨୦୨୩ରେ ରାଉରକେଲାକୁ ଶୀର୍ଷରେ ରଖିବା ।

☛ଗୃହ ତଥା ବ୍ୟବସାୟିକ ପ୍ରତିଷ୍ଠାନର ଆବର୍ଜନାକୁ ପୃଥକ କରି ଓଦା ଅବା ଆବର୍ଜନାକୁ ସବୁଜ ରଙ୍ଗର ଡଷ୍ଟବିନ ଓ ଶୁଖିଲା ଆବର୍ଜନାକୁ ନୀଳ ରଙ୍ଗର ଡଷ୍ଟବିନରେ ପକାନ୍ତୁ ଏବଂ ନିଗମ ଦ୍ୱାରା ନିୟୋଜିତ ସଫେଇ କର୍ମଚାରୀଙ୍କୁ ହିଁ ପ୍ରଦାନ କରନ୍ତୁ ।

☛ଆକାର ତଥା ମୋଟେଇ ବିଶିଷ୍ଟ ପ୍ଲାଷ୍ଟିକ/ ପଲିଥିନ କ୍ୟାରିବାଗ ଏବଂ ନିଷିଦ୍ଧ ପ୍ଲାଷ୍ଟିକ୍ ତଥା ଥର୍ମୋକୁଲ ନିର୍ମିତ କପ, ଗ୍ଲାସ, ପ୍ଲେଟ ଏବଂ ସାଜସଜ୍ଜା ସାମଗ୍ରୀର ବ୍ୟବହାରକୁ ମହାନଗର ନିଗମ ଅଞ୍ଚଳରେ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି । ନିୟମ ଉଲଂଘନକାରୀଙ୍କ ନିମନ୍ତେ ଜୋରିମାନା ବ୍ୟବସ୍ଥା ରହିଛି, ତେଣୁ ଏହାର ବ୍ୟବହାରରୁ ଦୁରେଇ ରୁହନ୍ତୁ ପଲିଥିନ ବର୍ଜନ କରି ପରିବେଶକୁ ନିରାପଦ ରଖନ୍ତୁ ।

☛ମହାନଗର ନିଗମ ସମ୍ପର୍କିତ ଯେ କୌଣସି ଅଭିଯୋଗ ଯଥା ସ୍ୱଚ୍ଛତା, ଟାକ୍ସ, ବିବାହ ପଞ୍ଜିକରଣ, ଷ୍ଟ୍ରିଟ ଲାଇଟ, ଗୃହ ନକ୍ସା ଅନୁମୋଦନ **(Building Plan Approval)** ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପାର୍କ, ରାସ୍ତା, ଡ୍ରେନ, ପେନସନ, ପାଇଖାନା ଟାଙ୍କି ସଫେଇ ଇତ୍ୟାଦି ସମ୍ପର୍କରେ ନିଗମର ଟୋଲ ଫ୍ରି ନମ୍ବର ୧୮୦୦-୩୪୫-୭୪୬୮ରେ ଜଣାନ୍ତୁ। ସେହିପରି ସ୍ୱଚ୍ଛତା ସମ୍ପର୍କିତ ଯେ କୌଣସି ଅଭିଯୋଗକୁ ସ୍ୱଚ୍ଛତା **(Swachhata Mohua)** ଆପ ଜରିଆରେ ଜଣାନ୍ତୁ । ଏହାଦ୍ୱାରା ଆପଣଙ୍କ ସମସ୍ୟାର ସମାଧାନ ଶୀଘ୍ର ସମ୍ଭବ ହୋଇପାରିବ।

☛ସୁଯୋଗ ପୋର୍ଟାଲ ମାଧ୍ୟମରେ ବିଭିନ୍ନ ସେବା ଯଥା ଗୃହ ଟିକସ ପୈଠ, ବାଣିଜ୍ୟ ଅନୁମତି ପତ୍ର, ବିବାହ ପଞ୍ଜିକରଣ, ଗୃହ ନକ୍ସା ଅନୁମୋଦନ, ଜଳ ଟିକସ ପୈଠ, ଜନ ଅଭିଯୋଗ ଇତ୍ୟାଦି ସେବା ଯୋଗଇ ଦିଆଯାଉଅଛି। ହୋଲଡିଂ ଟିକସକୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ପୈଠ କରନ୍ତୁ ।

☛ରାଉରକେଲା ମହାନଗର ଅଞ୍ଚଳର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ସହଭାଗୀ ହୁଅନ୍ତୁ ଏବଂ ସରକାରୀ ସଠିକ ରକ୍ଷଣାବେକ୍ଷଣ କରନ୍ତୁ ।

ଆୟୁକ୍ତ
ରାଉରକେଲା ମହାନଗର ନିଗମ

# ୫୭ ରାଜ୍ୟ ରାଜପଥରେ ଡମ୍ଫର ଧକ୍କାରେ ସାଇକେଲ ଆରୋହୀ ମୃତ : ଡମ୍ଫର ଚମ୍ପଟ

ଜଳେଶ୍ୱର , ୩୦/୦୮ (ନି.ପ୍ର): ଜଳେଶ୍ୱର ଥାନା ଅନ୍ତର୍ଗତ ଜଳେଶ୍ୱର ପୌରପାଳିକାର ପଂଚାଘଣ୍ଟା ଗାଁର ହେମନ୍ତ ସିଂ ଚନ୍ଦନେଶ୍ୱର ଅଭିମୁଖେ ଗଲାବେଳେ ତାଙ୍କ ସାଇକେଲକୁ ଆମ୍ବଳିଅଠା ଛକଠାରେ ଏକ ଅଜଣା ଡମ୍ଫର ଧକ୍କା ଦେବାରୁ ଘଟଣାସ୍ଥଳରେ ତାର ମୃତ୍ୟୁ ଘଟିଛି ।

ଘଟଣାରୁ ପ୍ରକାଶ, ଗତ ସୋମବାର ଶ୍ରାବଣ ପୂର୍ଣ୍ଣିମା ଥିବାରୁ ଜଳାଭିଷେକ ନିମନ୍ତେ ହେମନ୍ତଙ୍କ ସ୍ତ୍ରୀ ଚନ୍ଦନେଶ୍ୱର ମନ୍ଦିର ଅଭିମୁଖେ ଯାଇଥିଲେ । ସକାଳେ ମନ୍ଦିରରେ ପୂଜାର୍ଚ୍ଚନା ଲାଗି ହେମନ୍ତ ଓ ତାଙ୍କ ସାନଝିଅ ଏକ ସାଇକେଲରେ ରାତି ୩ଟାରେ ଘରୁ ବାହାରିଥିଲେ । କିନ୍ତୁ ବିଧିର ବିଧାନ ଥିଲା ଭିନ୍ନ । ଆମ୍ବଳିଅଠା ଛକଠାରେ ଝିଅକୁ ସାଇକେଲରୁ ଓହ୍ଲାଇ ଦେଇ ହେମନ୍ତ ହମ୍ପସ ପାରି ହେଉଥିଲେ । ଏକ ଅଜଣା ଡମ୍ଫର ସାଇକେଲକୁ ଧକ୍କା ଦେବାରୁ ହେମନ୍ତଙ୍କ ଉପରେ ଚଢିଯାଇଥିଲା । ଡ୍ରାଇଭର ତତକ୍ଷଣାତ୍ ଗାଡିସହ ଫେରାର ହୋଇଥିଲେ । ସ୍ଥାନୀୟଲୋକେ ଏହା ଦେଖି ଜଳେଶ୍ୱର ପୁଲିସ୍‌କୁ ଖବର ଦେବାରୁ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଶବବ୍ୟବଚ୍ଛେଦ କରି ତଦନ୍ତ ଜାରି ରଖିଛି । ସୂଚନାଯୋଗ୍ୟ ସେଠାରେ ପୁଲିସ୍ ପେଟ୍ରୋଲିଂ ହେଉଥିବା ବେଳେ ଡମ୍ଫଟି ଘଟଣା ଘଟାଇ କିପରି ଫେରାର ହେଲାବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# ବିଜ୍ଞାପିତ ଅଞ୍ଚଳ ପରିଷଦ, ଗୋପାଳପୁର

ପବିତ୍ର ସ୍ୱାୟତ୍ତ ଶାସନ ଦିବସ ୨୦୨୩ ଉପଲକ୍ଷେ ସମସ୍ତ ଜନସାଧାରଣଙ୍କୁ ପରିଷଦର ପରିବାର ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛୁ। ଏହି ଅବସରରେ ଆସନ୍ତୁ ସମସ୍ତେ ମିଳିମିଶି ସଂକଳ୍ପ ନେବା।

●ଆମ ସହରକୁ ଆମେ ଗଢିବା ଓ ସୁନ୍ଦର ରଖିବା ।
●ପରିଷଦର ଟିକସ ଠିକ ସମୟରେ ପୈଠ କରି ପରିଷଦର ଆର୍ଥିକ ମେରୁଦଣ୍ଡକୁ ସୁଦୃଢ କରିବା ।
●ସମୁଦ୍ରରେ ଗାଧୋଇବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ ।
●ପରିବେଶ ଓ ସମୁଦ୍ର କୁଳକୁ ସର୍ବଦା ସଫାସୁତୁରା ରଖନ୍ତୁ । ପଲିଥିନ ବ୍ୟବହାର କରିବା ନାହିଁ ।
●ଖୋଲାରେ ଶୌଚ କରନ୍ତୁ ନାହିଁ ଓ ଶୌଚାଳୟ ବ୍ୟବହାର କରନ୍ତୁ ।


ଶ୍ରୀ ମାନସ ରଞ୍ଜନ ମଲ୍ଲିକ
ନିର୍ବାହୀ ଅଧିକାରୀ


ଶ୍ରୀ ଜାନକୀ ରାମ
ଅଧକ୍ଷ


ଶ୍ରୀମତା ବି ଉମା
ଉପାଧ୍ୟକ୍ଷା

ସଭ୍ୟ ସଭ୍ୟା ବୃନ୍ଦ

ଶ୍ରୀ ଏସ. ବିରେନ କୁମାର
ଶ୍ରୀ ରତନି କୁମାରୀ ନାୟକ
ଶ୍ରୀ ବି. ଗୋପାଳ କ୍ରୀଷ୍ଣା
ଶ୍ରୀମତୀ କଳ୍ପନା ବେହେରା
ଶ୍ରୀମତୀ ନିର୍ମଳା କୁଜୁର
ଶ୍ରୀମତୀ ସୁନିତା ସାହୁ
ଶ୍ରୀମତୀ ଏମ୍ କାମେଶ୍ୱରୀ
ଶ୍ରୀ ଜି. ମୋହନ ରାଓ
ଶ୍ରୀ କେ. କାଳେଶୁ

# ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ବାଲେଶ୍ୱର ପୌରପାଳିକା ସମସ୍ତ ସାହାରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଅଛି

## ତା . ୩୧.୦୮.୨୦୨୩ ବାଲେଶ୍ୱର ସହରର ସର୍ବାଙ୍ଗୀନ ବିକାଶ ଆମର ଲକ୍ଷ୍ୟ

୧ । ପୌର ସମ୍ପତ୍ତି ଆପଣ ମାନଙ୍କ ସମ୍ପତ୍ତି ଏହାର ରକ୍ଷଣା ବେକ୍ଷଣ ଦାୟିତ୍ୱ ଆପଣଙ୍କର ।
୨ । ରାସ୍ତା ବା ଡ୍ରେନରେ ଅଳିଆ ଆବର୍ଜନା ପକାନ୍ତୁ ନାହିଁ ।
୩ । ସରକାରୀ ଜମି ରାସ୍ତା ଏବଂ ଡ୍ରେନ ଆଦି ଅବରୋଧ କରି ସର୍ବ ସାଧାରଣ ଯାତାୟତରେ ଅସୁବିଧା ସୃଷ୍ଟି କରନ୍ତୁ ନାହିଁ ।
୪ । ସର୍ବ ସାଧାରଣ ସ୍ଥାନରେ ବା ରାସ୍ତା ଘାଟରେ ଗୃହ ପାଳିତ ପଶୁ ମାନଙ୍କୁ ଛାଡି ଜନସାଧାରଣଙ୍କ ଯାତାୟତରେ ଓ ଚଳ ପ୍ରଚଳରେ ପ୍ରତିବନ୍ଧକ ସୃଷ୍ଟି କରନ୍ତୁ ନାହିଁ ।
୫ । ଗୃହ ନିର୍ମାଣ ପୂର୍ବରୁ ପୌରପାଳିକାରୁ ନକ୍ସା ଅନୁମୋଦନ କରାଇ ନିଅନ୍ତୁ ।
୬ । ଜଳ ନିଷ୍କାସନ ଡ୍ରେନରେ କରନ୍ତୁ ଓ ରାସ୍ତାକୁ ସଫା ରଖନ୍ତୁ ।
୭ । ନିୟମିତ ଘର ଟିକସ ଦୋକାନ ଲାଇସେନ୍ସ ଫି ଓ ପୌରପାଳିକା ଦୋକାନ ଗୃହ ଭଡା ପଇଠ କରି ପୌରପାଳିକା ଅର୍ଥନୈତିକ – ପ୍ରଗତିରେ ସହାୟକ ହୁଅନ୍ତୁ ।
୮ । ନିଜ ବାସଗୃହ ପରିସରକୁ ସଫା ରଖି ଭୂତାଣୁ ଜନିତ ରୋଗ ପ୍ରତି ସତର୍କ ରୁହନ୍ତୁ ।
୯ । ବ୍ୟବସାୟ ପ୍ରତିଷ୍ଠାନ ଓ ବାସଗୃହମାନଙ୍କୁ ବାହାରୁଥିବା ନିର୍ଗତ ଓଦା ଅଳିଆ ଓ ଶୁଖା ଅଳିଆ ଏଣେ ତେଣେ ନ ପକାଇ ପ୍ରତ୍ୟେକ ୱାର୍ଡ଼କୁ ଯାଉଥିବା ସ୍ୱଚ୍ଛ ସବାରୀରେ ଅଲଗା କରି ଦିଅନ୍ତୁ ।
୧୦ । ବାଲେଶ୍ୱର ପୌରପାଳିକା ଅଞ୍ଚଳକୁ ଆବର୍ଜନା ମୁକ୍ତ କରନ୍ତୁ ।
୧୧ । ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ / ଅନୁଷ୍ଠାନ ପରିସର ୫ ମିଟର ପରଧିରେ ନିଜେ ପରିଷ୍କାର କରନ୍ତୁ ।

ଆପଣଙ୍କ ନିରନ୍ତର ସେବାରେ ବାଲେଶ୍ୱର ପୌରପାଳିକା

ଶ୍ରୀ ଚୌହାନ କୁନାଲ ମୋତିରାମ,
(ଭା.ପ୍ର.ସେ.)
ଉପଜିଲ୍ଲାପାଳ ତଥା
କାର୍ଯ୍ୟ ନିର୍ବାହୀ ଅଧିକାରୀ,
ବାଲେଶ୍ୱର ପୌରପାଳିକା

ଶ୍ରୀ କୈଳାଶ ଚନ୍ଦ୍ର ସେଠୀ
(ଉପାଧ୍ୟକ୍ଷ )
ସମସ୍ତ ପାରିଷଦ ବୃନ୍ଦ,
ବାଲେଶ୍ୱର ପୌରପାଳିକା

ଶ୍ରୀମତୀ ସବିତା ସାହୁ
ଅଧ୍ୟକ୍ଷା
ବାଲେଶ୍ୱର ପୌରପାଳିକା

ବ୍ରହ୍ମପୁର ମହାନଗର ନିଗମ

# ବ୍ରହ୍ମପୁର ମହାନଗର ନିଗମ

## ସର୍ବସାଧାରଣଙ୍କ ସକାଶେ ଜରୁରୀ ପରାମର୍ଶ

DO

(୧) ଆପଣଙ୍କ ଘର/ ଅନୁଷ୍ଠାନର ଓଦା ବର୍ଜ୍ୟବସ୍ତୁକୁ ସାଗୁଆ ରଙ୍ଗର ଡଷ୍ଟବିନରେ ଏବଂ ଶୁଖିଲା ବର୍ଜ୍ୟବସ୍ତୁକୁ ନୀଳ ରଙ୍ଗର ଅଲଗା ଅଲଗା କରି ରଖନ୍ତୁ ଏବଂ ଦୈନିକ ମହାନଗର ନିଗମ ପ୍ରଦତ୍ତ ଆବର୍ଜନା ସଂଗ୍ରହ କରି ଯାନରେ ପକାନ୍ତୁ।
(୨) ପ୍ରାଧିକୃତ ବ୍ୟକ୍ତିଙ୍କୁ କିମ୍ୱା ଆମ ସହର ମୋବାଇଲ ଆପ୍ଲିକେସନ ମାଧ୍ୟମରେ ବର୍ଜ୍ୟବସ୍ତୁ ସଂଗ୍ରହ ପାଇଁ ଉପଭୋକ୍ତା ଦେୟ ପ୍ରଦାନ କରନ୍ତୁ।
(୩) ବର୍ଜ୍ୟବସ୍ତୁ ଉତ୍ପାଦନକୁ କମ୍ କରନ୍ତୁ।
(୪) ସେପଟିକ୍ ଟ୍ୟାଙ୍କ ସହିତ ଶୌଚାଳୟକୁ ସଂଯୋଗ କରନ୍ତୁ ଏବଂ ଏହାକୁ ତିନି ବର୍ଷରେ ଥରେ ସଫା କରନ୍ତୁ।
(୫) ଅତି କମରେ ନିଜର ୫ ମିଟର ପରିସର ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖନ୍ତୁ।

Don't Do

(୧) ଗୋଟିଏ ଡଷ୍ଟବିନରେ ଅଳିଆ ମିଶ୍ରଣ କରନ୍ତୁ ନାହିଁ।
(୨) ପରିମଳ ବର୍ଜ୍ୟବସ୍ତୁ ଏବଂ ଘରୋଇ ବିପଜ୍ଜନକ ବର୍ଜ୍ୟବସ୍ତୁରୁ ଅନ୍ୟ ବର୍ଜ୍ୟବସ୍ତୁ ସହିତ ମିଶ୍ରଣ କରନ୍ତୁ ନାହିଁ।
(୩) ବାଲକୋନି/ ଝରକାରୁ ଅଳିଆ ପକାନ୍ତୁ ନାହିଁ।
(୪) ଶୌଚାଳୟକୁ ନାଳ ସହ ସଂଯୋଗ କରନ୍ତୁ ନାହିଁ।
(୫) ନିଜର ୫ ମିଟର ପରିସରକୁ ଅପରିଷ୍କାର କରନ୍ତୁ ନାହିଁ।
(୬) ପ୍ଲାଷ୍ଟିକ ବହନ ବ୍ୟାଗ, କପ୍, ପ୍ଲାଷ୍ଟକ ଚାମଚ, ଥରମୋକଲ ଇତ୍ୟାଦି ବ୍ୟବହାର କରନ୍ତୁ ନାହିଁ।
(୭) ଟାୟାର, ଗମଲା, ଘରୋଇ ବସ୍ତୁ ଇତ୍ୟାଦିରେ ଦିନ ଦିନ ବ୍ୟାପି ପାଣି ଜମା ହେବାକୁ ଦିଅନ୍ତୁ ନାହିଁ।

ବ୍ରହ୍ମପୁର ମହାନଗର ନିଗମର ଅନଲାଇନ୍ ସୁବିଧା ସକାଶେ ଆପ୍ ବ୍ୟବହାର କରନ୍ତୁ

(୧) ସେପ୍ଟିକ ଟ୍ୟାଙ୍କ ସଫା :- ୧୪୪୨୦ କିମ୍ୱା ୧୮୦୦୩୪୫୬୭୯୬କୁ କଲ କରି ସେପ୍ଟିକ ଟ୍ୟାଙ୍କ ସଫା କରନ୍ତୁ ।
(୨) **Sujog portal** (ସୁଯୋଗ ପୋର୍ଟାଲ୍) ମାଧ୍ୟମରେ ସେପ୍ଟିକ ଟ୍ୟାଙ୍କ ସଫା କରିବା ପାଇଁ ପଞ୍ଜିକରଣ କରିପାରିବେ ।
(୩) ବିବାହ ପଞ୍ଜିକରଣ :- **Sujog.odisha.gov.in** ମାଧ୍ୟମରେ **Citizen Portal**କୁ ଯାଇ **Marriage Registation** ପାଇଁ ଆବେଦନ କରିବପାରିବେ ।
(୪) ଗୃହ ଟିକସ : - ଗୃହ ଟିକସ (**House Tax**) ପାଇଁ **text.bemconline.in site**କୁ ଯାଇ ଅନ୍‌ଲାଇନ ଟିକସ ଜମା କରିପାରିବେ ଏବଂ ପୂର୍ବରୁ ଜମା କରାଯାଇଥିବା ଟିକସ ବି ଦେଖିପାରିବେ ।
(୫) ଟ୍ରେଡ୍ ଲାଇସେନ୍ସ :- ଟ୍ରେଡ୍ ଲାଇସେନ୍ସ ପାଇଁ **Sujog.odisha.gov.in site**କୁ ଯାଇ ଅନ୍‌ଲାଇନ୍ ଟ୍ରେଡ୍ ଲାଇସେନ୍ସ କରିପାରିବେ ଓ ନବିକରଣ (**Renwal**) ମଧ୍ୟ କରିପାରିବେ ।

ଶ୍ରୀ ଜେ.ସୋନାଲ,
ଭା.ପ୍ର.ସେ
କମିଶନର
ବ୍ରହ୍ମପୁର ମହାନଗର ନିଗମ

ଶ୍ରୀ ଇ. ବିବେକ୍ ରେଡ୍ଡୀ
ଡେପୁଟି ମେୟର
ଓ ସମସ୍ତ କର୍ପୋରେଟର ବୃନ୍ଦ
ବ୍ରହ୍ମପୁର ମହାନଗର ନିଗମ

ଶ୍ରୀମତୀ ସଂଘମିତ୍ରା ଦଳେଇ,
ମେୟର
ବ୍ରହ୍ମପୁର ମହାନଗର ନିଗମ

# ସ୍ୱାୟତ୍ତ ଶାସନ ଦିବସ ୨୦୨୩

## ବିକାଶ ପଥେ "ନୀଳଗିରି ବିଜ୍ଞାପିତ ଅଂଚଳ ପରିଷଦ" ନୀଳଗିରି

୧. ନୀଳଗିରି ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସହିତ ବୃକ୍ଷରୋପଣ କରି ପରିବେଶକୁ ସୁସ୍ଥ ରଖନ୍ତୁ ।
୨. ପରିଷଦର ଟିକସ ଠିକ୍ ସମୟରେ ପୈଠ କରି ଆର୍ଥିକ ସ୍ଥିତିକୁ ମଜବୁତ୍ କରାନ୍ତୁ ।
୩. ପରିଷଦର ସମ୍ପତି ଆପଣଙ୍କର, ଏହାର ସୁରକ୍ଷା ଏବଂ ନିରାପତା ଆପଣଙ୍କର ନୈତିକ ଦାୟିତ୍ୱ ।
୪. ରାସ୍ତା ପାର୍ଶ୍ୱ ଓ ନାଳ ଉପରେ କ୍ୟାବିନ୍ କିମ୍ୱା ଗୃହ ନିର୍ମାଣ ଜିନିଷ ଜମା କରି ରସ୍ତା ଅବରୋଧ କରନ୍ତୁ ନାହିଁ ।
୫. ଗୃହପାଳିତ ପଶୁ ଯଥା - ଗାଇ, ଗୋରୁ, ଛେଳି, ମେଣ୍ଢାମାନଙ୍କୁ ରାସ୍ତାରେ ବୁଲିବାକୁ ଦିଅନ୍ତୁ ନାହିଁ । ନଚେତ୍ କାଞ୍ଜିଆ ହୁଦାକୁ ଅଯଥା ଜରିମାନା ଦେବାକୁ ପଡ଼ିବ ।
୬. ନିଜ ନିଜର ଅଳିଆ ଆବର୍ଜନାକୁ ନାଳ କିମ୍ୱା ସର୍ବସାଧାରଣ ରାସ୍ତାରେ ନପକାଇ ଘରକୁ ଘର ବୁଲି ଅଳିଆ ଆଣୁଥିବା କର୍ମଚାରୀଙ୍କୁ ପ୍ରଦାନ କରନ୍ତୁ ।

ଶ୍ରୀମତୀ ଅମ୍ବିକା ଦାସ
ନଗରପାଳ,
ବିଜ୍ଞାପିତ ଅଂଚଳ ପରିଷଦ
ନୀଳଗିରି

ଶ୍ରୀ ଅକ୍ଷୟ କୁମାର ବଡୁ
କାର୍ଯ୍ୟ ନିର୍ବାହୀ ଅଧିକାରୀ,
ବିଜ୍ଞାପିତ ଅଂଚଳ ପରିଷଦ,
ନୀଳଗିରି

ଶ୍ରୀମତୀ ମହେନ୍ଦ୍ର ନାଥ ବେହେରା
ଉପ-ନଗରପାଳ, ସଭ୍ୟ/ ସଭ୍ୟ ବୃନ୍ଦ ବିଜ୍ଞାପିତ ଅଂଚଳ ପରିଷଦ,
ନୀଳଗିରି

TRANSPARENCY TECHNOLOGY TEAMWORK TIME TRANSFORMATION

# ପବିତ୍ର ସ୍ୱାୟତ୍ତଶାସନ ଦିବସ ଅବସରରେ ବାରିପଦାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ

ଆସନ୍ତୁ ସମସ୍ତେ ମିଶି ବାରିପଦା ସହରକୁ ସ୍ୱଚ୍ଛ ଓ ସୁନ୍ଦର ଭାବେ ଗଢିବା ପାଇଁ ସଂକଳ୍ପ ନେବା।

ସୀମା ଦାସ
ଉପ-ନଗରପାଳ
ଓ ସମସ୍ତ କାଉନସିଲର ବୃନ୍ଦ
ବାରିପଦା ପୌରପରିଷଦ

ଶ୍ରୀ ବସନ୍ତ କୁମାର ସେଠୀ (ଓ.ଏ.ଏସ) (ଏସ)
ନିର୍ବାହୀ ଅଧିକାରୀ ବାରିପଦା ପୌରପରିଷଦ

କୃଷ୍ଣାନନ୍ଦ ମହାନ୍ତି
ନଗରପାଳ, ବାରିପଦା ପୌରପରିଷଦ

# ପୌରପରିଷଦ ହିଞ୍ଜିଳିକାଟୁ

## ନିବେଦନ ବାର୍ତ୍ତା

ପବିତ୍ର ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ଅବସରରେ ହିଞ୍ଜିଳିକାଟୁ ପୌରପରିଷଦକୁ ସ୍ୱଚ୍ଛ ଓ ସୁନ୍ଦର ସହରରେ ପରିଗଣିତ କରିବା ନିମନ୍ତେ ସମସ୍ତ ଜନସାଧାରଣଙ୍କୁ ନିବେଦନ କରଯାଉଅଛି ଯେ...

●ବ୍ୟବସାୟୀମାନେ ନିଜ ପ୍ରତିଷ୍ଠାନର ଟ୍ରେଡ୍ ଲାଇସେନ୍ସ ୧୫.୦୯.୨୩ ସୁଦ୍ଧା କରାଇ ନିଅନ୍ତୁ।
●ପ୍ରତ୍ୟେକ ଦୋକାନୀ ନିଜ ଦୋକାନର ୫ ମିଟର ଏରିଆ ସଫା ରଖନ୍ତୁ।
●ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ, ଗୃହ ମାଲିକମାନେ ସବୁଜ ଓ ନୀଳ ରଙ୍ଗର ଡଷ୍ଟବିନ୍ ବ୍ୟବହାର କରନ୍ତୁ।
●ବ୍ୟବସାୟିକ ପ୍ରତିଷ୍ଠାନ ଗୃହ ମାଲିକମାନେ ଏକକ ବ୍ୟବହାର(**Single Use**) ପ୍ଲାଷ୍ଟିକ ବ୍ୟବହାର କରନ୍ତୁ ନାହିଁ।
●ଗୃହ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ପୌରପରିଷଦ ନିକଟରେ ଗୃହ ନକ୍ସା ମଂଜୁର କରାନ୍ତୁ।
●ଘରର ଭଗ୍ନାବଶେଷ ବର୍ଜ୍ୟବସ୍ତୁ ଓ ବାଲି, ଇଟା, ଗୋଡ଼ି ଇତ୍ୟାଦି ରାସ୍ତାରେ ଜମା କରନ୍ତୁ ନାହିଁ।
●ଗୃହ ପାଳିତ ପଶୁଙ୍କୁ ରାସ୍ତାରେ ଛାଡ଼ନ୍ତୁ ନାହିଁ।
●ମ୍ୟୁନିସିପାଲଟିର ସମସ୍ତ ସେବା ଓ ଅଭିଯୋଗ ନିମନ୍ତେ ସଫା ଆପ୍ ଏବଂ ମ୍ୟୁନିସିପାଲଟି ୱେବ୍ ସାଇଟ୍ ବ୍ୟବହାର କରନ୍ତୁ।

ସ୍ୱା/- ଅଧ୍ୟକ୍ଷ
ପୌରପରିଷଦ, ହିଞ୍ଜିଳିକାଟୁ, ଗଞ୍ଜାମ

# ଜେ.ଏସ.ଡବ୍ଲୁ ଫାଉଣ୍ଡେସନ ସ୍ଥାନୀୟ ଯୁବକମାନଙ୍କୁ ବନ୍ଦର ଭିତ୍ତିକ କାର୍ଗୋ ପରିଚାଳନା କୌଶଳ ବୃଦ୍ଧି ତାଲିମ ଓ ନିଯୁକ୍ତି ସହାୟତା ପ୍ରଦାନ




ପାରାଦ୍ୱୀପ, ୩୦/୦୮ (ନି.ପ୍ର): ଜେ.ଏସ.ଡବ୍ଲୁ ସମୂହର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକାରୀ ଅନୁଷ୍ଠାନ ଜେ.ଏସ.ଡବ୍ଲୁ ଫାଉଣ୍ଡେସନ୍ ଦ୍ୱାରା ଜଗତସିଂହପୁର ଏବଂ ପାଖ ଜିଲ୍ଲାର ବେରୋଜଗାର ଯୁବକ ମାନଙ୍କ ପାଇଁ ବନ୍ଦର ଭିତ୍ତିକ କାର୍ଗୋ ପରିଚାଳନା ଏବଂ ଲଜିଷ୍ଟିକ୍ସ ସମ୍ବନ୍ଧୀୟ କୌଶଳ ବୃଦ୍ଧି ତାଲିମ ଓ ନିଯୁକ୍ତି ସହାୟତା ପ୍ରଦାନ କରିବା ଦିଗରେ କାର୍ଯ୍ୟ କରୁଅଛି । ଯୁବକମାନଙ୍କର ତାଲିମ ଏବଂ ଦକ୍ଷତା ବିକାଶ ସେମାନଙ୍କୁ ବନ୍ଦର ଭିତ୍ତିକ କାର୍ଗୋ ପରିଚାଳନା ଏବଂ ଲଜିଷ୍ଟିକ୍ ଶିଳ୍ପ ପାଇଁ ଦକ୍ଷ କୁଶଳୀ ଏବଂ ଅର୍ଦ୍ଧ-କୁଶଳୀ ବର୍ଗରେ ନିଯୁକ୍ତି ସୁଯୋଗ ଆଣିଦେବରେ ସହାୟକ ହେବ, ଏଥିସହିତ ଉପରୋକ୍ତ କ୍ଷେତ୍ରରେ କାର୍ଯ୍ୟ କରୁଥିବା କମ୍ପାନୀ ମାନଙ୍କୁ ସହଜରେ ଦକ୍ଷ, କୁଶଳୀ ଏବଂ ଅର୍ଦ୍ଧ-କୁଶଳୀ ବର୍ଗରେ ମାନବସମ୍ବଳ ପାଇବାରେ ସେମାନଙ୍କୁ ସାହାଯ୍ୟ କରିବ । ଜାତୀୟ ସ୍ତରୀୟ ଅଗ୍ରଣୀ ଅନୁଷ୍ଠାନ ଟେକ ମହିନ୍ଦ୍ରା ଫାଉଣ୍ଡେସନ ଦ୍ୱାରା ପରିଚାଳିତ ଟେକ ମହିନ୍ଦ୍ରା ସ୍ମାର୍ଟ ଏକାଡେମୀ, ବିଶାଖାପାଟଣା ସହ ଏଥି ନିମନ୍ତେ ଜେ.ଏସ.ଡବ୍ଲୁ ଫାଉଣ୍ଡେସନ୍ ଚୁକ୍ତିପତ୍ର ସ୍ୱାକ୍ଷର କରିଅଛି । ପ୍ରଥମ ପର୍ଯ୍ୟାୟରେ ସଫଳତାର ସହ ତାଲିମ ସମ୍ପୂର୍ଣ୍ଣ କରିଥିବା ୨୫ ଜଣ ଯୁବକଙ୍କୁ ଟେକ ମହିନ୍ଦ୍ରା ସ୍ମାର୍ଟ ଏକାଡେମୀ, ବିଶାଖାପାଟଣା ଦ୍ୱାରା ଇର୍ଣ୍ଟର୍ନସିପ୍ ଏବଂ ଚାକିରି ସହାୟତା ପ୍ରଦାନ କରାଯାଇଅଛି, ଯାହାଦ୍ୱାରା ସେମାନେ ବିଭିନ୍ନ ରାଜ୍ୟରେ ବନ୍ଦର ଭିତ୍ତିକ କାର୍ଗୋ ପରିଚାଳନା ଏବଂ ଲଜିଷ୍ଟିକ୍ସ କ୍ଷେତ୍ରରେ କାର୍ଯ୍ୟ କରୁଥିବା କମ୍ପାନୀଗୁଡିକରେ କୁଶଳୀ ଏବଂ ଅର୍ଦ୍ଧ-କୁଶଳୀ ବର୍ଗରେ ନିଯୁକ୍ତି ପାଇଁ ଅଛନ୍ତି । ଉକ୍ତ ସଫଳତାକୁ ଦୃଷ୍ଟିରେ ରଖି ଦ୍ୱିତୀୟ ପର୍ଯ୍ୟାୟରେ ବିଗତ ଅଗଷ୍ଟ ପ୍ରଥମ ସପ୍ତାହରେ ୨୪ ଜଣ ଯୁବକଙ୍କୁ ଚୟନ କରାଯାଇ ବନ୍ଦର ଭିତ୍ତିକ କାର୍ଗୋ ପରିଚାଳନା ଏବଂ ଲଜିଷ୍ଟିକ୍ସ ସମ୍ବନ୍ଧୀୟ କୌଶଳ ବୃଦ୍ଧି ତାଲିମ ପାଇଁ ଟେକ ମହିନ୍ଦ୍ରା ସ୍ମାର୍ଟ ଏକାଡେମୀ, ବିଶାଖାପାଟଣା ପଠାଯାଇଅଛି । ଜେ.ଏସ.ଡବ୍ଲୁ ଫାଉଣ୍ଡେସନ୍ ତରଫରୁ ଜଗତସିଂହପୁର ଓ ନିକଟବର୍ତ୍ତୀ ଜିଲ୍ଲା ମାନଙ୍କର ବେରୋଜଗାର ଯୁବକ ମାନଙ୍କ ପାଇଁ ଏହି କ୍ଷେତ୍ରରେ ନିୟମିତ ଭାବେ କୌଶଳ ବୃଦ୍ଧି ତାଲିମ ଓ ନିଯୁକ୍ତି ସହାୟତା ଦେବାପାଇଁ ପ୍ରୟାସ ଜାରିରଖିଛି ।


# ଜଳେଶ୍ୱର ପୌର ପାଳିକା, ଜଳେଶ୍ୱର

ଜଳେଶ୍ୱର ପୌରପାଳିକା ସହରବାସୀଙ୍କୁ ଶୁଭେଚ୍ଛା ଜ୍ଞାପନ ପୂର୍ବକ ନିମ୍ନ ଲିଖିତ କାର୍ଯ୍ୟ କ୍ରମରେ ଜନ ସାଧାରଣଙ୍କ ସହଯୋଗ କାମନା କରୁଅଛି। ଆସନ୍ତୁ ପୌରାଞ୍ଚଳର ସର୍ବାଙ୍ଗୀନ ଉନ୍ନତି ପାଇଁ ଏକତାବଦ୍ଧ ହୋଇ କାର୍ଯ୍ୟ କରିବା ।

୧) ଆପଣଙ୍କ ପ୍ରଦତ୍ତ ଟିକସ ସହରର ବିକାଶ ମୂଳକ କାର୍ଯ୍ୟରେ ଲାଗିଥାଏ । ଏଣୁ ପରିଷଦର ଦେୟ ଯଥା ସମୟରେ ପଇଠ କରନ୍ତୁ ।
୨) ଅଳିଆ ଆବର୍ଜନାକୁ ଏଣେ ତେଣେ ନ ଫିଙ୍ଗି ପୌର ପାଳିକରୁ ଆସୁଥିବା ଅଳିଆ ସଂଗ୍ରହ ଗାଡିରେ ଅଲଗା ଅଲଗା କରି ଦିଅନ୍ତୁ ।
୩) ପଲିଥିନ ଓ ଏକକ ବ୍ୟବହୃତ ପ୍ଲାଷ୍ଟିକକୁ ବର୍ଜନ କରି ଜଳେଶ୍ୱର ପୌରପାଳିକାକୁ ପଲିଥିନ ମୁକ୍ତ ସହର ଭାବେ ପରିଗଣନା କରନ୍ତୁ ।
୪) ପାଇଖାନା କିମ୍ବା ସେପଟିକ ଟାଙ୍କର ପାଇପକୁ ସିଧା ସଳଖ ଭାବରେ ଡ୍ରେନକୁ ସଂଯୋଗ କରନ୍ତୁ ନାହିଁ ।
୫) ସ୍ୱଚ୍ଛତା ଆପ ବ୍ୟବହାର କରି ସ୍ୱଚ୍ଛତା ସମ୍ପର୍କିତ ଖବର ପୌରପାଳିକାକୁ ଜଣାଇବା ସହ ସ୍ୱଚ୍ଛ ସର୍ବେକ୍ଷଣ – ୨୦୨୩ ପାଇଁ **feedback** ଦିଅନ୍ତୁ।
୬) ସର୍ବସାଧାରଣଙ୍କ ରାସ୍ତା ଉପରେ, ନାଳ ନର୍ଦ୍ଦମା ଇତ୍ୟାଦିରେ କୌଣସି ବର୍ଜ୍ୟ ବସ୍ତୁ ତଥା ଗୃହ ନିର୍ମାଣ ସାମଗ୍ରୀ ଇତ୍ୟାଦି ପକାଇ ଅବରୋଧ କରନ୍ତୁ ନାହିଁ।
୭) ନିଜ ପଟ୍ଟା ଭୁକ୍ତ ଜମିରେ ଘର ନିର୍ମାଣ କରିବା ପୂର୍ବରୁ ପରିଷଦରୁ ଅନୁମତି ନେଇ ନିର୍ମାଣ କରନ୍ତୁ ।
୮) ସରକାରୀ ଓ ସର୍ବସାଧାରଣଙ୍କ ଜାଗାକୁ ଜବର ଦଖଲ କରନ୍ତୁ ନାହିଁ ।
୯) ଟ୍ରାଫିକ ନିୟମ ପାଳନ କରନ୍ତୁ ଏବଂ ନିର୍ଦ୍ଦିଷ୍ଟ ସ୍ଥାନରେ ଯାନବାହାନ ପାର୍କିଂ କରନ୍ତୁ ।
୧୦) ଡେଙ୍ଗୁ, ମ୍ୟାଲେରିଆ ଡାଇରିଆ ଓ ସ୍ୱାଇନ ଫ୍ଲୁ ପ୍ରଭୃତି ରୋଗରୁ ମୁକ୍ତି ପାଇବା ପାଇଁ ନିଜ ଘରର ପରିବେଶକୁ ସଫା ସୁତୁରା ରଖିବା ସଙ୍ଗେ ସଙ୍ଗେ ଉପରୋକ୍ତ ରୋଗ ଗୁଡିକ ପୌରାଞ୍ଚଳରେ ଦେଖା ଦେଲେ ତୁରନ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ସହିତ ଯୋଗାଯୋଗ କରନ୍ତୁ ଏବଂ ଟେଙ୍ଗ ଓ ଗୁଣି ଗାରେଡ଼ି ଅନ୍ଧ ବିଶ୍ୱାସ ଠାରୁ ଦୂରେଇ ରୁହନ୍ତୁ ।

ଶ୍ରୀ ପ୍ରତିପ କୁମାର ପ୍ରଧାନ
ଜଳେଶ୍ୱର ପୌରପାଳିକା

ଶ୍ରୀମତୀ ପୁଷ୍ପପ୍ରିୟା କାମିଲା
ଜଳେଶ୍ୱର ପୌରପାଳିକା

ଶ୍ରୀ ଅଜୟ କୁମାର ମହାପାତ୍ର
ଜଳେଶ୍ୱର ପୌରପାଳିକା

ଏବଂ ପରିଷଦର ସମସ୍ତ ସଭ୍ୟ / ସଭ୍ୟା
ଜଳେଶ୍ୱର ପୌରପାଳିକା


# ଓଡ଼ିଆ ବର୍ଣ୍ଣମାଳାକୁ ହତ୍ୟାପାଇଁ ଚାଲିଛି ଉଦ୍ୟମ : ଏକଲ ଅଭିଯାନ



ଉଦଳା , ୩୦/୦୮ (ନି.ପ୍ର): ଓଡ଼ିଆ ବର୍ଣ୍ଣମାଳାକୁ ହତ୍ୟାକରି ଜୀବନରୁ ମାରିଦେବା ପାଇଁ ଉଦ୍ୟମ ଚାଲିଛି ବୋଲି ଏକଲ ଅଭିଯାନର ଆଚାର୍ଯ୍ୟା ଗିତାପ୍ରଭାସିନି ପାଢ଼ି ଓ ରିତାଳି ପ୍ରଧାନ ଅଭିଯୋଗ କରିଛନ୍ତି । ସେମାନେ କହିଛନ୍ତି ଏଥିପ୍ରତି ବର୍ତମାନରୁ ସତର୍କତା ଅବଲମ୍ବନ କରାନଗଲେ ଆଉ ଖୁବ୍ ଅଳ୍ପଦିନ ମଧ୍ୟରେ ଓଡ଼ିଆ ବର୍ଣ୍ଣମାଳାର ବ୍ୟବହାର ସମ୍ପୂର୍ଣ୍ଣ ଲୋପ ପାଇଯିବ । ପରେ ଯେଉଁ ଗବେଷକ ମାନେ ଆସିବେ ସେମାନେ ଓଡ଼ିଆ ବର୍ଣ୍ଣମାଳା ବିଷୟରେ ଜାଣିବାକୁ ଚାହିଁବେ ତାଙ୍କୁ ସଂଗ୍ରହାଳୟକୁ ଯିବାକୁ ପଡ଼ିବ । ଏ କ୍ଷେତ୍ରରେ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ମାନେ ମୁଖ୍ୟ ଭୂମିକା ନେଉଥିବାର ସେମାନେ ଜଣାଇଛନ୍ତି । ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଅଧିକାଂଶ ପିଲା ଅଛନ୍ତି ଯେଉଁମାନେ କି ଓଡ଼ିଆରେ ବେଶ ସ୍ପଷ୍ଟ କଥାବାର୍ତା କରୁଛନ୍ତି, ଓଡ଼ିଆ ଭାଷା ବୁଝୁଛନ୍ତି କିନ୍ତୁ ଓଡ଼ିଆ ଲିପିରେ ଲେଖାଥିବା ପୁସ୍ତକ କିମ୍ବା ଖବରକାଗଜ ସେମାନେ ଆଦୌ ପଢ଼ିପାରୁ ନାହାଁନ୍ତି । କାରଣ ସେମାନେ ଓଡ଼ିଆ ଲିପି ସହିତ ପରିଚିତ ନୁହଁନ୍ତି । ଓଡ଼ିଆରେ ତାଙ୍କୁ କିଛି ଲେଖିବା ପାଇଁ କହିଲେ ସେମାନେ ଇଂରାଜୀ କିମ୍ବା ଦେବନାଗରି ଲିପିକୁ ବ୍ୟବହାର କରୁଛନ୍ତି । ଏଇଭଳି ପିଲାଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି ଏବଂ ଓଡ଼ିଆ ବର୍ଣ୍ଣମାଳା ପ୍ରତି ଘୋର ବିପଦ ମାଡ଼ି ଆସୁଛି । ଏହାକୁ ହତ୍ୟା କରି ଜୀବନରୁ ମାରିଦେବା ପାଇଁ ଉଦ୍ୟମ ଚାଲିଛି ବୋଲି ସେମାନେ କହିଛନ୍ତି । ସବୁଠି ଓଡ଼ିଆ ବର୍ଣ୍ଣମାଳାର ବ୍ୟବହାର ପାଇଁ ଓଡ଼ିଶା ସରକାର ତୁରନ୍ତ ଉଦ୍ୟମ କରନ୍ତୁ ବୋଲି ସେମାନେ ଅନୁରୋଧ ଜଣାଇଛନ୍ତି ।

# ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ତରଫରୁ ଉତ୍କଳ ବାଳାଶ୍ରମରେ ରକ୍ଷାବନ୍ଧନ ଉତ୍ସବ ଅନୁଷ୍ଠିତ



ବାଲେଶ୍ୱର, ୩୦/୦୮ (ନି.ପ୍ର): ଆଜି ପବିତ୍ର ରକ୍ଷାବନ୍ଧନ ଉତ୍ସବ ପାଳନ ଅବସରରେ ବାଲେଶ୍ୱର ସଦର ବିଜୁ ଜନତା ଦଳ ପକ୍ଷରୁ ଉତ୍କଳ ବାଳାଶ୍ରମରେ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି ।ଏହି ଉତ୍ସବରେ ସଦର ବିଧାୟକ ଶ୍ରୀଯୁକ୍ତ ସ୍ୱରୂପ କୁମାର ଦାସ ଯୋଗଦେଇ ଏହି ପିଲାଙ୍କ ସହ ରକ୍ଷାବନ୍ଧନ ଭଳି ପର୍ବ ପାଳନ କରିବା ନିଶ୍ଚିତ ଖୁସି ପ୍ରଦାନ କରିଛି,ଏହି ଖୁସିକୁ ବର୍ଣ୍ଣନା କରିବା ଅସମ୍ଭବ ।ଏହି କାର୍ଯ୍ୟକ୍ରମରେ ମହିଳା କାଉନସିଲର ମାନେ ଯୋଗଦେଇ ଅନ୍ତେବାସୀ ମାନଙ୍କୁ ରାଖୀ ବାନ୍ଧିବା ସହ ମିଷ୍ଟାନ୍ନ ବଣ୍ଟନ କରି ସେମାନଙ୍କ ମଙ୍ଗଳ କାମନା କରିଥିଲେ। ବାଲେଶ୍ୱର ପୌରପରିଷଦ ଉପାଧ୍ୟକ୍ଷ କୈଳାସ ଚନ୍ଦ୍ର ସେଠୀ, ପୂର୍ବତନ ଉପ ନଗରପାଳ ମନୋଜ ରାଉତ, କାଉନସିଲର ମୀନା ମହାନ୍ତି, ମୀତା ପଟ୍ଟନାୟକ, କବିତା ମୃମୁ, ମିରାଜ ବାନୋ, ଆର୍ପିତା ପ୍ରିୟଦର୍ଶିନୀ ପଟ୍ଟନାୟକ, ସେକ ଆୟୁବ, ସଦର ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ଏସ କେ ଅନସର, ଯୁବ ଜୋନାଲ ସାଧାରଣ ସମ୍ପାଦକ ତଥା ସଦର ବିଜେଡି ମିଡ଼ିଆ ସଂଯୋଜକ ଧିରେନ ନାୟକ, ସଦର ବ୍ଲକ ବିଜେଡି ସଭାପତି ବସନ୍ତ ପଣ୍ଡା,ପୂର୍ବତନ କାଉନସିଲର କୈଳାସ ଦାଶ, ରମେଶ ମାଝି, ସଂଜୟ ବେହେରା, ରାଜଲକ୍ଷ୍ମୀ ଚଟାର୍ଜୀ,ଶ୍ରେଷ୍ଠାଶ୍ରୀ ଦାସ, ଜଗନ୍ନାଥ ମହାରଣା, ଅତୁଲ ଶତପଥୀ, ମହିଳା ରାଜ୍ୟ ସମ୍ପାଦିକା ଦୀପାରାଣୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


# ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ

ଆସନ୍ତା ତା-୩୧.୦୮.୨୦୨୩ ଓ ତା-୦୧.୦୯.୨୦୨୩ ରିଖରେ ନିଖିଳ ଭାରତ ସ୍ୱୟତ୍ତ ଶାସନ ଦିବସ ଓ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ନିମନ୍ତେ, ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ସମସ୍ତଙ୍କୁ ଅଭିନନ୍ଦନ । ଏହି ଦିବସରେ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧିବାସୀଙ୍କ ସହଯୋଗ କାମନା କରି ସହରବାସୀଙ୍କୁ ପୌରସେବା ଯୋଗାଇଦେବା ପାଇଁ ଆମେ ସଂକଳ୍ପବଦ୍ଧ ।

୧. ପୌର ସମ୍ପତ୍ତି ଆପଣମାନଙ୍କ ସମ୍ପତ୍ତି ଏହାର ରକ୍ଷଣବେକ୍ଷଣ ଦାୟିତ୍ୱ ଆପଣମାନଙ୍କର ।
୨. ସର୍ବସାଧାରଣ ରାସ୍ତା ଓ ଡ୍ରେନରେ ଅଳିଆ ଆବର୍ଜନା ପକାନ୍ତୁ ନାହିଁ । ନିଜ ଘରେ ବାହାରୁ ଥିବା ଅଳିଆ ଓଦା ଓ ଶୁଖିଲା ଭାବେ ଅଲଗା ଅଲଗା କରି ସଫେଇ କର୍ମଚାରୀଙ୍କୁ ପ୍ରଦାନ କରନ୍ତୁ ।
୩. ନିୟମିତ ଧାର୍ଯ୍ୟ ଟିକସ ଦେଇ ପରିଷଦର ଅର୍ଥନୈତିକ ପ୍ରଗତିରେ ସହାୟକ ହୁଅନ୍ତୁ ।
୪. ପଲିଥିନ ବ୍ୟବହାର ନ କରି ପ୍ରଦୂଷଣ ମୁକ୍ତ ସହରାଞ୍ଚଳ ଗଠନରେ ସହାୟକ ହୁଅନ୍ତୁ ।
୫. ବାହାରେ ମଳତ୍ୟାଗ ନ କରି ନିଜସ୍ୱ ପାଇଖାନା ବା ଗୋଷ୍ଠୀ ଶୌଚାଳୟ ବ୍ୟବହାର କରନ୍ତୁ ।
୬. ଗୃହ ନିର୍ମାଣର ନକ୍ସା ପରିଷଦ କାର୍ଯ୍ୟାଳୟରେ ଅନୁମୋଦନ କରାଇ ନିଅନ୍ତୁ ।

ବିଦ୍ୟାରତ୍ନା ଦାସ
କାର୍ଯ୍ୟନିର୍ବାହୀ ଅଧିକାରୀ

ଲିଲି ଭୋଳ
ଉପ-ନଗରପାଳ

ପ୍ରମିଳା ପଣ୍ଡା
ନଗରପାଳ

ଓ ପରିଷଦର ସମସ୍ତ କାଉନସିଲର ବୃନ୍ଦ


# ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀଙ୍କୁ ଶିକ୍ଷୟତ୍ରୀଙ୍କ ମରଣାନ୍ତକ ଆକ୍ରମଣ
## ଅଭିଯୋଗର ତଦନ୍ତ କଲେ ଶିକ୍ଷା ବିଭାଗର ୪ ଜଣିଆ ଟିମ୍

ଜଳେଶ୍ୱର , ୩୦/୦୮ (ନି.ପ୍ର): ଜଳେଶ୍ୱର ଶିକ୍ଷା ଜିଲାର ପାଇକସିଦା ପଂଚାୟତ ଅନ୍ତର୍ଗତ କେଶପୁରା ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀଙ୍କୁ ସେହି ବିଦ୍ୟାଳୟର ଅନ୍ୟଜଣେ ଶିକ୍ଷୟତ୍ରୀ ମରଣାନ୍ତକ ଆକ୍ରମଣ ଓ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏପରି ଅଭିଯୋଗର ତଦନ୍ତ ଲାଗି ଜଳେଶ୍ୱର ଶିକ୍ଷାଜିଲାର ୪ଜଣିଆ ଟିମ୍ ତଦନ୍ତ ସାରି ଗୋଷ୍ଠି ଶିକ୍ଷାଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି।

ଘଟଣାରୁ ପ୍ରକାଶ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯାମିନୀକାନ୍ତ ମହାନ୍ତି ଦୀର୍ଘଦିନର ଅସୁସ୍ଥତାର ଚିକିତ୍ସାଲାଗି ଛୁଟିରେ ରହିଛନ୍ତି । ସବିତାରାଣୀ ଅଣ୍ଡିଆ ଭାରପ୍ରାପ୍ତ ପ୍ରଧାନଶିକ୍ଷକ କାର୍ଯ୍ୟ ତୁଲାଇ ଆସୁଥିଲେ । ସେହି ବିଦ୍ୟାଳୟର ଶିକ୍ଷୟତ୍ରୀ ନମସ୍ୟା ଦାସ ଗତ ୨୮ ତାରିଖରେ ବିଦ୍ୟାଳୟର ଏକ କୋଠରୀରେ ଦୀର୍ଘ ସମୟ ରହିବାରୁ ଏଥିନେଇ ଭାରପ୍ରାପ୍ତ ଶିକ୍ଷୟତ୍ରୀ ସବିତା ସେହି କୋଠରୀକୁ ଯାଇ ନମସ୍ୟାଙ୍କୁ ପଚାରିଥିଲେ । ନମସ୍ୟା ଉତ୍କ୍ଷିପ୍ତ ହୋଇ ସବିତାଙ୍କୁ ଦୁର୍ବ୍ୟବହାର ଓ ଆକ୍ରମଣ କରିଥିଲେ । ଫଳରେ ତାଙ୍କ ମୋବାଇଲ ଭାଂଗି ଯାଇଛି । ସବିତାଏ ସଂପର୍କରେ ଜଳେଶ୍ୱର ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଅବଗତ କରାଇଥିଲେ । ପରିଚାଳନା କମିଟି ସଭାପତି ତରୁଣ କୁମାର ଘୋଷ ଓ ଅନ୍ୟାନ୍ୟ ସଭ୍ୟଙ୍କ ସହିତ ୱାର୍ଡ ସଦସ୍ୟା ହରିପ୍ରିୟା ପାଲ ଜଳେଶ୍ୱର ବିଇଓଙ୍କୁ ଲିଖିତଭାବେ ଜଣାଇଛନ୍ତି । ଫଳରେ ଜଳେଶ୍ୱର ବିଆର୍‌ସିସି ସୁଶାନ୍ତ ଜେନା, ଏବିଇଓ ଜ୍ୟୋସ୍ନାରାଣୀ ପ୍ରଧାନ, ସିଆରସିସି ଶ୍ରୀକାନ୍ତ ଧଳ, ଅଜିତ୍ ପାତ୍ର ଘଟଣାସ୍ଥଳକୁ ଯାଇ ତଦନ୍ତ ସାରି ଫେରିଛନ୍ତି ।

# ବିଜେପିରେ ଯୋଗଦେଲେ ସମବାୟବିତ ସୁଦର୍ଶନ



ବସ୍ତା , ୩୦/୦୮ (ନି.ପ୍ର): ବସ୍ତା ବ୍ଲକ ଅନ୍ତର୍ଗତ ବରୁଣଗଡିଆ ପଞ୍ଚାୟତର କଂଗ୍ରେସ ନେତା ତଥା ବ୍ରାହ୍ମଣଦା ଭଗବତୀ ସେବା ସମବାୟ ସମିତିର ନିର୍ଦ୍ଦେଶକ ସୁଦର୍ଶନ ସାହୁ କଂଗ୍ରେସ ଦଳରୁ ଇସ୍ତଫା ଦେଇ ବିଜେପିରେ ଯୋଗ ଦେଇଛନ୍ତି ।ଗତକାଲି ଏକ ବର୍ଣ୍ଣାଢ଼୍ୟ ମିଶ୍ରଣ ପର୍ବରେ ବସ୍ତା ନିର୍ବାଚନ ମଣ୍ଡଳୀ ନେତା ଶ୍ୟାମାପ୍ରସାଦ ବେହେରାଙ୍କ ସହ ତାଙ୍କୁ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଶ୍ରୀ ସାହୁଙ୍କ ଭଳି ଜଣେ ସମବାୟବିତ ଙ୍କ ବିଜେପି ରେ ଯୋଗଦାନ ଫଳରେ ଦଳ ମଜବୁତ ହେବ ବୋଲି ମଣ୍ଡଳ ସଭାପତି ବସନ୍ତ ବାରିକ, ସାଧାରଣ ସମ୍ପାଦକ ଅଜୟ ବେହେରା, ପୂର୍ବତନ ସରପଞ୍ଚ ସୃଷ୍ଟିଧର ବେହେରା ଓ ଶଙ୍କର ଜେନା ପ୍ରମୁଖ ଆଶାପୋଷଣ କରିବାସହ ତାଙ୍କୁ ଦଳକୁ ସ୍ୱାଗତ କରିଛନ୍ତି।

# ଅବସରପ୍ରାପ୍ତ ସୈନିକଙ୍କ ହାତରେ ରାକ୍ଷୀ ବାନ୍ଧିଲେ ମନସ୍ମିତା



ଭଦ୍ରକ,୩୦।୮: ଆଜି ପବିତ୍ର ରାକ୍ଷୀ ପୂର୍ଣ୍ଣିମାକୁ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ମନସ୍ମିତା ଏକ ନିଆରା ଢଙ୍ଗରେ ପାଳନ କରିଛନ୍ତି। ଦେଶ ପାଇଁ ଜୀବନକୁ ବାଜି ଲଗେଇ ଭାରତୀୟ ସେନାରେ ରହି ରାଷ୍ଟ୍ର ପାଇଁ ସମର୍ପିତ ହୋଇ ଲଢେଇ କରିଥିବା ସୈନିକମାନଙ୍କୁ ସମ୍ମାନ ଜଣାଇ ସେମାନଙ୍କ ହାତରେ ରାକ୍ଷୀ ବାନ୍ଧିଛନ୍ତି। ଅବସରପ୍ରାପ୍ତ ସୈନିକମାନେ ଦକ୍ଷିଣେଶ୍ୱରୀ କାଳୀ ମନ୍ଦିର ପ୍ରାଙ୍ଗଣରେ ଏକଜୁଟ ହୋଇଥିଲେ। ଶ୍ରୀମତୀ ଖୁଣ୍ଟିଆ ସେମାନଙ୍କୁ ଚନ୍ଦନ ତିଳକ ଲଗାଇ ହାତରେ ରାକ୍ଷୀ ବାନ୍ଧି ଶୁଭ ମନାସିଥିଲେ। ସୈନିକମାନେ ଦେଶର ସର୍ବୋଚ୍ଚ ସମ୍ମାନର ଅଧିକାରୀ। ଯେଉଁମାନଙ୍କ ପାଇଁ ଆମେ ଶାନ୍ତିରେ ଜୀବନ ଯାପନ କରିପାରୁଛୁ। ପ୍ରିୟ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ସୈନିକମାନଙ୍କ ପାଇଁ ଦିନରାତି ଚିନ୍ତା କରୁଛନ୍ତି। ସେମାନଙ୍କ ପରିବାରର ସୁରକ୍ଷା ନିମିତ୍ତ ପ୍ରଧାନମନ୍ତ୍ରୀ ସଂକଳ୍ପବଦ୍ଧ। ରାଷ୍ଟ୍ରୀୟତାବାଦ ତଥା ରାଷ୍ଟ୍ରଭକ୍ତିକୁ ସମ୍ମାନ ଦେଉଥିବା ପ୍ରଧାନମନ୍ତ୍ରୀ ସଦାସର୍ବଦା ଦେଶ ହିତରେ କାର୍ଯ୍ୟରତ ସୈନକଙ୍କୁ ମଧ ସେହି ସମାନ ଦୃଷ୍ଟିରେ ଭକ୍ତି କରିଥାଆନ୍ତି ବୋଲି ଖୁଣ୍ଟିଆ କହିଥିଲେ। ଏହି ରକ୍ଷାବନ୍ଧନ କାର୍ଯ୍ୟକ୍ରମରେ ସୈନିକ ସଂଘର ସଭାପତି ରୋହିତ କୁମାର ରାୟ, ଅଶୋକ କୁମାର ପାତ୍ର, ସୁରେଶ ନାୟକ, ସୁବାସ ଚନ୍ଦ୍ର ଲେଙ୍କା, ରମେଶ ଚନ୍ଦ୍ର ଦାସ, ତ୍ରୈଲୋକ୍ୟ ନାଥ ଦ୍ୱିବେଦୀ, ବିଜୟ ବାରିକ, କରୁଣାକର ପରିଡ଼ା, ଅମିୟ ଦାସ ପ୍ରମୁଖଙ୍କୁ ଶ୍ରୀମତୀ ଖୁଣ୍ଟିଆଙ୍କ ସମେତ ସୁମିତ୍ରା ପାଣି, ପଦ୍ମିନୀ ଦ୍ୱିବେଦୀ, ଗୀତାରାଣୀ ଜେନା, ମଧୁସ୍ମିତା ଦାସ, ଦିଲିପ ସାହୁ, ଶଶୀ ସାହୁ, ସୀତାକାନ୍ତ, ଚନ୍ଦନ ନାୟକ ପ୍ରମୁଖ ରାକ୍ଷୀ ବାନ୍ଧିଥିଲେ।

# ଜିଲ୍ଲାସ୍ତରୀୟ ଜାତୀୟ କ୍ରୀଡା ଦିବସ ପାଳିତ



ବାରିପଦା, ୩୦/୦୮ (ନି.ପ୍ର): ଜିଲ୍ଲା ପ୍ରଶାସନ, ଜିଲ୍ଲା କ୍ରୀଡା ବିଭାଗ, ମୟୁରଭଞ୍ଜ ଏଥଲେଟିକ ଏସୋସିଏସନ ଓ ଜିଲ୍ଲା ହକି ଏସୋସିଏସନ ଆନୁକୂଲ୍ୟରେ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି. ଆଜି ସକାଳେ ଜିଲ୍ଲା କ୍ରୀଡା ଅଧିକାରୀ ଅବନୀ ମୋହନ ମହାନ୍ତିଙ୍କ ନେତୃତ୍ୱରେ ସ୍ଥାନୀୟ ବାରିପଦା ଷ୍ଟାଡିୟମ ଠାରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଏମକେସି ଉଚ୍ଚ ବିଦ୍ୟାଳୟ, ବାରିପଦା କଲେଜ, ପିସିପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସ୍ୱାମୀ ବିବେକାନନ୍ଦ ଯୋଗ ରିସର୍ଚ୍ଚ ସେଣ୍ଟର, ସ୍ପୋର୍ଟସ ହଷ୍ଟେଲ ଓ ଲାଲଟୁ ଇଣ୍ଡିପେଣ୍ଡେଟସ ସ୍ପୋର୍ଟସ ଗ୍ରୁପର ପ୍ରାୟ ୨୦୦ ରୁଅଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିବା ବେଳେ, ମୁଖ୍ୟ ଅତିଥି ଭାବେ ବାରିପଦା ଉପ ଜିଲ୍ଲାପାଳ ଇଶ୍ୱର ଚନ୍ଦ୍ର ନାଏକ ଯୋଗଦେଇ ମେଜର ଧ୍ୟାନଚାନ୍ଦ ହକିର ପ୍ରବାଦ ପୁରୁଷ ଥିଲେ ବୋଲି କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ଉପ ସଭାପତି ବିବେକାନନ୍ଦ ପଟ୍ଟନାୟକ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ସହ ସମ୍ପାଦକ ଅମର କୁମାର ସେଠି, ବୈଦ୍ୟନାଥ ରଥ, ଅଶୋକ କୁମାର ପଟ୍ଟନାୟକ, କ୍ରୀଡ଼ାବିତ ବିଜୟ କୁମାର ଦାସ, ଉମେଶ ସାହୁ, ବରିଷ୍ଠ କୋଚ କୁମାର ରଞ୍ଜନ ପଣ୍ଡା ଓ ବିଶିଷ୍ଟ କ୍ରୀଡ଼ାବିତ ଦିବ୍ୟ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଚାନ୍ଦୁଆ ଏସଏସଡି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବାରିପଦା ଡିଗ୍ରୀ ମହାବିଦ୍ୟାଳୟ, ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟ ତଥା ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ବାଳକ ଓ ବାଳିକାଙ୍କୁ ନେଇ ଗଠିତ ଦଳ ମଧ୍ୟରେ ପ୍ରଦର୍ଶନୀ ହକି ମ୍ୟାଚ ଅନୁଷ୍ଠିତ ହୋଇଥିଲା।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704**

❒ Managing & Executive Editor : Srustidhar Parida
❒ Editor: Sairindhree Sahoo